JULY 23, 2026
THURSDAY, BHUBANESWAR
ଜୁଲାଇ ୨୩, ୨୦୨୬
ଗୁରୁବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 318 ବର୍ଷ- ୧ ● ସଂଖ୍ୟା- ୩୧୮ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**ସୁରକ୍ଷା ଓ ଶ୍ରଦ୍ଧାର ମହାମିଳନ**

## ଭକ୍ତଙ୍କୁ ମାର୍ଗଦର୍ଶିକା ମାନିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ବାହୁଡ଼ା ଯାତ୍ରା ପାଇଁ ପ୍ରଶାସନ ସଜାଗ



- ସୁରକ୍ଷାରେ କୌଣସି ସାଲିସ କରାଯିବ ନାହିଁ
- ଏଆଇ ନଜରରେ ଶ୍ରୀକ୍ଷେତ୍ର
- ଟିମ୍ ସ୍ପିରିଟ୍‌ରେ କାମ କରୁଛି ପ୍ରଶାସନ

ଭୁବନେଶ୍ୱର, ୨୨/୦୭ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅନ୍ୟତମ ମୁଖ୍ୟ ପର୍ବ 'ବାହୁଡ଼ା ଯାତ୍ରା' ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପବିତ୍ର ଅବସରରେ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁରକ୍ଷା ଓ ଭିଡ଼ ପରିଚାଳନା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରଥଯାତ୍ରା ଠାରୁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି। ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ସ୍ପିରିଟ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣି ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି। ବୈଠକରେ ଭିଡ ପରିଚାଳନା ଓ ନିରନ୍ତର ସୂଚନା ସଞ୍ଚାର (Information Flow) ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଭିଡରେ ଜନଗହଳିକୁ (Crowd Density) ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, CCTV ରୁ ମିଳୁଥିବା ସୂଚନାକୁ ☞ପୃଷ୍ଠା-୨

ବ୍ରହ୍ମପୁରରେ ମୁଣ୍ଡଟେକିଲା କୋଭିଡ୍

## ହସ୍ପିଟାଲରେ ୩ ଆକ୍ରାନ୍ତ ଭର୍ତ୍ତି

ବ୍ରହ୍ମପୁର, ୨୨।୦୭ (ଅକ୍ଷର ଓଡ଼ିଶା) : ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ କୋଭିଡ ସଂକ୍ରମଣ ପରେ ଏବେ ଗଞ୍ଜାମରେ ମଧ୍ୟ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିହ୍ନଟ ହୋଇଥିବା ସମସ୍ତ ତିନି ଜଣ ଆକ୍ରାନ୍ତ ମହିଳା ହୋଇଥିବା ନିର୍ଭରଯୋଗ୍ୟ ସୂତ୍ର ରୁ ସୂଚନା ମିଳିଛି । ହସ୍ପିଟାଲ ମାଇକ୍ରୋବାୟୋଲୋଜି ବିଭାଗ ଅଧିନରେ ଥିବା ରିସର୍ଚ୍ଚ ଏବଂ ଡାଇଗ୍ନୋଷ୍ଟିକ ଲାବ୍ରୋଟରୀ (ଭିଆରଡ଼ିଏଲ) ରେ ରୋଗୀଙ୍କ ନମୂନା ପରୀକ୍ଷା କରାଯାଇଥିବା ବେଳେ କୋଭିଡ ପଜିଟିଭ ଥିବା ଜଣାପଡ଼ିଥିଲା । ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଜଣେ ପ୍ରାୟ ୩୮ ବର୍ଷୀୟ ଜଣେ ମହିଳା, ଜଣେ ଯୁବତୀ ଏବଂ ଜଣେ ମେଡ଼ିକାଲ କର୍ମଚାରୀ ରହିଥିବା ସୂଚନା ମିଳିଛି । ପ୍ରାୟ ୩୮ ବର୍ଷୀୟ ମହିଳା ଜଣକ ଏମକେସିଜି ମେଡ଼ିକାଲର ଏକ ନିର୍ଦ୍ଦିଷ୍ଟ ବିଭାଗରେ ଚିକିତ୍ସାଧୀନ ଥିଲେ । ଚିକିତ୍ସା ସମୟରେ ତାଙ୍କ ଠାରେ କୋଭିଡି ସଦୃଶ ଲକ୍ଷଣ ଦେଖାଯିବା ପରେ ଡାକ୍ତର କୋଭିଡ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । ଭିଆରଡ଼ିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ପରୀକ୍ଷା ରିପୋର୍ଟରେ ସେ କୋଭିଡ ପଜିଟିଭ ଚିହ୍ନଟ ହୋଇଥିଲେ । ବର୍ତ୍ତମାନ ମେଡିକାଲ ପକ୍ଷରୁ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସଂଘରୋଧ କକ୍ଷରେ ତାଙ୍କୁ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡିଛି । ଆକ୍ରାନ୍ତଙ୍କ ମଧ୍ୟରେ ଥିବା ଡାକ୍ତରଖାନାର ଜୈନିକ କର୍ମଚାରୀ କିଛିଦିନ ଧରି ଛୁଟି ରେ ଥିବା ଜଣାପଡିଛି । ତୃତୀୟ ଆକ୍ରାନ୍ତ ଜଣେ ଯୁବତୀ ବୋଲି ଜଣା ପଡିଛି । ଏହି ଘଟଣା ପରେ ମେଡ଼ିକାଲ ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ ଚିକିତ୍ସା ସହ ଆବଶ୍ୟକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।



## ବାହୁଡ଼ା ଓ ସୁନାବେଶ ଲାଗି ଜାରି ହେଲା ଟ୍ରାଫିକ କଟକଣା




ପୁରୀ,୨୨।୭(ଅକ୍ଷର ଓଡ଼ିଶା): ମହାପ୍ରଭୁଙ୍କ ବାହୁଡାଯାତ୍ରା ଓ ସୁନାବେଶରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଜନସମାଗମକୁ ଦୃଷ୍ଟିରେ ରଖି ସୁଗମ ଯାନବାହାନ ଚଳାଚଳ ଏବଂ ପାର୍କିଂ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ସାଙ୍ଗକୁ ସ୍ୱତନ୍ତ୍ର ରୁଟ ଚାର୍ଟ ଜାରି କରାଯାଇଛି। ବ୍ରହ୍ମଗିରି, ଭୁବନେଶ୍ୱର ଏବଂ କୋଣାର୍କ ଆଦି ବିଭିନ୍ନ ଦିଗରୁ ଆସୁଥିବା ଯାନବାହାନ ପାଇଁ ପୃଥକ ରୁଟ୍ ଏବଂ ପାର୍କିଂ ବ୍ୟବସ୍ଥା କରାଯାଇଛି।ଭୁବନେଶ୍ୱରରୁ ଆସୁଥିବା ସମସ୍ତ ପର୍ଯ୍ୟଟନ ବସ୍ ଗୁଡ଼ିକ ମାଳତୀପାଟପୁରରେ ପାର୍କିଂ ପାଇଁ ଅନୁମତି ଦିଆଯିବ। ସେମାନେ ତାଳବଣିଆ,ସେଣ୍ଟ୍ରାଲ ସ୍କୁଲ,ଭୂଦାନଛକ, ଗ୍ରୀଡ ଷ୍ଟେସନ ,ବାଇଦାସନଗର, ରାମଚଣ୍ଡୀ ,କୋଣାର୍କ ଗୋପ,ନିମାପଡ଼ା ଓ ପିପିଲି ଓଭର ବ୍ରିଜ୍ ଦେଇ ଫେରିବେ। ତାଳବଣିଆ ପାର୍କିଂସ୍ଥଳ ପୂର୍ଣ୍ଣ ହୋଇଗଲେ ବସ୍ ଗୁଡ଼ିକ ଭୂଦାନଛକ ନିକଟରେ ଯାତ୍ରୀ ମାନଙ୍କୁ ଓହ୍ଲାଇଦେଇ ସ୍ୱାମୀ ନାରାୟଣ ମନ୍ଦିର ନିକଟରେ ପାର୍କିଂ କରିବେ। କୋଣାର୍କ ଆଡୁ ଆସୁଥିବା ଗାଡିଗୁଡିକ ଚନ୍ଦ୍ରଭାଗା,ରାମଚଣ୍ଡୀ, ବାଲିଘାଇ, ବାଇଦାସ ନଗର,ଗ୍ରୀଡ ଷ୍ଟେସନ,ଭୂଦାନ ,ଇଣ୍ଡୋର ଷ୍ଟାଡିୟମ ଦେଇ ତାଳବଣିଆ ବସ ଷ୍ଟାଣ୍ଡକୁ ଆସିବେ। ସେମାନେ ସେଣ୍ଟ୍ରାଲ ସ୍କୁଲ, ଭୁଦାନଛକ,ଗ୍ରୀଡ ଷ୍ଟେସନ ବାଲିଘାଇ ଦେଇ ଫେରିବେ ତାଳବଣିଆ ପାର୍କିଂ ସ୍ଥଳ ପୂର୍ଣ୍ଣ ହୋଇଗଲେ ଭୂଦାନଛକ ନିକଟରେ ଯାତ୍ରୀମାନଙ୍କୁ ଓହ୍ଲାଇଦେଇ ସ୍ୱାମୀ ନାରାୟଣ ମନ୍ଦିର ନିକଟରେ ପାର୍କିଂ କରିବେ। ବ୍ରହ୍ମଗିରି ଆଡୁ ଆସୁଥିବା ଦୁଇ ଚକିଆ ଯାନ ଗୁଡ଼ିକ ମଙ୍ଗଳାଘାଟ ଛକରୁ ଷ୍ଟର୍ଲିଂ ଛକକୁ ଯିବେ ଏବଂ ସେଠାରେ ନିର୍ଦ୍ଦିଷ୍ଟ ଯାନ ପାର୍କିଂ ଅଞ୍ଚଳ (ଷ୍ଟର୍ଲିଂ ପାର୍କି)ରେ ପାର୍କିଂ କରିବେ ଓ ସେହି ସମାନ ରାସ୍ତା ଦେଇ ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ।ସେହିପରି ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ଦୁଇ ଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ମାର୍ଗଦେଇ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ମାଟିତୋଟା ଖେଳପଡିଆର ପାର୍କିଂ କରିବେ। ସେଠାରେ ପାର୍କିଂ ସ୍ଥାନ ପୂରଣ ହୋଇଗଲେ ମଙ୍ଗଳାଘାଟ ଦେଇ ମାଟିତୋଟା ଖେଳ ପଡ଼ିଆ ପାର୍କିଂରେ ପହଞ୍ଚିପାରିବେ। ସେମାନେ ଶ୍ରୀସେତୁ ମଙ୍ଗଳା ହାଟ ଦେଇ ଫେରିବେ। ସେହିପରି ଭୁବନେଶ୍ୱର ଆଡୁ ଆସୁଥିବା ଆସୁଥିବା ଦୁଇ ଚକିଆଯାନ ଗୁଡ଼ିକ ମାଳତୀ ପାଟପୁର,ବାଟଗାଁ, ମଙ୍ଗଳା ଘାଟ ମାର୍ଗଦେଇ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ଓ ମାଟିତୋଟା ଖେଳପଡିଆରେ ପାର୍କିଂ କରିବେ। ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ କରିଥିବା ଗାଡ଼ିଗୁଡ଼ିକ ଜଟିଆ ବାବାଜୀ ଛକ,କୁମ୍ଭାରପଡ଼ା ଥାନା ଓ ବାଟଗାଁ ମାର୍ଗଦେଇ ଫେରିବେ। ଯେଉଁମାନେ ପ୍ରଥମେ ଆସିବେ ସେମାନଙ୍କୁ ☞ପୃଷ୍ଠା-୨

## ଏସ୍‌ସି/ଏସ୍‌ଟି ବର୍ଗଙ୍କୁ ମିଳିବ ତ୍ୱରିତ ନ୍ୟାୟ

**୬ ଜିଲ୍ଲାରେ ସ୍ୱତନ୍ତ୍ର ଅତିରିକ୍ତ ଜିଲ୍ଲା ଓ ସେସନ୍ସ କୋର୍ଟ**

ଭୁବନେଶ୍ୱର, ୨୨/୦୭ : ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସୁରକ୍ଷା, ସଶକ୍ତୀକରଣ ଏବଂ ସେମାନଙ୍କୁ ଆଇନଗତ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ୬ଟି ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା କୋର୍ଟ ସ୍ଥାପନ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗଏନେଇ ବିଜ୍ଞପ୍ତି ପ୍ରକାଶ କରିଛି। ରାଜ୍ୟ ଉଚ୍ଚନ୍ୟାୟାଳୟଙ୍କ ପରାମର୍ଶ ଓ ପ୍ରାରମ୍ଭିକ ଅନୁମୋଦନ ପରେ ବିଜ୍ଞପ୍ତି (୧୬୩୧୫/ହୋମ୍-ସିଏଚ୍‌ଆର୍-ସିଆର୍‌ଟିଏନ୍୨-୦୦୦୧-୨୦୧୫/ସିପିଆଣ୍ଡ ଏମ୍) ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଆଧାରରେ ଗଞ୍ଜାମ (ବ୍ରହ୍ମପୁର), ଖୋର୍ଦ୍ଧା, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ କୋର୍ଟ ସ୍ଥାପନ କରାଯିବ। ଏହି କୋର୍ଟଗୁଡ଼ିକ ଅନୁସୂଚିତ ଜାତି ଓ ଜନଜାତି (ନିର୍ଯାତନା ନିରାକରଣ) ଆଇନ ୧୯୮୯ର ମାମଲାଗୁଡ଼ିକ ବିଚାର କରିବେ। ଏହି କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା କୋର୍ଟଗୁଡ଼ିକରେ ଅଟକି ରହିଥିବା ଅନେକ ମାମଲାଗୁଡ଼ିକର ତ୍ୱରିତ ବିଚାର ହୋଇପାରିବ। ନୂଆ ସରକାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ☞ପୃଷ୍ଠା-୨

## ସୁଭଦ୍ରା ଓ କନ୍ୟା ବିବାହ ଯୋଜନା ଆବେଦନ ଖାରଜ କଲେ ଖଣ୍ଡପୀଠ

କଟକ, ୨୨/୦୭ : ରାଜ୍ୟ ସରକାରଙ୍କ ପ୍ରମୁଖ 'ସୁଭଦ୍ରା ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'କୁ ବିରୋଧ କରି ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାରେ ହସ୍ତକ୍ଷେପ କରିବାକୁ ଓଡ଼ିଶା ହାଇକୋର୍ଟ ସଫା ସଫା ମନା କରିଦେଇଛନ୍ତି। ଏହାସହ ଏହି ସଂକ୍ରାନ୍ତୀୟ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରମାକାନ୍ତ ନାୟକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି।ଦାୟର ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ସାମ୍ବିଧାନିକ ବ୍ୟବସ୍ଥା ଓ ଓଡ଼ିଶା ଫିସକାଲ ରେସପନସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ ଆଇନ, ୨୦୦୫ର ଉଲ୍ଲଙ୍ଘନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କରାଯାଇଛି। ରାଜ୍ୟର ମହିଳାଙ୍କ କଲ୍ୟାଣ ପାଇଁ ସରକାର ଏହି ଦୁଇ ଯୋଜନା ୨୦୨୪ ଓ ୨୦୨୫ରେ ☞ପୃଷ୍ଠା-୨

**ନାରୀ ସଶକ୍ତିକରଣ ଓ ସମାଜ ସଂସ୍କାରର ପ୍ରବକ୍ତା**

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୦୭ : ସ୍ୱାଧୀନତା ସଂଗ୍ରାମୀ, ପ୍ରମୁଖ ସମାଜ ସଂସ୍କାରକ ତଥା ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ମା' ରମାଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମାଜ ସଂସ୍କାର ଏବଂ ନାରୀ ସଶକ୍ତିକରଣ ଦିଗରେ ମା' ରମାଦେବୀଙ୍କ ଅବଦାନ ଅତୁଳନୀୟ। ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମା' ରମାଦେବୀ। ମା' ରମାଦେବୀଙ୍କ ଦେଶପ୍ରେମ ଓ ସମାଜସେବା ସଦାସର୍ବଦା ଆମ ସମସ୍ତଙ୍କୁ ଏକ ସଶକ୍ତ ସମାଜ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ କରିବା ଦିଗରେ ଅନୁପ୍ରାଣିତ କରିବ। ମା' ରମାଦେବୀଙ୍କ ☞ପୃଷ୍ଠା-୨

**ଓଡ଼ିଶାରେ ରେଳ ବିକାଶର ନୂଆ ଯୁଗ**

## ବଜେଟ୍ ଆବଣ୍ଟନ ୧୩ ଗୁଣ ବୃଦ୍ଧି



- ଲୋକସଭାରେ ସୂଚନା ଦେଲେ ରେଳମନ୍ତ୍ରୀ
- ୮୧,୭୩୮ କୋଟିର ବ୍ୟୟବରାଦ
- ଓଡ଼ିଶାରେ ମଞ୍ଜୁର ହେଲା ୫୫ଟି ମହତ୍ତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ
- ଅମୃତ ଭାରତ ଯୋଜନାରେ ବିକଶିତ ହେଉଛି ୫୯ ଷ୍ଟେସନ

ଭୁବନେଶ୍ୱର, ୨୨/୦୭ : ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ନିଜର ଆବଣ୍ଟନକୁ ଅଭୂତପୂର୍ବ ଭାବେ ବୃଦ୍ଧି କରିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ରାଜ୍ୟକୁ ରେଳ ବଜେଟ୍ ଆବଣ୍ଟନ ପ୍ରାୟ ୧୩ ଗୁଣ ବୃଦ୍ଧି ପାଇଛି ବୋଲି ଲୋକସଭାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ରେଳମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାକୁ ବାର୍ଷିକ ହାରାହାରି ମାତ୍ର ୮୩୮ କୋଟି ଟଙ୍କାର ବଜେଟ୍ ମିଳୁଥିବା ବେଳେ ୨୦୨୬-୨୭ ଆର୍ଥିକ ବର୍ଷରେ ଏହା ୧୦,୯୨୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ନୂଆ ରେଳ ଟ୍ରାକ୍ ନିର୍ମାଣ ହାର ମଧ୍ୟ ୩.୫ ଗୁଣ ବୃଦ୍ଧି ପାଇ ବାର୍ଷିକ ୧୮୬ ☞ପୃଷ୍ଠା-୨



**ଅକ୍ଷର**
AKHYARA ODISHA ଓଡ଼ିଶା

**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ଆନ୍ଧ୍ର ପରେ ପରେ ଓଡ଼ିଶା ମଧ୍ୟରେ
କରୋନା ପଶିଲା ଦେଖ
ମଣିଷ ଏଥର ମଣିଷକୁ ଦେଖି
ମାଡ଼ିବ ନାହିଁ ତ ପାଖ
ଆହେ ମହାପ୍ରଭୁ ରଖ
ଗରିବ ମରିବ ଛଟପଟ ହୋଇ
ଧନିଙ୍କ ପାଇଁ କି ସୁଖ

**ଢେଙ୍କାନାଳ ସଦର ବ୍ଲକର ୮ମ ସାଧାରଣ ବୈଠକ**

## ସମୃଦ୍ଧ ଗ୍ରାମାଞ୍ଚଳ ଓ ସୁଶାସନର ନୂତନ ସଂକଳ୍ପ



- ପ୍ରତ୍ୟେକ ଗାଁକୁ ଆତ୍ମନିର୍ଭରଶୀଳ ଓ ସଶକ୍ତ କରିବାକୁ ସଂକଳ୍ପ
- ବର୍ଷା ଋତୁରେ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହୁ
- ତଳି ଅଞ୍ଚଳରେ ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ଜରୁରୀ
- ଅଧିକାରୀମାନେ ଥରେ ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝନ୍ତୁ

ଢେଙ୍କାନାଳ, ୨୨/୦୭ (ବିଜ୍ଞାନ ମହାନ୍ତି): ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରର ବିକାଶ ହେଉଛି ଆଞ୍ଚଳିକ ପ୍ରଗତିର ମୂଳଦୁଆ। ଗ୍ରାମାଞ୍ଚଳର ଶେଷ ନାଗରିକ ପାଖରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଢେଙ୍କାନାଳ ସଦର ବ୍ଲକ ପରିସରସ୍ଥ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦିନ ସଦର ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ସମ୍ପ୍ରତି ବର୍ଷା ଋତୁର ଆଗମନ ଏବଂ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ମନ୍ତ୍ରୀ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନଙ୍କୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦେବା ସହ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ-ଜନସାଧାରଣ ସମ୍ପର୍କ (ଲୋକସମ୍ପର୍କ) ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ମୌସୁମୀ ବର୍ଷାର ଆଗମନ ସହ ଓଡ଼ିଶାର ଗ୍ରାମାଞ୍ଚଳଗୁଡ଼ିକରେ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ଆଶଙ୍କା ଦେଖାଦେଇଥାଏ। ଏହି ଆଶଙ୍କାକୁ ଆଖିଆଗରେ ରଖି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଆଗୁଆ ପ୍ରସ୍ତୁତ ରହିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସଦର ବ୍ଲକର ତଳି ଅଞ୍ଚଳ ଏବଂ ନଦୀକୂଳିଆ ଗ୍ରାମଗୁଡ଼ିକରେ ପୂର୍ବରୁ ସତର୍କତା ବ୍ୟବସ୍ଥା ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପରିସ୍ଥିତିରେ ଯେପରି ସାଧାରଣ ଲୋକଙ୍କୁ ଜଳବନ୍ଦୀ କିମ୍ବା ବନ୍ୟାଜନିତ ସମସ୍ୟାର ☞ପୃଷ୍ଠା-୨

'ଜନତାଙ୍କ ସେବା ଓ ଗ୍ରାମୀଣ ବିକାଶ ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ମାଧ୍ୟମରେ ଢେଙ୍କାନାଳର ପ୍ରତ୍ୟେକ ଗାଁକୁ ଆତ୍ମନିର୍ଭରଶୀଳ, ସଶକ୍ତ ଓ ସମୃଦ୍ଧ କରିବା ପାଇଁ ଆମେ ପ୍ରତିବଦ୍ଧ। ଅଧିକାରୀ ଓ ଜନପ୍ରତିନିଧିମାନେ ମାସରେ ଅତି କମ୍‌ରେ ଥରେ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ଶୁଣନ୍ତୁ ଏବଂ ତାହାର ତ୍ୱରିତ ସମାଧାନ କରନ୍ତୁ।' ସରକାର ପ୍ରଶାସନକୁ କେବଳ କାର୍ଯ୍ୟାଳୟ ମଧ୍ୟରେ ସୀମିତ ନ ରଖି ଗ୍ରାମାଭିମୁଖୀ କରିବାକୁ ଚାହୁଁଛନ୍ତି। ଯେତେବେଳେ ଜଣେ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବେ, ସେତେବେଳେ ତୃଣମୂଳ ସ୍ତରର ପ୍ରକୃତ ସମସ୍ୟା ସାମ୍ନାକୁ ଆସିପାରିବ ଏବଂ ଫାଇଲି କାମ ଅପେକ୍ଷା ବାସ୍ତବ ସମାଧାନ ପ୍ରତି ଗୁରୁତ୍ୱ ବଢ଼ିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ।



ଗୁରୁବାର ୨୩।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବାହୁଡ଼ା ଯାତ୍ରା ପାଇଁ...

ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ । ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ ହେବ । ତେଣୁ, ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ, ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୋଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୋଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂ ପ୍ରମୁଖ ଉପସ୍ଥିତ ରହି ବାହୁଡା ଓ ସୁନାବେଶ ପରିଚାଳନା ସମ୍ପର୍କରେ ମତାମତ ରଖିଥିଲେ ।

## ବାହୁଡ଼ା ଓ ସୁନାବେଶ...

ପ୍ରାଥମିକତା ଦିଆଯାଇ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପାଇଁ ଯିବାକୁ ଅନୁମତି ଦିଆଯିବ । କୋଣାର୍କ ପାର୍ଶ୍ୱରୁ ଆସିବାକୁ ଥିବା ଦୁଇ ଚକିଆ ଯାନଗୁଡ଼ିକୁ ବାଇଦାସ ନଗର, ଗ୍ରୀଡ୍ ଷ୍ଟେସନ୍, ହେଲିପ୍ୟାଡ୍, ପେଣ୍ଟକଟାଛକ, ସିଟି ରୋଡ୍ ଏବଂ ସୁବାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବିଚ୍ ଏବଂ ହୋଟେଲ ନୀଳାଚଳ ଅଶୋକ ନିକଟରେ ପାର୍କିଂ ପାଇଁ ଅନୁମତି ଦିଆଯିବ । ସେହି ଦୁଇ ଚକିଆ ଯାନଗୁଡ଼ିକ ସମାନ ରାସ୍ତା ଦେଇ ଫେରିବ । କିନ୍ତୁ ବାଇଦାସନଗର ଛକରୁ କୌଣସି ଯାନକୁ ଆରଓବି ରୋଡ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ନାମରେ ସ୍ପଷ୍ଟ କରାଯାଇଛି ।

## ଏସ୍‌ସି/ଏସ୍‌ଟି ବର୍ଗଙ୍କୁ...

ସର୍ବାଙ୍ଗୀନ ଉନ୍ନତି ଲାଗି କାର୍ଯ୍ୟ କରୁଛି: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଏହି ବିଜ୍ଞପ୍ତି ପରେ ୬ଟି ସ୍ୱତନ୍ତ୍ର କୋର୍ଟ ନିମନ୍ତେ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍‌ଙ୍କୁ ଅଧକ୍ଷ ଅଧିକାରୀ ଭାବେ ଔପଚାରିକ ନିଯୁକ୍ତି ଦେବା ପାଇଁ ଉଚ୍ଚନ୍ୟାୟାଳୟକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି । ଏହାସହ ଅନ୍ୟ ଜିଲ୍ଲାଗୁଡ଼ିକ ନିମନ୍ତେ ମଧ୍ୟ ଅତିରିକ୍ତ ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲଙ୍କ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାର ସକ୍ରିୟ ଭାବେ ସ୍ଥିତିର ସମୀକ୍ଷା କରୁଛନ୍ତି ବୋଲି ଆଜି ଗୃହ ବିଭାଗ ପକ୍ଷରୁ ଜାରି ପ୍ରେସ୍ ବାର୍ତ୍ତାରେ ସୂଚନା ଦିଆଯାଇଛି ।

## ସୁଭଦ୍ରା ଓ କନ୍ୟା ବିବାହ...

ଆରମ୍ଭ କରିଥିଲେ । ସରକାର ଏହି ଦୁଇ ଯୋଜନା ନେଇ ଘୋଷଣା କରିଥିଲେ । ଏପରି ଯୋଜନାକୁ କ୍ୟାବିନେଟ ଅନୁମୋଦନ ମିଳିଥିଲା । ଏହାପରେ କାର୍ଯ୍ୟପାଳିକା ନିର୍ଦ୍ଦେଶରେ ଏହି ଦୁଇ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ବ୍ୟବସ୍ଥାପକ ସଭା ବିନା ଅନୁମୋଦନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ । ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ଦ୍ୱାରା ରାଜ୍ୟ ରାଜକୋଷ ଉପରେ ବହୁ ଚାପ ପଡ଼ିଛି । ମହିଳାଙ୍କୁ ୫ ବର୍ଷରେ ୨୦୨୪-୨୫ରୁ ୨୦୨୮-୨୦୨୯ ମଧ୍ୟରେ ୫୦ ହଜାର ଟଙ୍କା ପ୍ରଦାନ ପାଇଁ ସୁଭଦ୍ରା ଯୋଜନାରେ ବ୍ୟବସ୍ଥା କରାଯାଇଥିଲା । ସେହିଭଳି ଭାବେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ୫ ବର୍ଷ ୨୦୨୫-୨୬ରୁ ୨୦୨୮-୨୯ ପାଇଁ କରାଯାଇଛି । ସ୍ୱଳ୍ପଆୟ ବର୍ଗ ଏହି ଯୋଜନାର ଲାଭ ପାଇଁ ଦରଖାସ୍ତ କରି ପାରିବେ ବୋଲି କୁହାଯାଇଥିଲା । ଏହି ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୩୫ ହଜାର ଟଙ୍କା ସିଧା ସଳଖ ପ୍ରଦାନ କରାଯାଉଥିବା ବେଳେ ଶାଢି ଓ ଚୁଡ଼ି ଓ ଅନ୍ୟାନ୍ୟ ବାବଦରେ ୧୦ ହଜାର ଟଙ୍କା ବ୍ୟବସ୍ଥା କରାଯାଇଛି ।ସେହିଭଳି ଭାବେ ଡେକୋରେସନ ଓ ବିବାହ ଉତ୍ସବ ଆୟୋଜନ ପାଇଁ ମଧ୍ୟ ଏହି ଯୋଜନାରେ ଅର୍ଥ ବ୍ୟବସ୍ଥା ରହିଛି । ମହିଳାଙ୍କ କଲ୍ୟାଣ ଓ ସଶକ୍ତିକରଣ ନାମରେ ଏହି ଦୁଇ ଯୋଜନାରେ ବିପୁଳ ଅର୍ଥ ସରକାର ବ୍ୟୟ କରୁଥିବା ବେଳେ ରାଜକୋଷ ଉପରେ ବ୍ୟାପକ ଚାପ ସୃଷ୍ଟି ହୋଇଛି । ଏହି ଯୋଜନାରେ ବ୍ୟୟ କରାଯାଉଥିବା ଅର୍ଥକୁ ସ୍ୱାସ୍ଥ୍ୟ, ଶିକ୍ଷା, ଅପପୁଷ୍ଟିର ମୁକାବିଲା, ଜଳସେଚନ, ଭିତ୍ତିଭୂମି ବିକାଶ ଭଳି ଦୀର୍ଘ ସୂତ୍ରୀ କାର୍ଯ୍ୟରେ ବିନିଯୋଗ ଯଦି କରାଯାଆନ୍ତା ତେବେ ରାଜ୍ୟର ଜନସାଧାରଣ ଲାଭବାନ ହୁଅନ୍ତେ । ଲୋକମାନେ ଶ୍ରମ କରିବାକୁ ପଛାଉଛନ୍ତି । ଏପରି ଯୋଜନା ସ୍ୱଳ୍ପ ମିଆଦି ରାଜନୈତିକ ଲାଭ ପାଇଁ କରାଯାଇଛି । ସାମ୍ବିଧାନିକ ବ୍ୟବସ୍ଥା ଓ ଓଏଫଆରବିଏମ ଆଇନ ଉଲ୍ଲଂଘନ କରି କାର୍ଯ୍ୟକାରୀ କରାଯାଇଥିବା ଏପରି ଦୁଇ ଯୋଜନା ବାସ୍ତବରେ ଜନସ୍ୱାର୍ଥ ବିରୋଧୀ ହୋଇଥିବାରୁ ଏହା ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା । ଅନ୍ୟପକ୍ଷରେ ଏହି ଯୋଜନା କାର୍ଯ୍ୟକାରୀ ପ୍ରସଙ୍ଗରେ କୌଣସି ଆଇନଗତ ବ୍ୟବସ୍ଥା ଉଲ୍ଲଂଘନ ହୋଇ ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ।

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ...

ଶ୍ରାଦ୍ଧ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ରାଜନେତା ତଥା ସମାଜସେବୀ ପଦ୍ମ ଚରଣ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ ନିର୍ଦ୍ଦେଶକ ଶ୍ରୀମତୀ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ମା' ରମାଦେବୀଙ୍କ ସ୍ମୃତିଚାରଣ କରିଛନ୍ତି ।

## ବଜେଟ୍ ଆବଣ୍ଟନ ୧୩...

କିଲୋମିଟରରେ ପହଞ୍ଚିଛି । ରାଜ୍ୟରେ ମୋଟ ୪,୨୫୬ କିଲୋମିଟର ଦୈର୍ଘ୍ୟର ୫୫ଟି ପ୍ରକଳ୍ପ (୧୯ଟି ନୂଆ ଲାଇନ୍ ଓ ୩୬ଟି ଦୋହରୀକରଣ) ପାଇଁ ୮୧,୭୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନିକଟରେ ଦୈତାରୀ-ବାଂଶପାଣୀ, ହରିଦାସପୁର-ପାରାଦୀପ, ସମ୍ବଲପୁର-ଟିଟିଲାଗଡ଼ ଭଳି ୩,୨୦୦ କୋଟି ଟଙ୍କାର ୧୧ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ଆହୁରି ୨୬ଟି ପ୍ରକଳ୍ପର କାମ ଜାରି ରହିଛି । ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଓଡ଼ିଶାର ୫୯ଟି ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଚାଲିଛି, ଯେଉଁଥିରୁ କଟକ, ବଲାଙ୍ଗୀର, ତାଲଚେର ସମେତ ୯ଟି ଷ୍ଟେସନର କାମ ସମ୍ପୂର୍ଣ୍ଣ ହୋଇସାରିଛି । ଭୁବନେଶ୍ୱର ଓ ପୁରୀ ଭଳି ପ୍ରମୁଖ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ କରାଯାଉଛି । ଏହାସହ ଓଡ଼ିଶାରେ ୧୨ଟି 'ଗତିଶକ୍ତି କାର୍ଗୋ ଟର୍ମିନାଲ' କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଉ ୩୬ଟିକୁ ନୀତିଗତ ମଞ୍ଜୁରି ମିଳିଛି । ଓଡ଼ିଶାର ସମ୍ପୂର୍ଣ୍ଣ ବ୍ରଡଗଜ୍ ନେଟୱର୍କର ବିଦ୍ୟୁତିକରଣ ଶେଷ ହୋଇଛି । ଯାତ୍ରୀ ସୁରକ୍ଷାକୁ ପ୍ରାଥମିକତା ଦେଇ 'କବଚ' ସ୍ୱୟଂକ୍ରିୟ ଟ୍ରେନ୍ ସୁରକ୍ଷା ପ୍ରଣାଳୀ, LHB କୋଚ୍‌ର ବ୍ୟବହାର ଏବଂ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ବ୍ୟବସ୍ଥାକୁ ବ୍ୟାପକ କରାଯାଉଛି । ରେଳ ସୁରକ୍ଷା ବଜେଟ୍‌କୁ ମଧ୍ୟ ଜାତୀୟ ସ୍ତରରେ ୧.୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାକୁ ବୃଦ୍ଧି କରାଯାଇଛି ।

## ସମୃଦ୍ଧ ଗ୍ରାମାଞ୍ଚଳ ଓ ସୁଶାସନର...

ସାମ୍ନା କରିବାକୁ ନପଡ଼େ, ସେଥିପାଇଁ ଆବଶ୍ୟକୀୟ ରିଲିଫ୍, ଜରୁରୀକାଳୀନ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା ପୂର୍ବରୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମିଳିମିଶି ବନ୍ୟା ପରିଚାଳନା ପାଇଁ ପ୍ରସ୍ତୁତି ସମୀକ୍ଷା କରିବାକୁ ଆହ୍ୱାନ ଦିଆଯାଇଛି । ଗ୍ରାମାଞ୍ଚଳର ସମସ୍ୟାକୁ ସଠିକ୍ ଭାବେ ବୁଝିବା ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ରହିବା ଏକାନ୍ତ ଆବଶ୍ୟକ । ବୈଠକର ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପଠନ କରାଯିବା ସହ ଅନୁମୋଦନ କରାଯାଇଥିଲା । ଏହାପରେ ବ୍ଲକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଓ ବିଭାଗୀୟ କାର୍ଯ୍ୟକଳାପର ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ୮ମ ସାଧାରଣ ବୈଠକରେ ଆଞ୍ଚଳିକ ବିକାଶ ପାଇଁ ଗଣପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା । ବୈଠକରେ ଉପସ୍ଥିତ ଥିବା ସମସ୍ତ ନେତୃବୃନ୍ଦ ନିଜ ନିଜ କ୍ଷେତ୍ରର ସମସ୍ୟାଗୁଡ଼ିକୁ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଶତ୍ରୁଘ୍ନ ଜେନା- ବିଧାୟକ, କାମାକ୍ଷାନଗର, କାଳନ୍ଦୀ ଚରଣ ବାରିକ - ସଦର ବ୍ଲକ ଅଧ୍ୟକ୍ଷ, ଶ୍ରୀମତୀ ଦିପ୍ତିମୟୀ ଜେନା - ଜିଲ୍ଲା ପରିଷଦ ସଭ୍ୟା (ଜୋନ୍-୪), ଅଶୋକ ପରିଡ଼ା - ଜିଲ୍ଲା ପରିଷଦ ସଭ୍ୟ (ଜୋନ୍-୩), ବିଷ୍ଣୁ ଲେଙ୍କା - ସାଂସଦଙ୍କ ପ୍ରତିନିଧି, ରାହୁଲ ମଣ୍ଡଳ - ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ୱାଧୀନ ବେହେରା - ସଦର ତହସିଲଦାର, ଏହା ବ୍ୟତୀତ ସଦର ବ୍ଲକ ଅଧୀନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ବାସ୍ତବ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ ।

ସରକାରୀ ଯୋଜନାରେ ସ୍ୱଚ୍ଛତା ଓ ସମୟାନୁବନ୍ଧିତା ଆଣିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଗ୍ରାମୀଣ ବିକାଶ ଆଭିମୁଖ୍ୟ କେବଳ ଭିତ୍ତିଭୂମି ନିର୍ମାଣ ମଧ୍ୟରେ ସୀମିତ ନୁହେଁ ବରଂ ଗ୍ରାମାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାମାଜିକ ଓ ଅର୍ଥନୈତିକ ସ୍ତରରେ ସଶକ୍ତ କରିବା ଏହାର ପ୍ରାଥମିକତା । ବିକାଶମୂଳକ କାର୍ଯ୍ୟରେ କୌଣସି ଅବହେଳା କିମ୍ବା ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ସ୍ପଷ୍ଟ ସଙ୍କେତ ଦିଆଯାଇଛି । ବିଦ୍ୟୁତ, ପାନୀୟ ଜଳ, ଗ୍ରାମୀଣ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ । ସରପଞ୍ଚ, ସମିତି ସଭ୍ୟ ଏବଂ ସ୍ଥାନୀୟ କର୍ମକର୍ତ୍ତାଙ୍କ ଆବଶ୍ୟକତାକୁ ପ୍ରଶାସନିକ ସ୍ତରରେ ପ୍ରାଥମିକତା ଦିଆଯିବ । ଢେଙ୍କାନାଳ ସଦର ବ୍ଲକର ଏହି ୮ମ ସାଧାରଣ ବୈଠକ କେବଳ ଏକ ଆନୁଷ୍ଠାନିକ ଆଲୋଚନା ନଥିଲା, ବରଂ ଏହା ଆଞ୍ଚଳିକ ବିକାଶ ଓ ଜନସେବା ପାଇଁ ଏକ ସଠିକ୍ ପଥପ୍ରଦର୍ଶକ ସାବ୍ୟସ୍ତ ହୋଇଛି । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଠିକ୍ ଦିଗଦର୍ଶନ, ବନ୍ୟା ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ନିର୍ଦ୍ଦେଶ ଏବଂ ଅଧିକାରୀମାନଙ୍କୁ ସୀଧାସଳଖ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଦିଆଯାଇଥିବା ପରାମର୍ଶ ଢେଙ୍କାନାଳର ଗ୍ରାମୀଣ ବିକାଶ ପ୍ରକ୍ରିୟାକୁ ଏକ ନୂଆ ଗତି ପ୍ରଦାନ କରିବ । ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ସମନ୍ୱିତ ଉଦ୍ୟମ ବଳରେ ଢେଙ୍କାନାଳର ପ୍ରତ୍ୟେକ ଗାଁ ସଶକ୍ତ, ଆତ୍ମନିର୍ଭରଶୀଳ ଏବଂ ସମୃଦ୍ଧ ହୋଇପାରିବଏଥିରେ କୌଣସି ସନ୍ଦେହ ନାହିଁ ।

# ଜିଲ୍ଲାସ୍ତରୀୟ ହ୍ୟାକାଥନ୍-୦୩ ଅନୁଷ୍ଠିତ

# ନବସୃଜନ ଓ ବୈଜ୍ଞାନିକ ଚିନ୍ତାଧାରାରେ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରଦର୍ଶନ

ନୂଆପଡ଼ା :-୨୨/୭-(ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲାର ଜଡାମୁଣ୍ଡା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ହ୍ୟାକାଥନ୍-୦୩ କାର୍ଯ୍ୟକ୍ରମ ଉତ୍ସାହ ଓ ଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ନିଜର ଅଭିନବ ପ୍ରକଳ୍ପ, ବୈଜ୍ଞାନିକ ଚିନ୍ତାଧାରା ଓ ସମସ୍ୟାର ବ୍ୟବହାରିକ ସମାଧାନ ଉପସ୍ଥାପନ କରି ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲେ ।କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବସୃଜନ, ବିଜ୍ଞାନ ଓ ପ୍ରଯୁକ୍ତି ଆଧାରିତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଛାତ୍ରଛାତ୍ରୀଙ୍କୁ ନିଜ ଦକ୍ଷତାକୁ ସମାଜର ଉପକାରରେ ବ୍ୟବହାର କରିବା ସହ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଜଣାଇଥିଲେ ।ସଭାରେ ଜିଲ୍ଲା ଶିକ୍ଷା




ଅଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଶିଷ୍ଟ ଶିକ୍ଷାବିତ୍ ଡ଼. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା ଏବଂ ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳ କୁମାର ଶବର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ । ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ଡ଼. ସୀତାନାଥ ରାୟଗୁରୁ, ଆସିଷ୍ଟାଣ୍ଟ ପ୍ରଫେସର, ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ଓଡ଼ିଶା, କୋରାପୁଟ ଏବଂ ରାଜେନ୍ଦ୍ର ଦୋରା, ଅଧାପକ, ସରକାରୀ ପଲିଟେକ୍ନିକ୍, ନୂଆପଡ଼ାଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳୀ କରିଥିଲେ । ପ୍ରତିଯୋଗୀମାନଙ୍କର ସୃଜନଶୀଳତା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ବ୍ୟବହାରିକ ସମସ୍ୟା ସମାଧାନ କ୍ଷମତାକୁ ଆଧାର କରି ବିଜେତା ଚୟନ କରାଯାଇଥିଲା । ପ୍ରତିଯୋଗିତାରେ ସଲଙ୍ଗିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିନୋଦିନୀ ତାଣ୍ଡି ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନେଗିପାଲିର କୁନାଲ ଦେଓ ବୈରାଗୀ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେଶ୍ରାଜପୁରର ସାଇନା ବୈଠାରୁ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ହ୍ୟାକାଥନ୍ ପାଇଁ ଚୟନିତ ହୋଇଛନ୍ତି । ମୋଟ ୧୩ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।ଶେଷରେ ଜିଲ୍ଲାପାଳ ବିଜେତା ଦଳମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କ ଉଦ୍ଭାବନୀ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ । ଏହି ହ୍ୟାକାଥନ୍-୦୩ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ବୈଜ୍ଞାନିକ ଚିନ୍ତାଧାରା ଓ ସମସ୍ୟା ସମାଧାନ କୌଶଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ।

## ୩୬୦୦ ଲିଟର ପୋଚ ଓ ୨୦୦ ଲିଟର ରନ୍ଧା ଦେଶୀ ମଦ ନଷ୍ଟ

ନନ୍ଦପୁର, ୨୨/୦୭ (ଶ୍ରୀରାମ ଖରା) :କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ନନ୍ଦପୁର ଥାନା ଅଧୀନ ବନମାଳିପୁଟ ପଞ୍ଚାୟତର ବିମାରିପୁଟ ଗ୍ରାମରେ ଥିବା ଏକ ଦେଶୀ ମଦ ଭାଟି ଉପରେ ଅବକାରୀ ବିଭାଗ ଓ ନନ୍ଦପୁର ପୋଲିସ ମିଳିତ ଭାବେ ଚଢାଉ କରିଛନ୍ତି ।ଚଢାଉ ସମୟରେ ପ୍ରାୟ ୩୬୦୦ ଲିଟର ପୋଚ ଏବଂ ୨୦୦ ଲିଟର ରନ୍ଧା ଦେଶୀ ମଦ ଜବତ କରାଯାଇ ସ୍ଥଳରେ ନଷ୍ଟ କରାଯାଇଥିଲା । ମଦ ପ୍ରସ୍ତୁତିରେ ବ୍ୟବହୃତ ଡ୍ରମ୍, ପାତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଧ୍ୱଂସ କରାଯାଇଥିଲା । ଏହି ମିଳିତ ଚଢାଉରେ ନନ୍ଦପୁର ଅବକାରୀ ବିଭାଗର ସୁଧିର କୁମାର ନାୟକ, ରାଜୁ ଖିଡି ଓ ତାଙ୍କ ଟିମ୍ ସାମିଲ ଥିବାବେଳେ, ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟାପାଡ଼ିଆଙ୍କ ନେତୃତ୍ୱରେ ଏଏସଆଇ ଗୁପ୍ତେଶ୍ୱର ଗୌଡ଼, ହାବିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ପୋଲିସ ଟିମ୍ ଅଂଶଗ୍ରହଣ କରିଥିଲେ ।

# କୋରେଇ ଗୋଲେଇ ଛକରେ ଅବକାରୀ ଚଢ଼ାଉ

## ୪୦୦ ଲିଟର ଦେଶୀ ମଦ ଓ କାର୍ ଜବତ, ଜଣେ ଗିରଫ

ଯାଜପୁର୨୨/୦୭ (ଅକ୍ଷର ଓଡ଼ିଶା):ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଡୋଳିପୁର ଅବକାରୀ ବିଭାଗ ପକ୍ଷରୁ ବୁଧୁବାର ଅପରାହ୍ନ ପ୍ରାୟ ୨:୦୦ ଘଟିକା ସମୟରେ କୋରେଇ ଥାନା ଅନ୍ତର୍ଗତ ଗୋଲେଇ ଛକ ନିକଟରେ ଏକ ଅସ୍ୱାକିତ ଚଢ଼ାଉ କରାଯାଇଛି ।ଏହି ଚଢ଼ାଉ ସମୟରେ ବେଆଇନ ଭାବେ ମଦ ଚାଲାଣ ହେଉଥିବା ଏକ ମାରୁତି ସୁଜୁକି କାର୍ ସହ ୪୦୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏଥିସହିତ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଗିରଫ ଅଭିଯୁକ୍ତ ଜଣକ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଏକ୍ତାଳି ଗ୍ରାମର ରଘୁନାଥ ସାହୁଙ୍କ ପୁଅ ସାଗର ସାହୁ । ଏହି ବେଆଇନ କାରବାର ନେଇ ଡୋଳିପୁର ଅବକାରୀ ଥାନାରେ




ପିଆର ନଂ-୯୩/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।ଏହି ଚଢ଼ାଉ ଅଭିଯାନରେ ଡୋଳିପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରମେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ରଶ୍ମିରେଖା ଜେନା, କନଷ୍ଟେବଲ ଶିଶିର ପ୍ରଧାନ ଓ ବିକ୍ରମ ବେହେରା ପ୍ରମୁଖ ସାମିଲ ଥିଲେ ।

# ଆଧାର ଯାଞ୍ଚରେ ଶତପ୍ରତିଶତ ସଫଳତା

## ଆଙ୍ଗନବାଡ଼ି କେନ୍ଦ୍ର ପାଇଁ ଜମି ଚିହ୍ନଟ ଓ ଖାଲି ପଦବୀ ପୂରଣ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ନୂଆପଡ଼ା, ୨୨/୦୭( ଅକ୍ଷର ଓଡିଶା ) ନୂଆପଡ଼ା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଜନା (ICDS) ର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଆଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଉପଯୁକ୍ତ ହସ୍ତାନ୍ତରଯୋଗ୍ୟ ସରକାରୀ ଜମି ଚିହ୍ନଟ କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜମିଜମା ବିବାଦମୁକ୍ତ ଆଙ୍ଗନବାଡ଼ି କେନ୍ଦ୍ର ସୁନିଶ୍ଚିତ କରିବା, ଖାଲି ପଡ଼ିଥିବା ସୁପରଭାଇଜର ଓ ଅନ୍ୟାନ୍ୟ ପଦବୀ ଶୀଘ୍ର ପୂରଣ କରିବା ସହ କ୍ଷେତ୍ରସ୍ତରରେ ନିୟମିତ ପରିଦର୍ଶନକୁ ଗୁରୁତ୍ୱ ଦେବାକୁ କହିଥିଲେ ।ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଜିଲ୍ଲାର ୭୬,୦୨୬ ଜଣ ICDS ହିତାଧିକାରୀଙ୍କ ଆଧାର ଯାଞ୍ଚ ଶତପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବାବେଳେ, ସକ୍ରିୟ ଶିଶୁମାନଙ୍କ ମଧ୍ୟରୁ ୯୯.୯୩ ପ୍ରତିଶତଙ୍କ ଉଚ୍ଚତା ଓ ଓଜନ ମାପ କାର୍ଯ୍ୟ ସମ୍ପନ୍ନ ହୋଇଛି । ସମସ୍ତ ୧,୪୦୮ଟି ଆଙ୍ଗନବାଡ଼ି କେନ୍ଦ୍ରରେ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ (CBE) ଶତପ୍ରତିଶତ ଅନୁଷ୍ଠିତ ହୋଇଥିବାବେଳେ, ଜୁନ୍ ମାସରେ



ଫେସ୍ ରିକଗ୍ନିସନ୍ ସିଷ୍ଟମ୍ ମାଧ୍ୟମରେ ୯୦.୬୮ ପ୍ରତିଶତ ଟେକ୍ ହୋମ୍ ରାସନ୍ (THR) ବଣ୍ଟନ କରାଯାଇଛି । ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଜିଲ୍ଲାର ୧,୪୦୮ଟି ଆଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧,୧୮୭ଟି ନିଜସ୍ୱ ଭବନରେ କାର୍ଯ୍ୟ କରୁଥିବାବେଳେ ୮୦ଟି ଭବନ ନିର୍ମାଣାଧୀନ ରହିଛି । କର୍ମଚାରୀ ପଦସ୍ଥିତି ସମୀକ୍ଷାରେ ୨୭ଟି ସୁପରଭାଇଜର, ୧୪ଟି ଆଙ୍ଗନବାଡ଼ି କର୍ମୀ ଓ ୧୨ଟି ସହାୟିକା ପଦ ଖାଲି ଥିବା ସୂଚନା ଉପସ୍ଥାପନ କରାଯାଇଥିଲା । CDPO ଓ ସୁପରଭାଇଜରମାନଙ୍କ କ୍ଷେତ୍ର ପରିଦର୍ଶନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ନିୟମିତ ଭାବେ ଶତପ୍ରତିଶତ ଆଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସୁନିଶ୍ଚିତ କରିବା ସହ ଏହାର ଗୁଣାତ୍ମକ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ସହକାରୀ ପରିସଂଖ୍ୟାନ ନିର୍ଦ୍ଦେଶିକା ସାଗରିକା ମୁଦୁଲି ଯୋଗଦେଇଥିଲେ । ତାଙ୍କୁ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା 'ଶାଶୁବୋହୂ ମେଳି', 'ସ୍ୱାମୀସ୍ତ୍ରୀ ମେଳି', 'ଝିଅ ପାଇଁ ଗଛଟିଏ' ଓ 'ଗର୍ଭବତୀ ମହିଳାଙ୍କ ପାଇଁ ଦିନଟିଏ' ପରି ଅଭିନବ ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା । ଶିଶୁ ଲିଙ୍ଗାନୁପାତରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଥିବା ସୂଚନା ମଧ୍ୟ ଉପସ୍ଥାପନ କରାଯାଇଥିଲା ।ଏହି ଅବସରରେ ଅବସର ଗ୍ରହଣ କରିବାକୁ ଯାଉଥିବା ICDS ସୁପରଭାଇଜର ବିଳାସିନୀ ଯୋଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରୁଥିବା ICDS ସୁପରଭାଇଜରମାନଙ୍କୁ ସମ୍ମାନିତ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୂର୍ମି ସୋରେନ, ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁପ୍ରିୟା ପ୍ରିୟଦର୍ଶିନୀ, ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଓଉଉ୫ ସୁପରଭାଇଜର ଏବଂ ଅନ୍ୟାନ୍ୟ ସମ୍ପୃକ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଭର୍ତ୍ତୃହରୀଙ୍କୁ ଅରୁଣଙ୍କ ଟାର୍ଗେଟ୍

# 'ଦଳ ବଦଳାଇଛନ୍ତି, ଇତିହାସ ବଦଳାନ୍ତୁ ନାହିଁ'

ନୟାଗଡ଼ ୨୨/୦୭ (ଅକ୍ଷର ଓଡିଶା ):- ଦିଲ୍ଲୀ ଛାତ୍ର ଆନ୍ଦୋଳନକୁ ସମର୍ଥନ କରିଥିଲେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଏନେଇ ପ୍ରତିକ୍ରିୟା ରଖିଥିଲେ ବିଜେପି ସାଂସଦ ଭର୍ତ୍ତୃହରି ମହତାବ । ମହତାବଙ୍କୁ କାଉଣ୍ଟର କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ । ଛାତ୍ରମାନଙ୍କ ଭବିଷ୍ୟତ ସୁରକ୍ଷା ଓ ସ୍ୱର ଉଠାଇବା କଣ ଅପରାଧ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଅଧିକାର ଓ ନ୍ୟାୟ ପାଇଁ ଲଢୁଥିବା ଛାତ୍ରମାନଙ୍କ ସହ ଆଲୋଚନା କରିବା ପରିବର୍ତ୍ତେ ତାଙ୍କୁ ଲହୁ ଲୁହାଣ କରିବା କେଉଁ ସୁସ୍ଥ ଗଣତନ୍ତ୍ର ବୋଲି ସେ ପ୍ରଶ୍ନ କରିଛନ୍ତି । ଏନେଇ ଅରୁଣ ସିଧାସଳଖ ଭର୍ତ୍ତୃହରୀଙ୍କୁ ଆପଣ କେଉଁ ଦଳରେ ଥିଲେ, ଆପଣଙ୍କ ନେତା କିଏ ଥିଲେ ବୋଲି ପ୍ରଶ୍ନ କରିଛନ୍ତି । ଦଳ ବଦଳାଇବା ପରେ ଇତିହାସକୁ ବଦଳାନ୍ତୁ ନାହିଁ ବୋଲି କହିଛନ୍ତି । ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଆଲୋଚନା କରିବା ପରିବର୍ତ୍ତେ ଛାତ୍ରମାନଙ୍କୁ ବର୍ବରଚିତ ଆକ୍ରମଣ କଣ ଦେଶ ଭକ୍ତି ବୋଲି ପ୍ରଶ୍ନ କରିଛନ୍ତି । ଜନମତକୁ ଆଧାର କରି ସାରା ଦେଶରେ ସୃଷ୍ଟି ହୋଇଥିବା ତୀବ୍ର ପ୍ରତିକ୍ରିୟା ଉପରେ ମତାମତ ଦେବା କ'ଣ ପାପ ? ଯଦି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ମତାମତ ରଖିଛନ୍ତି, ଭାରତୀୟ ଜନତା ପାର୍ଟି ଏହାକୁ ନେଇ ଭୟଭୀତ କାହିଁକି ? ଭାରତ ବର୍ଷର ଛାତ୍ର ସମାଜ ପ୍ରତି ନବୀନ ପଟ୍ଟନାୟକଙ୍କ



ଦୃଢ଼ ଯୁକ୍ତି ଓ ସମର୍ଥନ କରିବାକୁ ନେଇ ୧୨ ଜଣ ବିଜେପି ଏମ୍ପି ଏବଂ ଭର୍ତ୍ତୃହରୀ ମହତାବ କଟୁକ୍ତି କରିବାକୁ ଡ. ସାହୁ ନିନ୍ଦା କରିଛନ୍ତି । ଯଦି ସାଂସଦ ଭର୍ତ୍ତୃହରୀଙ୍କ କଥାନୁସାରେ, ଆନ୍ଦୋଳନକାରୀମାନେ ଦେଶଦ୍ରୋହୀ । ତେବେ ଏହି ଆନ୍ଦୋଳନ ପାଇଁ ଅନୁମତି କିଏ ଦେଇଛି । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଦେଶଦ୍ରୋହୀଙ୍କ ସହ ଆଲୋଚନା କରୁଛନ୍ତି ? ଭାରତବର୍ଷର ସାଧିନତା ସଂଗ୍ରାମ ହେଉ କି ବିଭିନ୍ନ ସରକାର ସମୟରେ ଆନ୍ଦୋଳନ ହୋଇଛି । ଓଡ଼ିଶାରେ ଅନେକ ଥର ପେପର୍ ଲିକ୍ ଘଟଣା ପ୍ରସଙ୍ଗରେ ବିଧାୟକ ଅରୁଣ ବିଜୁ ଜନତା ଦଳରୁ ଭର୍ତ୍ତୃହରୀ ବାବୁ ୬ ଥର ଏମ୍ପି ହୋଇଥିଲେ । ସେ କଥା କଣ ଭୁଲିଗଲେ ? ସେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲେ କି । ଓଡ଼ିଶା ପେପର୍ ଲିକ୍ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି । ସେ ଦଳ ବଦଳାଇଛନ୍ତି । ଦଳ ବଦଳାଇବାମାନେ ନୁହେଁ ଯେ, ଇତିହାସ ବଦଳାଇବା ବୋଲି କହିଛନ୍ତି । ଦଳରେ ଥିବା ବେଳେ ଆପଣ ବୁଲାଇ ବଙ୍କେଇ କାଁ ଭାଁ କିଛି କହୁଥିଲେ । ଏବେ ଭାରତୀୟ ଜନତା ପାର୍ଟିରେ ପେପର ଲିକ୍ ଉପରେ ପ୍ରଶ୍ନ ଉଠାନ୍ତୁ । ବିଜେପି ସରକାର ଏବେ ପେପର୍ ଲିକ୍ ସରକାରରେ ପରିଣତ ହୋଇଛି । ଆପଣ ଏହା ଉପରେ ପ୍ରଶ୍ନ ଉଠାନ୍ତୁ । ଜଣାପଡ଼ନ୍ତା ଆପଣ ପରିବାର, ଜଣାପଡ଼ନ୍ତା ଆପଣ ମୁକ୍ତ ବିଚାରଧାରାର । ସେ କଥା କରିବାର ସାହାସ ଆପଣଙ୍କର ନାହିଁ । ଆପଣ ଯଦି ନକହି ପାରିବେ, ଆପଣ ଏକଛତ୍ରବାଦୀ ଦଳରେ ଅଛନ୍ତି । ନବୀନ ବାବୁଙ୍କ ସରକାରରେ ଅନେକ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି, ଯାହା ଭାରତ ବର୍ଷରେ ଅଦ୍ୱିତୀୟ ରେକର୍ଡ଼ । ବିଜେପି ସରକାରରେ ଇସ୍ତଫା ଦେବାର ନାଁ ଗନ୍ଧ ନାହିଁ, ତେଣୁ ଗୋଦରୀ ଲୋ ଗୋଡ଼ ତଳକୁ ଅନା । ଓଡ଼ିଶାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଅଢ଼େଇ ହଜାର ଭୁଲ ବାହାରିଛି । ଆପଣ ଏନେଇ ପାଟି ଖୋଲିଛନ୍ତି କି ? କେବେ ଆପଣ ପବ୍ଲିକରେ କି ଦଳ ଭିତରେ ଏନେଇ କହିଛନ୍ତି କି ? ନବୀନଙ୍କ ନେତୃତ୍ୱରେ ଆପଣ ବହୁ ବର୍ଷ କାର୍ଯ୍ୟ କରିଛନ୍ତି । ବିଜେପି ଚାପରେ ହେଉ, କି କେଉଁ ମନ୍ତ୍ରୀ ପଦ ଲାଳସାରେ ହେଉ ନବୀନ ବାବୁଙ୍କ ବିରୁଦ୍ଧରେ କହିବା ହାସ୍ୟାସ୍ପଦ ବୋଲି ଡ. ଅରୁଣ କହିଛନ୍ତି ।

# ଜଳ ନିଷ୍କାସନ ପାଇଁ ବାଲିକଣା ଗାଁରେ ତହସିଲଦାର, ସ୍ଥାଇ ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

ରାଜନଗର, ୨୨/୦୭(ଅକ୍ଷର ଓଡ଼ିଶା)ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣା ଗାଁରେ ନିଷ୍କାସନ ବାଟ ନଥିବାରୁ ପ୍ରତି ବର୍ଷ ବର୍ଷା ଋତୁ ଆସିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି ଲୋକେ, ଚଳିତ ବର୍ଷା ଋତୁରେ ଲଗାତାର ବର୍ଷା ହେବାରୁ ଗାଁ ଦାଣ୍ଡରେ ଆଣ୍ଠୁଏ ଆଣ୍ଠୁଏ ପାଣି ଲହଡି ମାରୁଥିଲା, ନିଷ୍କାସନ ବାଟ ନଥିବାରୁ ଗୋଟିଏ ଜାଗାରେ ଦୀର୍ଘ ଦିନ ଧରି ବର୍ଷା ଜଳ ଜମାଟ ବାନ୍ଧି ଅପରିଷ୍କାର ପାଣି ସୃଷ୍ଟି ହୋଇଥିଲା, ସେହି ଅପରିଷ୍କାର ପାଣି ଭିତରେ ଏକ ମାତ୍ର ସୁଦ୍ଧ ପିଇବା ପାଣିର ନଳକୂପ ବୁଡିବା ସହିତ ବିଭିନ୍ନ ପ୍ରକାର ସଂକ୍ରମକ ରୋଗ, ଚର୍ମ ଓ ଡ଼ାଇରିଆ ଓ ଜ୍ୱର ପରି ରୋଗ ଲୋକଙ୍କୁ ମାଡି ବସୁଥିଲା । ସେହି ଅପରିଷ୍କାର ପାଣି ଭିତରେ ଦେଇ ବିଦ୍ୟାଳୟ ଯାଉଥିଲେ ଛାତ୍ର ଛାତ୍ରୀ କିନ୍ତୁ ଏହି ଗାଁର ବୋହୂ ତଥା ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଓ ପାଖ ପଞ୍ଚାୟତ ବେଲପାଳ ଗାଁର ପୁଅ ଖୋଦ ବିଧାୟକ ଧ୍ରୁବ ଚରଣ ସାହୁ ଲୋକ ମାନଙ୍କର ଏହି ସମସ୍ୟା ଉପରେ ଧ୍ୟାନ ଦେଇନଥିଲେ । ବାରମ୍ବାର ଲୋକ ତହସିଲଦାର ଓ ବିଡ଼ିଓ ଙ୍କ ନିକଟକୁ ଦଉଡି ଦଉଡି ଥକି ଯାଇଥିଲେ ସୁଦ୍ଧା କେହି ଶୁଣି ନଥିଲେ । ଶେଷରେ ଲୋକେ ଉତ୍ତେଜିତ ହୋଇ ଗତ ୨୧ ତାରିଖ ଦିନ ମହିଳା ମାନେ ପାଣି ଜମିଥିବା ରାସ୍ତାର ବାଟକୁ ଦୁଇପଟୁ କାଦୁଅ ଚେକଟା ବନ୍ଧ ଦେଇ ଓ ବାଉଁଶ ବାନ୍ଧି ରାସ୍ତାକୁ ବନ୍ଦ କରିବାରୁ ଖବର ପ୍ରସାରଣ ହୋଇଥିଲା, ଖବର ପ୍ରସାରଣ ପରେ ଗତକାଲି ଅପରାହ୍ନ ସମୟରେ ରାଜନଗର ତହସିଲଦାର ଯୀଶୁ କ୍ରିଷ୍ଣ ଦାସ ଖୋଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଓ ସୁରକ୍ଷା ଦୃଷ୍ଟିରୁ ରାଜନଗର ଥାନାର ଥାନା ଅଧିକାରୀ ନରେଶ କୁମାର ସାହୁ ପହଂଚି ଲୋକଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ଜମାଟ ବାନ୍ଧି ଥିବା ଅପରିଷ୍କାର ବର୍ଷା ପାଣିକୁ ଅସ୍ଥାୟୀ ରୂପରେ ଜଣକ ଜାଗା ଦେଇ ନିଷ୍କାସନ କରାଯାଇଥିଲା ଓ ସ୍ଥାଇ ଭାବରେ ଏହାର ସମାଧାନ ନିମିତ୍ତ ଆଗାମୀ ୪ ଦିନ ପରେ ଅନାବାଦୀ ଜଳ ନିଷ୍କାସନ ବାଟ ଖୋଜା ଯାଇ ସବୁବେଳେ ବର୍ଷା ପାଣି ନିଷ୍କାସନ କରାଯିବ ବୋଲି ରାଜନଗର ତହସିଲଦାର ଯୀଶୁ କ୍ରିଷ୍ଣ ଦାସ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି ।

## ଲଗାଣ ବର୍ଷା ରେ ଘର ଭିତରେ ଆଣ୍ଠୁଏ ପାଣି ଭାସୁଛି ଆସବାବପତ୍ର



କାମାକ୍ଷାନଗର: ୨୨/୭(ସୁମନ୍ତ ଜେନା) ଘର ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି । ଯୁଆଡେ ଦେଖିବେ ଜଳମଗ୍ନ ସମ୍ପୂର୍ଣ୍ଣ ଘର । ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ କାମାକ୍ଷାନଗର ସହର ର ନୂଆ ଆଳତୁମା କରଣସାହି ରେ ଘରେ ପଶିଲା ପାଣି । ପାଣି ବାହାର କରିବା ପାଇଁ ନାକେଦମ ହୋଇଛନ୍ତି ଜଳବନ୍ଦୀ ପରିବାର ଲୋକ । ଘରେ ରୋଷେଇବାସ ବନ୍ଦ ରହିଥିବା ବେଳେ ଘର ଭିତରେ ଲହଡି ଭାଙ୍ଗୁଛି ପାଣି କ୍ଷ ଫଳରେ ଅତ୍ୟନ୍ତ ଅସୁବିଧା ମଧ୍ୟରେ ଘରେ ରହୁଛନ୍ତି ଲୋକ । ଘର ର ଆସବାବପତ୍ର ପାଣିରେ ବୁଡି ଯାଇଥିଲା ବେଳେ ଦରକାରୀ ସାମଗ୍ରୀ କୁ ଖଟ ଉପରେ ରଖି ଘରୁ ପାଣି ବାହାର କରୁଛନ୍ତି ଜଳମଗ୍ନ ପରିବାର । ଘର ର ସୋଫା, ଡାଇନିଂ ଟେବଲ, ଫ୍ରିଜ ସବୁ ପାଣିରେ ବୁଡି ଥିବାବେଳେ କଂସା, ବାସନ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି କ୍ଷ ଏପରିକି ଗତ ରାତି ରୁ ବର୍ଷା ଜାରି ରହିଥିବା ଯୋଗୁ ଘର ଭିତରେ ଅଧିକ ପାଣି ପଶିବାରୁ ରୋଷେଇ ବନ୍ଦ ହୋଇଥିବା ଦେଖିବାକୁ ମିଳିଛି । ସହର ର ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଓ ବର୍ଷାଦିନ ପୂର୍ବରୁ ଡ୍ରେନ ଗୁଡିକ ଠିକ ଭାବ ରେ ସଫା କରାଯାଇନଥିବାରୁ ସାହି ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଟାଟା ଷ୍ଟିଲ୍ ପକ୍ଷରୁ ସର୍ପାଘାତ ପ୍ରତିରୋଧ ଓ ସୁରକ୍ଷା ସଚେତନତା

ଖଜୁରିଆକଟା ୨୨/୭(ନୀଳକଣ୍ଠ ଦାସ)ଟାଟା ଷ୍ଟିଲ ମେରାମଣ୍ଡଳୀ ଟାଉନସିପ୍‌ରେ ଏକ 'ସର୍ପାଘାତ ପ୍ରତିରୋଧ ଏବଂ ସୁରକ୍ଷା ସଚେତନତା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା, କମ୍ପାନୀ କର୍ମଚାରୀ ଓ ପରିବାରବର୍ଗଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଘର ଓ କାର୍ଯ୍ୟକ୍ଷେତ୍ରରେ ସର୍ପାଘାତରୁ ରକ୍ଷା ପାଇବାର ଉପାୟ, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପଦକ୍ଷେପ ସମ୍ପର୍କରେ ଲୋକମାନଙ୍କୁ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ 'ସ୍ନେକ୍ ହେଲ୍ପ ଲାଇନ୍'ର ସାଧାରଣ ସମ୍ପାଦକ ତଥା ସମାଜସେବୀ ଓ ବିଶେଷଜ୍ଞ ଭାବେ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପ ଉଦ୍ଧାର, ସଂରକ୍ଷଣ ଏବଂ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ମଲ୍ଲିକ, ମଣିଷ ଓ ସାପ ମଧ୍ୟରେ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସାପ ଚିହ୍ନିବା, ପ୍ରତିଷେଧକ ବ୍ୟବସ୍ଥା, ସର୍ପାଘାତକୁ ନେଇ ରହିଥିବା ଅନ୍ଧବିଶ୍ୱାସ ଓ ସଠିକ୍ ପ୍ରାଥମିକ ଚିକିତ୍ସା ସମ୍ପର୍କରେ



ସେ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଭାବେ ବୁଝାଇଥିଲେ।ଏହି ଅବସରରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଏଚ୍‌ଆର୍‌ବିପି ଚିଫ୍ ପ୍ରଶାନ୍ତ କୁମାର ନନ୍ଦ, କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ସାପକାମୁଡ଼ା ସମୟରେ କେଉଁ କେଉଁ ଦିଗ ଉରେ ଗୁରତ୍ୱ ଦିଆଯିବା ଆବଶ୍ୟକ, ସେ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଥିଲେ। 'ସ୍ନେକ୍ ହେଲ୍ପ ଲାଇନ୍'ର ସାଧାରଣ ସମ୍ପାଦକ ଶ୍ରୀ ମଲ୍ଲିକ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। ସର୍ପାଘାତଜନିତ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଏହିଭଳି ଏକ ପ୍ରୟାସକୁ ସ୍ଥାନୀୟ ଜନସାଧାରଣ ଓ କର୍ମଚାରୀମାନେ ପ୍ରଶଂସା କରିଛନ୍ତି।

## ଅଜଣାଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

କାମାକ୍ଷାନଗର: ୨୨/୭(ସୁମନ୍ତ ଜେନା) କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥ



ର ପଥରଖୁମ୍ବ ଛକ ନିକଟରେ ଅଜଣାଗାଡି ଧକ୍କା ରେ ଜଣେ ଯୁବକ ଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ଶୁଣ୍ଡିକାଟେଣୀ ଗ୍ରାମ ର ପୁରସ୍ତମ ଚାତାର (୩୭) ହୋଇଥିବା ଜଣା ପଡିଛି ସୂଚନା ଅନୁସାରେ ପୁରସ୍ତମ ନିଜ ମୋଟରସାଇକେଲ ଯୋଗେ ନିଜ ଗ୍ରାମ ରୁ ମୁକ୍ତାପଶି ଯାଉଥିବା ବେଳେ ସକାଳ ୮ ଘଟିକା ସମୟରେ ପଥରଖୁମ୍ବ ଛକ ନିକଟରେ ଏକ ଅଜଣାଗାଡି ତାଙ୍କୁ ଧକ୍କା ଦେଇଥିଲା । ଖବର ପାଇ ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ପୁରସ୍ତମ ଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ସ୍ଥାନାନ୍ତର କରାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଯାହାକୁ ନେଇ ପୁରସ୍ତମ ଙ୍କ ଗ୍ରାମ ରେ ଶୋକର ଛାୟା ଖେଳିଯାଇଛି ।

## ଲଗାଣ ବର୍ଷାରେ ଧୋଇ ନେଲା ରାସ୍ତା ଫଳରେ ଯାତାୟାତ ବ୍ୟାଘାତ

କାମାକ୍ଷାନଗର: ୨୨/୭(ସୁମନ୍ତ ଜେନା)ଲଘୁଚାପ ଜନିତ ବର୍ଷା ଯୋଗୁଁ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ତୁମୁସିଂଗା ପଞ୍ଚାୟତର ଧୋବାବାହାଳୀ ଗାଁ ଠାରୁ ମହୁଲଡଗର ପର୍ଯ୍ୟନ୍ତ ରାସ୍ତାର ଦୁଇଟି ପୋଲର ଉଭୟ ପାର୍ଶ୍ୱ ଧୋଇ ନେଇଛି। ଧୋବାବାହାଳୀ ଠାରୁ ଧୋବାବାହାଳି ଦଳିତ ବସ୍ତି ମଧ୍ୟରେ ଦୁଇ କିଲୋମିଟର ରାସ୍ତାର ଅନେକ ସ୍ଥାନରେ ଖାଲ ହୋଇଯାଇଥିବା ବେଳେ ଲୋକ ସାଇକେଲଟିଏ ନେଇ ଯାଇ ପାରିବେ ନାହିଁ। ଏହି ରାସ୍ତା ଦେଇ ମହୁଲଡଗର ଓ ଡଙ୍କାବୁଲ ପରି ଦୁଇଟି ଆଦିବାସୀ ବସ୍ତିର ଲୋକମାନେ ଦୈନନ୍ଦିନ ଯିବା ଆସିବା କରିଥାନ୍ତି। ବଜାର ଠାରୁ ଆରମ୍ଭ କରି ଡାକ୍ତରଖାନା ପର୍ଯ୍ୟନ୍ତ ସବୁବେଳେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ପଞ୍ଚାୟତର ଦୁଇଟି ୱାର୍ଡ ପଞ୍ଚାୟତ ଠାରୁ ବିଛିନ୍ନ ହୋଇଯାଇଛି। ରାସ୍ତାଟି ଦୁଇଟି ସ୍ଥାନରୁ ସମ୍ପୂର୍ଣ୍ଣ ଧୋଇ ନେଇଥିବାରୁ ଆମ୍ବୁଲାନ୍ସ ତ ଦୂରର କଥା ବର୍ତ୍ତମାନ ଚାଲି ଚାଲି ଯିବା କଷ୍ଟକର ହୋଇପଡିଛି। ରାସ୍ତାର ମରାମତି ନକରିଲେ ଏହି ଦୁଇଟି ବସ୍ତିକୁ ଆମ୍ବୁଲାନ୍ସ ପହଞ୍ଚି ପାରିବ ନାହିଁ। ଏହି କାର ଜରୁରୀକାଳୀନ ପରିସ୍ଥିତିରେ ଗୁରୁତର ଅସୁସ୍ଥ ବା ପ୍ରସୂତି ମହିଳାଙ୍କ ଜୀବନ ଯାଇପାରେ।ତା



ଛଡା ଏହି ଗାଁ ରେ ଥିବା ସ୍କୁଲକୁ ଯାଉଥିବା ଶିକ୍ଷକ କେମିତି ଯିବ ଚିନ୍ତାର ବିଷୟ। ରାସ୍ତାର ମରାମତି ତୁରନ୍ତ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହା ପ୍ରତି ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି ଙ୍କୁ ଦୃଷ୍ଟି ଦେବାକୁ ଅନୁରୋଧ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତାକରି ହାତେଇବେ ସ୍ୱଚ୍ଛଳ ବର୍ଗ

## ବାଦ୍ ପଡିଲେ ଯୋଗ୍ୟ ହିତାଧିକାରୀ ତଦନ୍ତକାରୀଙ୍କ ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନବାଚୀ

ଖଜୁରିଆକଟା ୨୨/୭(ନୀଳକଣ୍ଠ ଦାସ)ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରସରକାର ଙ୍କ ପର୍ଯ୍ୟନ୍ତ ରାଜ୍ୟ ରେ ଥିବା ସମସ୍ତ କଚ୍ଚା ଘରକୁ ପକ୍କା କରାଯିବ ବୋଲି ଲକ୍ଷ୍ୟ ରଖି ଗତ ୨୦୨୪ ମସିହାରେ ହିତାଧିକାରୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କ ସହିତ ତିନି ଜଣିଆ ଟିମ୍ ଆବେଦନ କରିଥିବା ହିତାଧିକାରୀ ଙ୍କ ଘରକୁ ଯାଇ ତଦନ୍ତ କରିବା ସହିତ ସେମାନଙ୍କର ଘର ଫଟୋ ଉଠାଇ ଆଣିଥିଲେ। ସେମାନଙ୍କ ତଦନ୍ତ ଆଧାରରେ ପ୍ରଧାନମନ୍ତ୍ରୀ ଆବାସ ତାଲିକା ପଞ୍ଚାୟତ କାର୍ଯ୍ୟାଳୟ ମାନଙ୍କରେ ଲଗା ଯାଇଥିଲା।ଏହି ତାଲିକା ରେ ଯୋଗ୍ୟ ହିତାଧିକାରୀ ଙ୍କ ବଦଳରେ ଏକାଧିକ କୋଠାବାଡ଼ି ଥିବା ସ୍ୱଚ୍ଛଳ ବର୍ଗ ଙ୍କ ନାମରହିଥିବା ଜଣା ପଡ଼ିବାପରେ ବଞ୍ଚିତ ଗରିବ ହିତାଧିକାରୀ ମାନେ ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ କୁ ଆସି ମାଲ ମାଲ ଅଭିଯୋଗ କରିଥିଲେ। କିନ୍ତୁ କିଛି ଲାଭ ହେଲାନାହିଁ। ଗତ ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ୨ୟ ତାଲିକା ପ୍ରକାଶ କରାଗଲା କିନ୍ତୁ ସେହି ୨ୟ ତାଲିକାରେ ଆଉ କିଛି ଯୋଗ୍ୟ ହିତାଧିକାରୀ



କଟିଗଲେ। ସେହି ତାଲିକା ରେ କୋଠାବାଡ଼ି ଥିବା ସ୍ୱଚ୍ଛଳ ବର୍ଗ ଓ ଅଯୋଗ୍ୟ ହିତାଧୀକାରୀ ମାନଙ୍କ ନାମ ରହିଥିବା ଜଣା ପଡିବା ପରେ ପ୍ରତ୍ୟେକ ପଞ୍ଚାୟତ ରେ ଅସନ୍ତୋଷ ଦେଖାଦେଇଛି। ଗୁଣ୍ଡିତାପଡା, ମୋଟଙ୍ଗା,ଗୁଣଦେଇ,ବାଙ୍ଗୁରସିଂହ ପଞ୍ଚାୟତ ସହିତ ଅନ୍ୟାନ୍ୟ ପଞ୍ଚାୟତ ରେ ଗରିବ ହିତାଧିକାରୀ ମାନେ ଗ୍ରାମ ସଭାରେ ପ୍ରବଳ ପାଟିତୁଣ୍ଡ ହୋ ହାଲା କରିବା ସହିତ ଗୁଣ୍ଡିଚାପଡା ଓ ମୋଟଙ୍ଗା ପଞ୍ଚାୟତ ରେ ତାଲା ପକାଇ ଦେଇଥିଲେ।ଗୁଣଦେଇ ପଞ୍ଚାୟତ ରେ ଗ୍ରାମସଭା କରାଇ ଦେଇନଥିଲେ। ଆଜି ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ କୁ ଆସି ଅଭିଯୋଗ କରି କହିଛନ୍ତି ଯେ ତଦନ୍ତକାରୀ ଦଳ କେଉଁ ଆଧାରରେ ଏବଂ କଣ ଦେଖି ତଦନ୍ତ କଲେ ଯାହା ଫଳରେ ଗରିବ ଅସହାୟ ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ଙ୍କ ପରିବର୍ତ୍ତେ ସ୍ୱଚ୍ଛଳ ବର୍ଗ ହିତାଧିକାରୀ ଙ୍କ ନାମ ତାଲିକା ପ୍ରକାଶ ପାଇଛି ତାହା ତଦନ୍ତକାରୀ ଅଧିକାରୀ ମାନଙ୍କର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଖବର ନେବାରେ ଜଣାଗଲା ଯେ କିଛି ଦଲାଲ ତଦନ୍ତକାରୀ ଅଧିକାରୀ ଙ୍କୁ ହାତ କରି ସ୍ୱଚ୍ଛଳ ବର୍ଗ ର ହିତାଧିକାରୀ ମାନେ ଅନ୍ୟର ଚାଳ ଘରେ ଠିଆ ହୋଇ ଫଟୋ ଉଠାଇ ଯୋଗ୍ୟ ହିତାଧିକାରୀ ତାଲିକା ରେ ରହିଛନ୍ତି।ସ୍ୱଚ୍ଛଳ ବର୍ଗର ଲୋକଙ୍କ ବିରୋଧ ରେ ଗରିବ ହିତାଧିକାରୀ ଅଭିଯୋଗ କରିବା ସମ୍ଭବ ହୋଇପାରିନାହିଁ। ଏଣୁ ଏହାର ସରଜମିନ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀ ଙ୍କ ନାମ ତାଲିକା ପ୍ରକାଶ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନ ବ୍ୟାପକ କରିବା ପାଇଁ ହିତାଧିକାରୀ ମାନେ ଚେତାବନୀ ଦେଇଛନ୍ତି।ଏ ସମ୍ପର୍କରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି କି ବର୍ତ୍ତମାନ ସୁଦ୍ଧା ହିତାଧିକାରୀ ଙ୍କ ତାଲିକା ପ୍ରସ୍ତୁତ ହୋଇ ନାହିଁ ।୭ ଦିନ ମଧ୍ୟରେ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା, ତିନି ଜଣ ଗୁରୁତର



ପରଜଙ୍ଗ, ୨୨/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦେଇ ଯାଇଥିବା ସରାଙ୍ଗ-ଭାଲୁମୁଣ୍ଡା ପୂର୍ତ୍ତ ରାସ୍ତା ଜହ୍ନାପଡା ଗ୍ରାମ ନିକଟସ୍ଥ ଅସୁର ବନ୍ଧ ନିକଟରେ ଦୁଇଟି ମୋଟରସାଇକେଲ ମୁହାଁମୁହିଁ ଧକ୍କା ତିନି ଜଣ ଗୁରୁତର ଆହତ, ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଜହ୍ନାପଡା ଗ୍ରାମର ସୋରଜ ନାୟକ ମେରାମୁଣ୍ଡଳୀ ନିକଟସ୍ଥ ଏକ ଘରୋଇ କାରଖାନାରୁ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ଲୋଧଣୀ ଗ୍ରାମର ଅନନ୍ତ ନାଏକ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା ନାଏକ ତାଳଚେର ବାପଘରକୁ ଯାଉଥିବା ସମୟରେ ଉଭୟ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ତିନି ଜଣ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ରୋଗୀବାହାକ ଗାଡ଼ିରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ପରଜଙ୍ଗ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଉକ୍ତ ପୂର୍ତ୍ତ ରାସ୍ତାର ଅସୁର ବନ୍ଧ ନିକଟରେ ଥିବା ବୁଲାଣିରେ ଅଧିକାଂଶ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଧନଜୀବନ ହାନୀ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ମୌଖିକ ଅଭିଯୋଗ ହେଉଛି। ଉକ୍ତ ସ୍ଥାନରେ ଡିପ(ହମ୍ପ) ନିର୍ମାଣ କରାଗଲେ ଗାଡି ଚଳାଚଳରେ ଧିରେ ଧିରେ ଚାଳନା କରିଲେ ଦୁର୍ଘଟଣା ଜନିତ ସମସ୍ୟା ହ୍ରାସ ପାଇବ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଡୋମଳ ସରପଞ୍ଚ ଇଂ ସୁନୀଲ କୁମାର ଧଳ ଦାବି କରିଛନ୍ତି।

### ୫୫ ନଂ ଜାତୀୟ ରାଜପଥ ଖାଲରେ ପଡି ଦୁଇ ବାଇକ୍ ଆରୋହି ଗୁରୁତର

## ପ୍ରତିବାଦରେ ଲୋକମାନେ ରାସ୍ତାରୋକ ଆନ୍ଦୋଳନ

ଖଜୁରିଆ କଟା ୨୨/୭(ନୀଳକଣ୍ଠ ଦାସ)ଆଜି ୫୫ ନଂ ଜାତୀୟ ରାଜପଥ ପନେଇଲୋ ଗ୍ରାମ ନିକଟରେ ଥିବା ରେଙ୍ଗାଲି କେନାଲ ସାଇଫନ ନିକଟ ରାଜପଥ ମଝିରେ ଏକ ବଡ ଖାଲ ରେ ପଡି ଦୁଇ ବାଇକ୍ ଆରୋହି ଗୁରୁତର ଆହତ ହୋଇ ଡାକ୍ତରଖାନା ରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଜାତୀୟ ରାଜପଥ ହିନ୍ଦୋଳ ରୋଡ ବଜାର ଠାରୁ ବଳରାମପ୍ରସାଦ ଯୋଡ ପର୍ଯ୍ୟନ୍ତ ଥିବା ଅନେକ ଖାଲ ଖମଣ ରେ ଦୈନନ୍ଦିନ ଅନେକ ଯାତ୍ରୀ ସ୍କୁଲ ଛାତ୍ରଛାତ୍ରୀ ମାନେ ପଡି ଗୁରୁତର ଆହତ ହୋଇ ଆସୁଥିବା ବେଳେ ଜାତୀୟ ରାଜପଥ ଅଧିକାରୀ ସେଗୁଡ଼ିକ କୁ ମରାମତି ନକରି ଚୁପ୍ ଚାପ୍ ବସି ରହିବା ଯାତ୍ରୀ ତଥା ସ୍ଥାନୀୟ ଲୋକ ମାନଙ୍କର ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆଜି ଦୃଘଟଣାର ଶିକାର ହୋଇଥିବା ଯାତ୍ରୀ ମାନଙ୍କ ପାଇଁ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଖବର ନେବାରେ ଜଣାଗଲା ଯେ ସିମିନଇ ଅଞ୍ଚଳ ର ଦୁଇଜଣ ଶ୍ରମିକ ଏକ ମୋଟରସାଇକେଲ ଯୋଗେ ଗୁଡିଆକାଟେଣି ଅଭିମୂଖେ ଯାଉଥିବା ବେଳେ ସେହି ଖାଲ ରେ ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଢେଙ୍କାନାଳ ଡାକ୍ତରଖାନା କୁ ନିଆଯାଇଥିଲା ସେଠାରୁ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି।ଖବରପାଇ ମୋଟଙ୍ଗା ପୋଲିସ ଘଟଣାସ୍ଥଳରେ ପହଂଚି ଲୋକ ମାନଙ୍କୁ ବୁଝାସୁଝା କରିବା ସହିତ ତୁରନ୍ତ ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଲୋକ ମାନେ ରାସ୍ତାରୋକ ଆନ୍ଦୋଳନ ରୁ ଓହରି ଯାଇଥିଲେ।ପ୍ରକାଶ ଥାଉକି ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଙ୍କ ଅଭିଯୋଗ କ୍ରମେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ କୁଲଦୀପ ସୋଙ୍ଗାରା ହିନ୍ଦୋଳ ରୋଡ ବଜାର କୁ ଆସି ନିଜେ ସମସ୍ତ ସମସ୍ୟା ଦେଖିବା ପରେ ୧୫ ଦିନ ମଧ୍ୟରେ ରାସ୍ତାର ମରାମତି କରିବା ସହିତ



ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ହିନ୍ଦୋଳ ରୋଡ ବଜାର କମିଟି ସଦସ୍ୟ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି ମରାମତି କାର୍ଯ୍ୟ କରାନଯିବା ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ରାଜପଥ ରେ ଅନେକ ସ୍ଥାନରେ ଖାଲଖମଣ ହୋଇ ରାସ୍ତା ନଷ୍ଟ ହେବାକୁ ଲାଗିଲାଣି ଏବଂ ନିର୍ମାଣ ଶୈଳୀରେ ତୃଟି ଯୋଗୁଁ ଅନେକ ସ୍ଥାନରେ ୪ ଫୁଟର ବର୍ଷା ଜଳ ଜମି ରହି ଯାତାୟାତ ରେ ବାଧା ସୃଷ୍ଟି ହେଉଛି। ଏହିପରି ଅନେକ ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇ ପଡିଥିବା ବେଳେ ଅଧିକାରୀ ଠିକାଦାର ଙ୍କ ମନମାନୀ ଯୋଗୁଁ ପ୍ରତ୍ୟେକ ଦିନ ଦୃଘଟଣା ମାନ ଘଟି ଧନ ଜୀବନ କ୍ଷତି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ବିଦ୍ୟାଳୟ ଝରକା ଭାଙ୍ଗି ଚାଉଳ ବୋହିନେଲା ଦନ୍ତା

ଖଜୁରିଆକଟା ୨୨/୭(ନୀଳକଣ୍ଠ ଦାସ)ହିନ୍ଦୋଳ ଉପଖଣ୍ଡ ଠୋକର ପଂଚାୟତ ଦୁଲ୍ଲଭପୁର୍ ପ୍ରାଥମିକ ବିଦ୍ୟାଳୟରେ ଗତ ରାତିରେ ଏକ ଦନ୍ତା ହାତୀ ବିଦ୍ୟାଳୟ ର ପାଚେରୀ ଭାଙ୍ଗି ବିଦ୍ୟାଳୟ ରେ ପଶି ମଧ୍ୟାହ୍ନ ଭୋଜନ ଚାଉଳ ଗଚ୍ଛିତ ଥିବା ଘର ର ଝରକା ଭାଙ୍ଗି ରୋଷେଇ ସାମଗ୍ରୀ ଫୋପାଡ଼ି ଦେବା ସହ ଚାଉଳ ବସ୍ତା ବୋହି ନେଇ ଯାଇଥିଲା । ଫଳରେ ଆଜି ଛାତ୍ର ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ବହୁ ଅସୁବିଧା ର ସମ୍ମୁଖୀନ ହେବାକୁ ପଡିଥିଲା । ଲଗାଣ ବର୍ଷା ଯୋଗୁଁ ହାତୀ ପଲ ଏବେ ଗାଁ ମୁହାଁ ହେବାକୁ ଲାଗିଲେଣି ଫଳରେ ଗ୍ରାମ ଗୁଡ଼ିକ ରେ ଏକ ପ୍ରକାର ଭୟ ର ବାତାବରଣ ସୃଷ୍ଟି ହେଲାଣି । ଗାଁ ଲୋକଙ୍କ ସମସ୍ତ ଚେଷ୍ଟା ରେ ମଧ୍ୟ ହାତୀ ଗାଁ ଭିତରକୁ ପ୍ରବେଶ କରୁଛନ୍ତି । ହିନ୍ଦୋଳ ବନାଞ୍ଚଳ ରେ ପ୍ରାୟ ଦୁଇ ଶହ ରୁ ଅଧିକ ହାତୀ ଥିବା ବେଳେ ସେମାନେ ଅନେକ ଗୁଡ଼ିଏ ଦଳ ରେ ଭାଗ ହୋଇ ଯାଇ ଥିବାରୁ ବନ୍ ବିଭାଗ କୁ ନାକେଦମ୍ ହେବାକୁ ପଡୁଛି। ଏପରି ସ୍ଥଳେ ଅଧିକ କର୍ମଚାରୀ ନିଯୁକ୍ତି ଦେଇ ସାଧାରଣ ଲୋକଙ୍କ ଧନ ଜୀବନ ରକ୍ଷା କରିବାକୁ ସାଧାରଣ ରେ ଦାବୀ ହେଉଛି ।

## ଓଡ଼ିଶାର ଲୋକକଳା ପ୍ରଚାର ପାଇଁ 'kalakshetraodisha' ୟୁଟ୍ୟୁବ୍ ଚ୍ୟାନେଲ୍ ଶୁଭାରମ୍ଭ



ଢେଙ୍କାନାଳ, ୨୨/୦୭ (ସୁଶାନ୍ତ କୁମାର ପାଣୀ): କଳାକ୍ଷେତ୍ର ରାଜ୍ୟ କାର୍ଯ୍ୟାଳୟ, ଉତ୍ତରା ଭୁବନେଶ୍ୱରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବରିଷ୍ଠ ଉପଦେଷ୍ଟା ଭୂଷଣ ଶୁକ୍ଳା, ଓ. ପ୍ର. ସେ, ଉଚ୍ଚ ନ୍ୟାୟାଳୟ ଓକିଲ ତଥା ପୂର୍ବତନ ଅତିରିକ୍ତ ଶାସନ ସଚିବ ଗୃହ ବିଭାଗ, ରାଜେନ୍ଦ୍ର ପଟନାୟକ, ଓ. ପ୍ର. ସେ, ପୂର୍ବତନ ସ୍ୱତନ୍ତ୍ର ସଚିବ, ସଭାପତି ଅଶ୍ରୁମୋଚନ ମହାନ୍ତି, ପ୍ରତିଷ୍ଠାତା ସଦସ୍ୟ ସମ୍ପାଦକ ବାସୁଦେବ ମାଳବିଶୋଇ ଏବଂ କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ ଉପସ୍ଥିତ ଥିଲେ।ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଲୋକକଳାର ପ୍ରଚାର ପ୍ରସାର ପାଇଁ 'kalakshetraodisha' ନାମକ ୟୁଟ୍ୟୁବ୍ ଚ୍ୟାନେଲର ଶୁଭାରମ୍ଭ କରାଯାଇଛି। ଏହାସହ କଳାକ୍ଷେତ୍ରର ବିବରଣୀ ମଧ୍ୟ ଉନ୍ମୋଚନ ହୋଇଛି।କଳାକ୍ଷେତ୍ର ପକ୍ଷରୁ ରାଜ୍ୟର ୩୦ ଜିଲ୍ଲାରେ ଚାଲିଥିବା 'କଳାକ୍ଷେତ୍ର ଗ୍ରାମ', 'ଗାଁ ମୋ ମା', ଜିଲ୍ଲା ଓ ରାଜ୍ୟ ମହୋତ୍ସବ, '୧୨ ମାସରେ ୧୩ ପର୍ବ' ଆଦି କାର୍ଯ୍ୟକ୍ରମର ଛୋଟ ଭିଡିଓ ଏବଂ ଓଡ଼ିଶାର ବିଭିନ୍ନ ଲୋକକଳାର ୨ରୁ ୩ ମିନିଟର ଭିଡିଓ ସମ୍ପାଦନ କରି ୟୁଟ୍ୟୁବ୍‌ରେ ପ୍ରକାଶ କରାଯିବ। http://kalakshetraodisha.com ୱେବସାଇଟ୍‌କୁ ସକ୍ରିୟ କରି ସେଠାରେ ମଧ୍ୟ ଭିଡିଓ ଅପଲୋଡ୍ କରାଯିବ।ବୈଠକରେ ନିଷ୍ପତ୍ତି ହୋଇଛି ଯେ ରାଜ୍ୟର ପ୍ରମୁଖ ସହରରେ ଥିବା ତାରକା ହୋଟେଲ ସହ ଆଲୋଚନା କରି ହୋଟେଲ ପରିସରରେ ବଛା ବଛା ଲୋକକଳା ଦଳଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାଦ୍ୱାରା କଳାକାରମାନେ ଆର୍ଥିକ ସହାୟତା ପାଇବେ ଓ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ହେବ। ଏଥିରେ ପର୍ଯ୍ୟଟନ ବିଭାଗର ସହାୟତା ନିଆଯିବ।ସେହିପରି ପର୍ଯ୍ୟଟନ ବିଭାଗ ସହାୟତାରେ ୩୦୦ ଦିନ ଧରି ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ଲୋକକଳା ଦଳଙ୍କ ପରିବେଷଣ ଓ ଆର୍ଥିକ ସହାୟତା କାର୍ଯ୍ୟକ୍ରମ କରାଯିବ। ବର୍ଷା ଋତୁ ପରେ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ବିଭାଗୀୟ ସଚିବଙ୍କୁ ଭେଟି ଅନୁରୋଧ କରିବାକୁ ଚାରିଜଣ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି।ଶେଷରେ ବାସୁଦେବ ମାଳବିଶୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସମାପ୍ତ କରିଥିଲେ।

## ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ଆନ୍ତର୍ଜାତୀୟ ଚନ୍ଦ୍ର ଦିବସ ପାଳିତ

ଢେଙ୍କାନାଳ, ୨୨/୦୭ (ସୁଶାନ୍ତ କୁମାର ପାଣୀ): ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର ଅଧୀନସ୍ଥ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗତ ସୋମବାର ଆନ୍ତର୍ଜାତୀୟ ଚନ୍ଦ୍ର ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ଏକ ଚନ୍ଦ୍ର, ଏକ ଦୃଷ୍ଟିକୋଣ, ଏକ ଭବିଷ୍ୟତ' ।ଏହି ଅବସରରେ 'ନିଜେ ପ୍ରସ୍ତୁତ କର ଏବଂ ସାଙ୍ଗରେ ନେଇଯାଅ ଖଗୋଳ ବିଜ୍ଞାନ କିଟ୍' ବିଜ୍ଞାନ କର୍ମଶାଳା ଓ 'ଚନ୍ଦ୍ର ଅନୁସନ୍ଧାନ' ଉପରେ ବିଜ୍ଞାନ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।କର୍ମଶାଳାରେ ଛାତ୍ରଛାତ୍ରୀମାନେ ହସ୍ତଗତ ଅଭିଜ୍ଞତା ମାଧ୍ୟମରେ ଖଗୋଳ ବିଜ୍ଞାନର ବିଭିନ୍ନ ଧାରଣା ବୁଝିବା ସହ ନିଜସ୍ୱ କିଟ୍ ପ୍ରସ୍ତୁତ କରିଥିଲେ ।ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ଆୟୋଜିତ ଓପେନ୍ ହାଉସ୍ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପଦକ ଓ



ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍. ଏମ୍. ରାଉତ କହିଥିଲେ, 'ଚନ୍ଦ୍ର ଅନୁସନ୍ଧାନ ନୂତନ ପିଢ଼ି ମଧ୍ୟରେ ବୈଜ୍ଞାନିକ ମନୋଭାବ, ଉତ୍ସୁକତା ଓ ଅନୁସନ୍ଧାନ ପ୍ରତି ଆଗ୍ରହ ସୃଷ୍ଟି କରିବାର ଏକ ପ୍ରେରଣାଦାୟକ ମାଧ୍ୟମ। ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ମହାକାଶ ବିଜ୍ଞାନ ସହ ଯୋଡ଼ି ଭବିଷ୍ୟତରେ ଗବେଷଣା କ୍ଷେତ୍ରରେ ଅବଦାନ ରଖିବାକୁ ପ୍ରେରିତ କରିବ ।' କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ବିଜ୍ଞାନପ୍ରେମୀ ଯୋଗଦେଇଥିଲେ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ସୋସିଆଲ ମିଡିଆର ଅନୁଧ୍ୟାନ

ସାମ୍ବାଦିକତାକୁ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ପରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ବିଚାର କରାଯାଏ। ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ଏହା ଉତ୍ତରଦାୟୀ, ପାରଦର୍ଶୀ ଏବଂ ତଥ୍ୟ ଆଧାରିତ ଜନମତ ସୃଷ୍ଟି କରେ। ଅର୍ଥାତ୍ କ୍ଷମତାର ଅପବ୍ୟବହାରକୁ ରୋକି ପ୍ରେସ, ସରକାର ଏବଂ ନାଗରିକଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ କାର୍ଯ୍ୟ କରେ। ଛାପା ହେଉ ବା ଟେଲିଭିଜନ ଭଳି ପାରମ୍ପରିକ ଗଣମାଧ୍ୟମ ବର୍ଷ ବର୍ଷ ଧରି ଏହି ଦାୟିତ୍ୱ ନିର୍ବାହ କରି ଏକ ଜୀବନ୍ତ ତଥା ବିକଶିତ ଗଣତନ୍ତ୍ର ଭାବରେ ଭାରତର ନିର୍ମାଣରେ ଅବଦାନ ରଖିଆସିଛନ୍ତି। ଏହି ପ୍ରକାର ମିଡିଆରେ ପ୍ରସାରିତ ବା ପ୍ରକାଶିତ ବିଷୟବସ୍ତୁ ଅପେକ୍ଷାକୃତ ଯଥାର୍ଥ ତାର୍କିକ ଭାବେ ସମ୍ପାଦିତ ଏବଂ ତଥ୍ୟଗତ ଭାବେ ସଠିକ୍ ହୋଇଥାଏ। ଏଗୁଡ଼ିକର ପ୍ରକାଶନ ଚକ୍ର ଏକ ସୀମିତ ଭୌଗଳିକ ଅଞ୍ଚଳ ପାଇଁ ନିର୍ଦ୍ଧାରିତ ହୋଇଥାଏ। ଏଥିରେ ପ୍ରକାଶିତ ବିଷୟବସ୍ତୁ ପାଇଁ ସାମ୍ବାଦିକମାନେ ଉତ୍ତରଦାୟୀ ରୁହନ୍ତି।

ପ୍ରିଣ୍ଟ ମିଡିଆର ନିର୍ଦ୍ଧାରିତ ସ୍ୱରୂପ ବିପରୀତରେ ସୋସିଆଲ ମିଡିଆ ଜନ-ଭାଗିଦାରୀ ଦ୍ୱାରା ସମୃଦ୍ଧ ହୋଇଥାଏ। ଏହା ନିଷ୍କ୍ରିୟ ଦର୍ଶକମାନଙ୍କୁ ନିର୍ମାତା ଏବଂ ପ୍ରଚାରକରେ ପରିଣତ କରେ। ଏହାଦ୍ୱାରା ବିଚାର-ବିମର୍ଶର ଆରମ୍ଭ ହୁଏ। କିନ୍ତୁ ଏହା ସହିତ ଏକପାକ୍ଷିଆ ମତ ମିଳିବାର ଆଶଙ୍କା ବି ରହେ। ପ୍ରିଣ୍ଟ ମିଡିଆରେ ଥରେ ପ୍ରକାଶିତ ହୋଇସାରିଥିବା ବିଷୟବସ୍ତୁକୁ ଲିଭାଯାଇପାରିବ ନାହିଁ, କିନ୍ତୁ ସୋସିଆଲ ପ୍ଲାଟଫର୍ମରେ ଏଥିରେ କ୍ରମାଗତ ଭାବରେ ସମ୍ପାଦନା ଚାଲିଥାଏ। ପାରମ୍ପରିକ ମିଡିଆ ସଂଶୋଧନ ପାଇଁ ଅନୁମତି ଦିଏ, କିନ୍ତୁ ତାହା ସୋସିଆଲ ପ୍ଲାଟଫର୍ମ ଭଳି ବାରମ୍ବାର ହୋଇ ନଥାଏ। ପ୍ରିଣ୍ଟ ଏବଂ ଡିଜିଟାଲ ମିଡିଆରେ ବିଷୟବସ୍ତୁ ଅନିର୍ବାର୍ଯ୍ୟ ଭାବରେ ସମ୍ପାଦନା ପ୍ରକ୍ରିୟା ଦେଇ ଗତି କରୁଥିବାରୁ ତାହା ଯାଞ୍ଚ ହୋଇଥାଏ। ଅନ୍ୟପକ୍ଷରେ, ସୋସିଆଲ ମିଡିଆର ବିଷୟବସ୍ତୁ ଯଦି ଅସତ୍ୟ ଏବଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ହୁଏ, ତେବେ ତାହା ଏକ ବଡ଼ ଆହ୍ୱାନ ପାଲଟିଯାଏ। ସୋସିଆଲ ମିଡିଆ ଅନେକ ସମୟରେ ସୁଶାସନ ନିଶ୍ଚିତ କରିବା ପଥରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରେ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଜାଣିଶୁଣି କିମ୍ବା ଅନ୍ୟ କାରଣରୁ ମିଥ୍ୟା ସମ୍ବାଦ ଏବଂ ଅପପ୍ରଚାରକୁ ଦ୍ରୁତ ଗତିରେ ପ୍ରସାର କରିବାରେ ସହାୟକ ହୋଇପାରନ୍ତି। ଏହାଦ୍ୱାରା ସମାଜରେ ଧ୍ରୁବୀକରଣ ସୃଷ୍ଟି ହୋଇପାରେ ଏବଂ ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବାଧା ଉପୁଜିପାରେ। ୨୦୨୦ ମସିହାର ଦିଲ୍ଲୀ ଦଙ୍ଗା ଭଳି ଘଟଣାରେ ମିଥ୍ୟା ପ୍ରଚାର ଯୋଗୁଁ ଉତ୍ତେଜନା ବଢ଼ିଥିଲା ଏବଂ ବ୍ୟବସ୍ଥା ବଜାୟ ରଖିବା ପାଇଁ ସରକାରୀ ପ୍ରୟାସ ଜଟିଳ ହୋଇପଡ଼ିଥିଲା। ଏହାର ଦ୍ରୁତ ପ୍ରସାରର ପ୍ରକୃତି ତଥ୍ୟ ଯାଞ୍ଚର ଗତିକୁ ପଛରେ ପକାଇ ଦିଏ। ଏହାଦ୍ୱାରା ଜନତାଙ୍କ ମଧ୍ୟରେ କ୍ରୋଧ କିମ୍ବା ଭୁଲ ତଥ୍ୟ ଆଧାରିତ ବିରୋଧ ଆରମ୍ଭ ହୋଇପାରେ। ସୋସିଆଲ ମିଡିଆର ଆଲଗୋରିଦମ୍ 'ଫିଲ୍ଟର ବବଲ୍' ତିଆରି କରି ପୂର୍ବଗ୍ରହକୁ ଦୃଢ଼ କରେ ଏବଂ ବିଭିନ୍ନ ଦୃଷ୍ଟିକୋଣ ପର୍ଯ୍ୟନ୍ତ ପହଞ୍ଚିବାକୁ ସୀମିତ କରିଦିଏ। ସିଏଏ ବିରୋଧରେ ପ୍ରଦର୍ଶନ ସମୟରେ ଏପରି 'ଇକୋ ଚାମ୍ବର୍ସ' ଆଲୋଚନା ପରିବର୍ତ୍ତେ ବିଭାଜନକୁ ପ୍ରୋତ୍ସାହିତ କରିଥିଲା, ଯାହା ପ୍ରଶାସନ ପାଇଁ ପ୍ରଭାବଶାଳୀ ଯୋଗାଯୋଗ କରିବା କଷ୍ଟକର କରିଦେଇଥିଲା।

ସରକାରଙ୍କୁ ଅନଲାଇନରେ ବହୁଳ ଜନସାଧାରଣଙ୍କ ସମୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ। ଏଠାରେ ଗୋଟିଏ ଭୁଲ ପଦକ୍ଷେପ ଏପରି ଏକ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି କରିପାରେ, ଯାହାର ତୁରନ୍ତ ସମାଧାନ କରିବା ଆବଶ୍ୟକ। ବିଶେଷ କରି ଅପପ୍ରଚାରର ଯୋଜନାବଦ୍ଧ ଅଭିଯାନ ସମୟରେ ନିୟନ୍ତ୍ରଣ ଏବଂ ସନ୍ତୁଳନର ସୀମିତ ସମ୍ବଳ କ୍ଷମତାକୁ ଆହୁରି ଦୁର୍ବଳ କରିଦିଏ। ଏହି ପ୍ରକାର ବିପଦର ମୁକାବିଲା କରିବା ପାଇଁ କରାଯାଉଥିବା ପ୍ରୟାସ ପ୍ରାୟତଃ ନିରୀକ୍ଷଣ ଏବଂ ଗୋପନୀୟତା ସମ୍ବନ୍ଧୀୟ ଚିନ୍ତାଧାରାର ସମ୍ମୁଖୀନ ହୋଇଥାଏ।

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ନିକଟରେ ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟବର୍ତ୍ତୀ ନିର୍ଦ୍ଦେଶାବଳୀ ଏବଂ ଡିଜିଟାଲ ମିଡିଆ ଆଚରଣ ସଂହିତା) ନିୟମାବଳୀ ୨୦୨୧ରେ ସଂଶୋଧନ ପ୍ରସ୍ତାବ ରଖିଛନ୍ତି। ଏହି ସଂଶୋଧନଗୁଡ଼ିକରେ ଅନଲାଇନ ସମ୍ବାଦ ଏବଂ ସାମ୍ପ୍ରତିକ ବିଷୟବସ୍ତୁର ନିୟମ ପାଇଁ ଫ୍ରେମୱାର୍କର ସମୀକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିରେ ମନ୍ତ୍ରଣାଳୟର ପରାମର୍ଶ ଏବଂ ନିର୍ଦ୍ଦେଶଗୁଡ଼ିକର ଅନୁପାଳନକୁ ଦୃଢ଼ କରିବା ପାଇଁ ପ୍ରୟାସ ରହିଛି। ଏହି ପରିବର୍ତ୍ତନଗୁଡ଼ିକ ସ୍ୱଭାବିକ ଭାବେ ବ୍ୟାଖ୍ୟାମୂଳକ ଏବଂ ପ୍ରକ୍ରିୟାମୂଳକ। କିନ୍ତୁ ଏଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରାଗଲେ ଏହା ଇଣ୍ଟରନେଟକୁ ଅଧିକ ସୁରକ୍ଷିତ ଏବଂ ଉତ୍ତରଦାୟୀ କରିବାରେ ସହାୟକ ହୋଇପାରେ। ଏହାଦ୍ୱାରା ଆଇନଗତ ନିଶ୍ଚିତତାରେ ଉନ୍ନତି ଆସିବ ଏବଂ ଅପପ୍ରଚାର ତଥା କ୍ଷତିକାରକ ବିଷୟବସ୍ତୁ ଯୋଗୁଁ ସୃଷ୍ଟି ହେଉଥିବା ଚିନ୍ତା ଦୂର ହେବ। ଶେଷରେ, ଏକ ସ୍ୱତନ୍ତ୍ର, ସୁରକ୍ଷିତ, ବିଶ୍ୱସନୀୟ ଏବଂ ଉତ୍ତରଦାୟୀ ଇଣ୍ଟରନେଟ୍ ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର।

ଆନ୍ତଃ-ବିଭାଗୀୟ କମିଟିର ସମ୍ପ୍ରସାରିତ ଭୂମିକା ଏହାକୁ ଅଭିଯୋଗର ପରିସର ବାହାରେ, ବ୍ୟାପକ ବିଷୟବସ୍ତୁ ଉପରେ ବିଚାର କରିବାକୁ ଅନୁମତି ଦିଏ। ଏହା ଅବୈଧ ବିଷୟବସ୍ତୁର ଉତ୍ତମ ଯାଞ୍ଚ ଏବଂ ଦ୍ରୁତ ଗତିରେ ବ୍ୟାପୁଥିବା ବିଭ୍ରାନ୍ତିକର ସୂଚନା ଉପରେ ତୁରନ୍ତ ପ୍ରତିକ୍ରିୟା ଦେବା ସକ୍ଷମ କରେ। ସଂଶୋଧନରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ସୂଚନା ପ୍ରଯୁକ୍ତି ନିୟମ, ତଥ୍ୟ ସୁରକ୍ଷିତ ରଖିବାର ପ୍ରତିବଦ୍ଧତାକୁ ଅନ୍ୟ ଆଇନଗୁଡ଼ିକରେ 'ବିନା କୌଣସି ପୂର୍ବଗ୍ରହରେ' କାର୍ଯ୍ୟ କରନ୍ତି, ଯାହା ସମ୍ଭାବ୍ୟ ଭାବରେ ଯାଞ୍ଚ ଏବଂ ଆଇନଗତ ପ୍ରକ୍ରିୟାରେ ସହାୟତା ପ୍ରଦାନ କରେ। ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଏହି ସଂଶୋଧନଗୁଡ଼ିକ ଅନଲାଇନ ଅଭିବ୍ୟକ୍ତି ଉପରେ କାର୍ଯ୍ୟନିର୍ବାହୀ କ୍ଷମତାର ସମ୍ପ୍ରସାରଣକୁ ଦର୍ଶାଉଛି। ନିୟମ ୩(୪) ର ଅନ୍ତର୍ଭୁକ୍ତିକରଣ, ଯାହା ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଅଧୀନରେ 'ସେଫ୍ ହାର୍ବର' (ଆଇନଗତ ସୁରକ୍ଷା) ବଜାୟ ରଖିବା ପାଇଁ ସରକାରୀ ନିର୍ଦ୍ଦେଶ ସହିତ ମଧ୍ୟବର୍ତ୍ତୀ ସଂସ୍ଥା ମାନଙ୍କ ଅନୁପାଳନକୁ ଅନିର୍ବାର୍ଯ୍ୟ କରେ, ତାହାକୁ ଆଇଟି ଆକ୍ଟର ନିୟମ ପ୍ରଣୟନ କ୍ଷମତା ବାହାରେ ବୋଲି ବିଚାର କରାଯାଉଛି। ଆଇନଗତ ସୁରକ୍ଷା ଛଡ଼ାଇ ନିଆଯିବା ଭୟରେ, ଏହି କମ୍ପାନୀଗୁଡ଼ିକ ଆବଶ୍ୟକତାଠାରୁ ଅଧିକ କଡ଼ା ପଦକ୍ଷେପ ଗ୍ରହଣ କରିପାରନ୍ତି, ଯାହାଦ୍ୱାରା ଇଣ୍ଟରନେଟରେ ଲୋକଙ୍କ କଥାକୁ ଅଯଥାରେ ରୋକାଯାଇପାରେ କିମ୍ବା ହଟାଇ ଦିଆଯାଇପାରେ। 'ସାମ୍ପ୍ରତିକ ବିଷୟବସ୍ତୁ'ର ବ୍ୟାପକ ସଂଜ୍ଞାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି, ଯାହାର ପରିସର ମଧ୍ୟରେ ସୋସିଆଲ ମିଡିଆ ପୋଷ୍ଟ ଏବଂ ଭିଡିଓ ଟିପ୍ପଣୀ ସହିତ ବ୍ୟବହାରକାରୀଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ମଧ୍ୟ ସରକାରୀ ନିୟମ ଅଧୀନକୁ ଆସିପାରେ।

ଏହି ପରିପ୍ରେକ୍ଷୀରେ ନ୍ୟାୟିକ ଘଟଣାବଳୀର ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ। ସେପ୍ଟେମ୍ବର ୨୦୨୫ରେ, କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କ 'ସହଯୋଗ' ପୋର୍ଟାଲ ବିରୋଧରେ ଏକ୍ସ କର୍ପ (ପୂର୍ବରୁ ଟ୍ୱିଟର)ର ଆବେଦନକୁ ଖାରଜ କରିଦେଇଥିଲେ। 'ସହଯୋଗ' ପୋର୍ଟାଲ ସୋସିଆଲ ମିଡିଆ ପ୍ଲାଟଫର୍ମକୁ କଣ୍ଟେଣ୍ଟ ହଟାଇବା ପାଇଁ ନୋଟିସ ଜାରି କରିବାର ଏକ ମାଧ୍ୟମ ଅଟେ। ଏହି ଆଦେଶ ସାର୍ବଜନୀନ ବ୍ୟବସ୍ଥା ଏବଂ ସୁରକ୍ଷା ପାଇଁ ସୂଚନା ଓ ପ୍ରଯୁକ୍ତି ଆଇନ ଅଧୀନରେ ସରକାରଙ୍କ ନିୟାମକ ଶକ୍ତିକୁ ସ୍ପଷ୍ଟ ଭାବରେ ସ୍ୱୀକୃତି ଦେଇଛି। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ବିଦେଶୀ ପ୍ଲାଟଫର୍ମଗୁଡ଼ିକ ଭାରତୀୟ ଆଇନ ପାଳନ କରିବା ଅନିର୍ବାର୍ଯ୍ୟ ଏବଂ ସେମାନେ ଅନୁଚ୍ଛେଦ ୧୯ ଅଧୀନରେ ପୂର୍ଣ୍ଣ ଅଧିକାର ଦାବି କରିପାରିବେ ନାହିଁ। ଉଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଅନୁଚ୍ଛେଦ ୧୯(୨) ଅଧୀନରେ ଲଗାଯାଇଥିବା ପ୍ରତିବନ୍ଧକ ଅନୁଯାୟୀ ଅଟେ, ଯାହା ଦେଶର ସାର୍ବଭୌମତ୍ୱ ଏବଂ ସାର୍ବଜନୀନ ବ୍ୟବସ୍ଥା ରକ୍ଷା ପାଇଁ ଜରୁରୀ। ଅଦାଲତ 'ସହଯୋଗ' ପୋର୍ଟାଲକୁ 'ଜନହିତର ସାଧନ' ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ଅଧିକାରୀଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରେ ଏବଂ ଏହାର ଅତିକ୍ରମଣ ଦାବିକୁ ଖାରଜ କରିଦେଇଛନ୍ତି। ନ୍ୟାୟାଳୟ ନିର୍ଦ୍ଦିଷ୍ଟ ସଂଶୋଧନ ସମ୍ବନ୍ଧୀୟ ଆବେଦନଗୁଡ଼ିକ ଉପରେ ଗଭୀର ଭାବରେ ବିଚାର କରିନାହାଁନ୍ତି, କିନ୍ତୁ ଏହି କଥା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ଯଦି ନିୟନ୍ତ୍ରଣ ଆନୁପାତିକ ହୁଏ ତେବେ ତାହା ସାମ୍ବିଧାନିକ ଭାବରେ ଗ୍ରହଣୀୟ। ଏ ସମ୍ବନ୍ଧୀୟ ଚର୍ଚ୍ଚା ଏବେ ସରଗରମ ରହିଥିବା ବେଳେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ସରକାରଙ୍କ ଅଧିକାରକୁ ନିଶ୍ଚିତ କରି ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ସୃଷ୍ଟି କରିଛି। ସୂଚନା ଅଭିଯାନର ବଢ଼ୁଥିବା ପରିସର ଆଉ ଏକ ଦିଗ ଯୋଡ଼ିଥାଏ। ଆଲଗୋରିଦମ୍ ଉପରେ ଆଧାରିତ ବଟ୍ସ ଏବଂ ପରସ୍ପର ସହିତ ଜଡ଼ିତ ନେଟୱାର୍କ ଏବେ ଦ୍ରୁତ ଗତିରେ ଅନଲାଇନ ଆଲୋଚନାକୁ ପ୍ରଭାବିତ କରୁଛନ୍ତି। କୃତ୍ରିମ ବୁଦ୍ଧିମତାରେ ହୋଇଥିବା ଅଗ୍ରଗତି 'ଡିପ୍‌ଫେକ୍' ଭିଡିଓ ତିଆରି କରିବା ସମ୍ଭବ କରିଛି, ଯାହାକୁ ଚିହ୍ନଟ କରିବା କଷ୍ଟକର ଏବଂ ଯାହାର ପ୍ରଭାବ କେବଳ ଲିଖିତ ମିଥ୍ୟା ପାଠ୍ୟ ତୁଳନାରେ ଅନେକ ଅଧିକ ଗଭୀର ହୋଇଥାଏ।

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ବଳରାମ ଦାସ






**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮


ମହାପ୍ରଭୁ ଜଗନ୍ନାଥ ଏବଂ ଏହାର ସଂସ୍କୃତି ଅତୀବ ରହସ୍ୟମୟ। ଏହି ସଂସ୍କୃତିରେ ବୈଦିକ ରୀତି - ନୀତି ଠାରୁ ଆରମ୍ଭ କରି ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ବିଧି - ବିଧାନାଦି ସହିତ ଅନେକ ତତ୍ତ୍ୱ ଭରି ରହିଛି। ଏହା ବ୍ୟତୀତ ଏକ ମୁଖ୍ୟ ବିଷୟ ଦେଖିବାକୁ ମିଳେ, ତାହା ହେଉଛି ଭକ୍ତର ଅନନ୍ୟ ଭକ୍ତି। ଯାହା ଉପରୋକ୍ତ ରୀତି - ନୀତି ଓ ବିଧି - ବିଧାନାଦି ଠାରୁ ସର୍ବ ଶ୍ରେଷ୍ଠ। ତେଣୁ ଏହାକୁ ଭକ୍ତ ଏବଂ ଭଗବାନଙ୍କ ମିଳନର ସଂସ୍କୃତି କୁହାଯାଏ। ଯାହାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି, ସେଥି ମଧ୍ୟରୁ ଗୋଟିଏ ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏହି ଯାତ୍ରାରେ ଦାରୁବ୍ରହ୍ମ ଭକ୍ତର ଭାବନାକୁ ନେଇ ସେ, ସେହି ପ୍ରକାରେ ଦର୍ଶନ ଦେଇଥାନ୍ତି। କାରଣ ମହାବାହୁ ଭକ୍ତର ଅଧୀନ। ତେଣୁ ସେ ନିଜର ସମସ୍ତ ଭକ୍ତଙ୍କ ଲାଗି ସବୁକିଛି କରି ପାରନ୍ତି। ତାହାର ନିଛକ ଦୃଷ୍ଟାନ୍ତ ହେଲେ ପଞ୍ଚସଖାଙ୍କ ମଧ୍ୟରେ ଜ୍ୟେଷ୍ଠ ଭକ୍ତକବି ବଳରାମ ଦାସ। ସେ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ତଥା ପରମ ଭକ୍ତ। ଯାହାଙ୍କ ଭକ୍ତି କେବଳ ପୂଜା-ପଦ୍ଧତିରେ ସୀମିତ ନଥିଲା, ତାହା ଥିଲା ତାଙ୍କର ଏକ ଅଧିକାରପୂର୍ଣ୍ଣ ପ୍ରେମ ଓ ସଖ୍ୟ ଭାବ।

ଏହି ଭକ୍ତ ବଳରାମ ଦାସଙ୍କ ପିତା ଥିଲେ ସୋମନାଥ ମହାପାତ୍ର। ସୋମନାଥ ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀରୂପେ କାର୍ଯ୍ୟ କରୁଥିଲେ। ତେଣୁ ବଳରାମ ଦାସ ରାଜକୀୟ ବୈଭବ ଏବଂ ଉଚ୍ଚ ଶିକ୍ଷାର ଅଧିକାରୀ ହୋଇ ପାରିଥିଲେ। ତଥାପି ସେ ସାଂସାରିକ ବୈଭବକୁ ତ୍ୟାଗ କରି ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହେବାକୁ ଶ୍ରେୟ ମଣିଥିଲେ। ବଳରାମ ଦାସଙ୍କ ସାଧନା ଥିଲା ଜ୍ଞାନ-ମିଶ୍ରା ଭକ୍ତି। ସେ ପ୍ରଭୁଙ୍କୁ ନିଜର ପରମ ସଖା ବା ବନ୍ଧୁ ମନେ କରୁଥିଲେ। ତାଙ୍କର ଏ ଭାବ ଏତେ ନିବିଡ଼ ଥିଲା ଯେ ସେ ପ୍ରଭୁଙ୍କ ପ୍ରେମରେ ଉନ୍ମତ୍ତ ହୋଇ ବଡ଼ଦାଣ୍ଡର ଚାରିଆଡ଼େ ବୁଲୁଥିଲେ। ସେଥିପାଇଁ ସମସାମୟିକ ସମାଜ ତାଙ୍କୁ 'ମତ୍ତ ବଳରାମ' ବୋଲି ଆଖ୍ୟା ଦେଇଥିଲା।

ଜଗନ୍ନାଥ ସଂସ୍କୃତିରେ ଭକ୍ତ ବଳରାମ ଦାସଙ୍କୁ କେନ୍ଦ୍ର କରି ଅନେକ ଅଲୌକିକ କାହାଣୀ ପ୍ରଚଳିତ ରହିଛି। ସେଥି ମଧ୍ୟରୁ ଗୋଟିଏ ହେଉଛି ବାଲିରଥ। ଯାହା ପ୍ରମାଣିତ କରେ ଯେ, ଭଗବାନ କେବଳ ଭାବର ଗ୍ରାହକ। ତା ବ୍ୟତୀତ ସେ ଭକ୍ତର କୌଣସି ବିଧି - ବିଧାନକୁ ଗୁରୁତ୍ୱ ଦିଅନ୍ତି ନାହିଁ। ତେଣୁ କୁହାଯାଇଛି:

ଭାବର ଠାକୁର ଭକ୍ତିରେ ବିଭୋର
ଭକ୍ତ ଲାଗି ଭାବଗ୍ରାହୀ
ବିଧି ବିଧାନକୁ କିଛି ନ ଦେଖନ୍ତି
ଭକ୍ତର ଅଧୀନ ସେହି ।।

ଏହି ଭାବଗ୍ରାହୀଙ୍କ ନିକଟରେ ବିଧି ବିଧାନକୁ ନେଇ ଏକ ସୁନ୍ଦର କାହାଣୀ ରହିଛି :- ପଞ୍ଚଦଶ ଶତାବ୍ଦୀର କଥା। ସେହି ଦିନଥିଲା ଆଷାଢ଼ମାସ ଶୁକ୍ଳପକ୍ଷର ଦ୍ୱିତୀୟା ତିଥି, ଯାହା ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷ ଯାତ୍ରା। ରଥାରୂଢ଼ ନିମନ୍ତେ ଠାକୁରମାନଙ୍କ ନୀତିକାନ୍ତି ଶ୍ରୀମନ୍ଦିରରେ ଚାଲିଥାଏ। ନୀତିରେ ସାମାନ୍ୟ ବିଳମ୍ବ ହେତୁ ପହଣ୍ଡି ବିଜେ କାର୍ଯ୍ୟାଦି ସମୟ ଠାରୁ କିଛି ବିଳମ୍ବ ହୋଇଯାଇଥାଏ। ଏହା ଜାଣିବା ପରେ ଭକ୍ତ ବଳରାମ ଦାସ ଚିନ୍ତା କଲେ ଯେ, ଚାରୁଲତାକୁ ଦେଖା କରିବା ପରେ ଶ୍ରୀମନ୍ଦିରକୁ ଯିବେ ବୋଲି। ଚାରୁଲତା ଥିଲେ ଜଣେ ବୃତ୍ତିରେ ବାରଙ୍ଗନା। ତାଙ୍କରି ଆଳୟକୁ ଏହା ପୂର୍ବରୁ ବହୁବାର ଭକ୍ତ ବଳରାମ ଦାସ ଯାଉଥିଲେ। ସେହି ଦିନ ମଧ୍ୟ ଗଲେ ଏବଂ ସେଠାରେ ଆମୋଦ ପ୍ରମୋଦରେ ଲିପ୍ତରହି ରଥଯାତ୍ରା କଥା ସେ ଭୁଲିଗଲେ। ଇତି ମଧ୍ୟରେ ବଡ଼ଦାଣ୍ଡରେ ରଥଟଣା ଆରମ୍ଭ ହୋଇଯାଇଥାଏ। ରଥ ଚକର ଘର୍ଘର ଶବ୍ଦରେ ଭକ୍ତ ଦାସଙ୍କ ତନ୍ଦ୍ରା ଭାଙ୍ଗିଗଲା। ସେ ଶ୍ରୀଜଗନ୍ନାଥଙ୍କ ମନମୋହନ ରୂପ ଓ ପବିତ୍ର ଘୋଷଯାତ୍ରାରେ ଭକ୍ତଙ୍କ ସମାଗମ କଥାକୁ ସ୍ମରଣ କରି ଉନ୍ମତ୍ତହୋଇ ଉଠିଥିଲେ ଏବଂ ସୁଚି ଅଶୁଚି ବିଷୟକୁ ତିଳେ ମଧ୍ୟ ଚିନ୍ତା ନ କରି ବାରଙ୍ଗନା କବରିରେ ଗୁନ୍ଥା ଯାଇଥିବା ରଜନୀଗନ୍ଧାର ଫୁଲ ମାଳଟିକୁ ଛିଣ୍ଡାଇ ଆଣି ପ୍ରଭୁଙ୍କ ଦର୍ଶନ ଆଶାରେ ବଡଦାଣ୍ଡକୁ ଉଦଣ୍ଡ କୀର୍ତ୍ତନକରି ପ୍ରବେଶ କଲେ। ସେ ଏପରି ଦେହି ସଙ୍ଗେ ସଙ୍ଗ ହୋଇଥିଲେ ଯେ, ନିଜ ଦେହ ଜ୍ଞାନକୁ ସମ୍ପୂର୍ଣ୍ଣ ରୂପରେ ଭୁଲି ଯାଇଥିଲେ ଏବଂ ସେହି ଅବସ୍ଥାରେ ରଥ ଉପରକୁ ଚଢ଼ି ବେଶ୍ୟାଲାଗି ହୋଇଥିବା ଫୁଲ ମାଳଟିକୁ ପ୍ରଭୁଙ୍କୁ ଅର୍ପଣ କରିବା ପାଇଁ ହାତକୁ ବଢାଇଦେଲେ। ଏ ସମୟରେ ପଣ୍ଡାମାନେ ଦେଖିଲେ ଯେ, ଭକ୍ତ ଦସଙ୍କ ମୁହଁରେ ଏବଂ ବକ୍ଷସ୍ଥଳରେ ବେଶ୍ୟା ଦେହର କଜ୍ ?ଳ, ହଳଦୀ ଓ କସ୍ତୁରୀ ଦାଗାଦି ଲାଗି ରହିଛି। ଏହି ସେବକମାନେ ବଳରାମ ଦାସଙ୍କ ଚରିତ୍ରକୁ ପୂର୍ବରୁ ଭଲଭାବେ ଜାଣନ୍ତି। ତେଣୁ ପଣ୍ଡାମାନେ ଏତାଦୃଶ କାର୍ଯ୍ୟ ସହ୍ୟ କରି ପାରିଲେ ନାହିଁ ଏବଂ ସେମାନେ ତତ୍ କ୍ଷଣ ବଳରାମ ଦାସଙ୍କୁ ଲଜ୍ଜିତ କରିବା ସହ ଗଳା ଧକ୍କା ଦେଇ ରଥ ଉପରୁ ବାହାର କରିଦେଲେ। ସେବକ ମାନେ କହିଥିଲେ....

'ସ୍ନାନ ସୁଚି ତୋର ନାହିଁ
ଥିଲୁ ତୁ ବେଶ୍ୟା ଘରେ ଶୋଇ।
କିମ୍ପା ଚଢ଼ିଲୁ ତୁ ରଥର
ଭକତ ପଣ ପୋଡୁ ତୋର।'

ବଳରାମ ଦାସ ସମସ୍ତଙ୍କ ଆଗରେ ନିନ୍ଦିତ ହେଲେ, ସେ ଅପମାନର ନିଆଁରେ ଜଳିବା ସହିତ ତାଙ୍କର ବେନି ନୟନରୁ ଧାର ଧାର ଲୁହ ଝରିବାକୁ ଲାଗିଲା। ସେ ପ୍ରଭୁଙ୍କ ଆଡ଼କୁ ଚାହିଁ କହିଲେ, ହେ ପ୍ରଭୁ ! ତୁ ମୋ ପ୍ରାଣବନ୍ଧୁ ବୋଲି ଭାବି ମୁଁ ତୁମର ପାଖକୁ ଆସିଥିଲି କିନ୍ତୁ ମତେ ଦଣ୍ଡ ଦିଆଗଲା। ମୁଁ ଆଜି ତୁମକୁ ଚିହ୍ନି ଗଲି ସଖା ! ଏବେ ଏହି ବଡ଼ଦାଣ୍ଡରୁ ବାହୁଡ଼ି ଯାଉଛି। ବର୍ତ୍ତମାନ ତୁମ ରଥ ଦଉଡ଼ିକୁ କିଏ ଟାଣିବ ଟାଣୁ, ଏହା କହି ବଳରାମ ଦାସ ବଡ଼ଦାଣ୍ଡରୁ ଫେରିଆସି ସମୁଦ୍ର କୂଳର ବାଙ୍କି ମୁହାଣ ନିକଟସ୍ଥ ଚକ୍ରତୀର୍ଥ ଠାରେ ବାଲିର ତିନୋଟି ରଥ ନିର୍ମାଣ କରି ଠାକୁର ମାନଙ୍କୁ ବସାଇଲେ। ସେଠାରେ ସେ ଚକ୍ଷୁ ନିମିଳିତ ମୁଦ୍ରାରେ ଧ୍ୟାନସ୍ଥ ହୋଇ ଭାବ ସମାଧିରେ ପ୍ରବେଶ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଷୋଡ଼ଶ ଉପଚାରରେ ପୂଜା ଅର୍ଚ୍ଚନା କଲେ। ଏହି ସମୟରେ ହଠାତ୍ ଶୂନ୍ୟବାଣୀ ହେଲା - ଦାସେ ! ମୋର ଉତ୍ସ ? କ'ଣ ହେବ ? ମୂଳ ମୋର ଭକ୍ତ, ଅଶେଷ ସୁଖ ମୁଁ ମୋ ଭକ୍ତ କଥାମୃତରୁ ହିଁ ପାଉଛି। ତୋ ଏକନିଷ୍ଠ ଭାବ ସମାଧି ହିଁ ମୋତେ ଏଠାକୁ ଟାଣି ଆଣିଲା। ଏହା ଶୁଣି ବଳରାମ ଦାସ ନିଜ କୃତକର୍ମ ପାଇଁ ଅନୁତପ୍ତ ହୋଇ କାନ୍ଦି ଉଠି କହିଲେ, ହେ ପ୍ରଭୁ ! ମୁଁ ଯାହା କରିଛି ଓ କହିଛି ସେ ସବୁ ମୋ ଅଭିମାନର କଥା ମତେ କ୍ଷମା କରନ୍ତୁ। ସେତେ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ଗୁଡ଼ିକ ଆଗକୁ ସୂତାଏ ବି ଚଳିଲେ ନଥିଲେ। ସୈନ୍ୟ-ସାମନ୍ତ ଓ ଅଶ୍ୱ-ଗଜମାନେ ମଧ୍ୟ ବହୁ ଶକ୍ତି ପ୍ରୟୋଗ କରି ନିସ୍ତେଜ ହେବାକୁ ଲାଗିଲେ। ରାଜା ପ୍ରତାପରୁଦ୍ରଦେବ ସମସ୍ତ ଦୃଶ୍ୟ ଦେଖି ଧ୍ୟାନ ମୁଦ୍ରାରେ ପ୍ରଭୁଙ୍କୁ ସ୍ମରଣ କଲେ। ହେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥ ! ସଦୟ ହୁଅନ୍ତୁ। ସେତିକି ବେଳେ ନୀଳାଧୀଶ ରାଜାଙ୍କୁ କହିଲେ ହେ ରାଜନ୍ ! ବଳରାମ ଦାସ ମୋର ପରମ ଭକ୍ତ। ସେ ଯେଉଁ ଅବସ୍ଥାରେ ଥିଲେବି ମୁଁ ତାକୁ ଭଲପାଏ। ମୋର ପରମ ଭକ୍ତକୁ ପଣ୍ଡା ସେବକମାନେ ବହୁ କଷ୍ଟ ଓ ଅପମାନିତ କରିଛନ୍ତି। ତେଣୁ ସେ ମତେ ଚକ୍ରତୀର୍ଥ ଠାରେ ବାଲିରଥ କରି ଅଟକାଇ ରଖିଛି। ଏବେ ଆମ୍ଭେ ଭାଇ ଭଉଣୀ ତାର ଭାବ ସମାଧିରେ ବନ୍ଧା ପଡିଛୁ। ଏହା ଶୁଣିବା ପରେ ରାଜା କାଳ ବିଳମ୍ବ ନ କରି ଅତ୍ୟନ୍ତ ସସମ୍ମାନରେ ଭକ୍ତ ବଳରାମ ଦାସଙ୍କୁ ପାଲିଙ୍କିରେ ପାଛୋଟି ଆଣି ବଡଦାଣ୍ଡର ରଥ ଉପରେ ବସାଇଲେ। ସମସ୍ତଙ୍କ ବିନୟ ପ୍ରାର୍ଥନା ଶୁଣି ଭକ୍ତ ବଳରାମ ଦାସ ପ୍ରସନ୍ନ ମୁଖରେ ଆଦେଶ ଦିଅନ୍ତେ, ତିନିରଥ ଘର୍ଘର ନାଦକରି ବଡ଼ଦାଣ୍ଡରେ ଗଡିବାକୁ ଲାଗିଲା। ଶେଷରେ ଭକ୍ତ ଦାସଙ୍କର ହିଁ ବିଜୟ ହେଲା।

ଶ୍ରୀଜଗନ୍ନାଥ ଏବଂ ଭକ୍ତ ବଳରାମ ଦାସଙ୍କ ସମ୍ପର୍କ କେବଳ ଉପାସନା ଓ ଆରାଧନାର ସମ୍ପର୍କ ନୁହେଁ। ଏହା ହେଉଛି ଆତ୍ମାର ସହ ପରମାତ୍ମାର ସମ୍ପର୍କ। ବଳରାମ ଦାସ ତାଙ୍କ ଜୀବନ ଓ ସାହିତ୍ୟ ମାଧ୍ୟମରେ ପ୍ରମାଣିତ କରିଯାଇଛନ୍ତି ଯେ, ଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ଯେଉଁଠି ନିଷ୍କପଟ ପ୍ରେମ ଓ ଆକୁଳତା ଥାଏ, ସେଠାରେ ଭଗବାନ ନିଜର ଆସନ ଛାଡ଼ି ଭକ୍ତ ପାଖକୁ ଧାଇଁ ଆସନ୍ତି। ଓଡ଼ିଆ ଜାତି ଓ ଜଗନ୍ନାଥ ସଂସ୍କୃତିର ଇତିହାସରେ ଭକ୍ତ ବଳରାମ ଦାସଙ୍କ ନାମ ସଦାସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

# ଆଧ୍ୟାତ୍ମିକତା ଓ ସଂସ୍କୃତିର ପ୍ରତୀକ : ମୃଦଙ୍ଗ




**ବୈଷ୍ଣବ ଚରଣ ଦାଶ**
ବୀରଧନଞ୍ଜୟ ପୁର, ଶାସନ ବୁଗୁଡ଼ା
ଗଞ୍ଜାମ-୯୭୭୬୫୩୪୯୩୦


ଭାରତ ଏକ ସଙ୍ଗୀତପ୍ରଧାନ ଦେଶ। ପ୍ରାଚୀନ କାଳରୁ ଏଠାରେ ସଙ୍ଗୀତ, ନୃତ୍ୟ ଓ ବାଦ୍ୟକଳାର ଏକ ସମୃଦ୍ଧ ପରମ୍ପରା ରହିଆସିଛି। ଭାରତୀୟ ସଙ୍ଗୀତର ତିନୋଟି ମୂଳ ଅଙ୍ଗ ହେଲାଗୀତ, ବାଦ୍ୟ ଓ ନୃତ୍ୟ। ବାଦ୍ୟଯନ୍ତ୍ରମାନଙ୍କ ମଧ୍ୟରେ ତାଳବାଦ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସେହି ତାଳବାଦ୍ୟମାନଙ୍କ ମଧ୍ୟରୁ ମୃଦଙ୍ଗ ଏକ ଅତି ପ୍ରାଚୀନ, ପବିତ୍ର ଓ ଗୌରବମୟ ବାଦ୍ୟଯନ୍ତ୍ର। ଏହା କେବଳ ସଙ୍ଗୀତର ତାଳ ରକ୍ଷା କରେ ନାହିଁ, ବରଂ ଭକ୍ତି, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୀବନ୍ତ ପ୍ରତୀକ ଭାବେ ପରିଗଣିତ।

'ମୃଦଙ୍ଗ' ଶବ୍ଦଟି ସଂସ୍କୃତର 'ମୃଦ୍' (ମାଟି) ଓ 'ଅଙ୍ଗ' (ଦେହ) ଶବ୍ଦରୁ ଗଠିତ। ପ୍ରାଚୀନ କାଳରେ ଏହି ବାଦ୍ୟର ମୂଳ ଅଂଶ ମାଟିରେ ନିର୍ମିତ ହେଉଥିଲା। ପରବର୍ତ୍ତୀ ସମୟରେ କାଠରେ ଏହାକୁ ତିଆରି କରାଯିବାରୁ ଏହା ଅଧିକ ସ୍ଥାୟୀ ଓ ସୁମଧୁର ଧ୍ୱନିଯୁକ୍ତ ହୋଇପାରିଲା। ମୃଦଙ୍ଗର ଇତିହାସ ବହୁ ପ୍ରାଚୀନ। ନାଟ୍ୟଶାସ୍ତ୍ର, ସଙ୍ଗୀତ ରତ୍ନାକର ପରି ପ୍ରାଚୀନ ଗ୍ରନ୍ଥରେ ମୃଦଙ୍ଗର ବିସ୍ତୃତ ବର୍ଣ୍ଣନା ମିଳେ। ମନ୍ଦିରର ମୂର୍ତ୍ତି, ପ୍ରାଚୀନ ଗୁମ୍ଫା ଚିତ୍ର ଓ ଶିଳାଲେଖରେ ମଧ୍ୟ ମୃଦଙ୍ଗ ବଜାଉଥିବା କଳାକାରଙ୍କ ଚିତ୍ର ଦେଖିବାକୁ ମିଳେ। ଏହା ପ୍ରମାଣ କରେ ଯେ ହଜାର ହଜାର ବର୍ଷ ଧରି ଏହି ବାଦ୍ୟ ଭାରତୀୟ ସଂସ୍କୃତିର ଅଂଶ ରହିଆସିଛି।

ପୁରାଣରେ ବର୍ଣ୍ଣନା ଅଛି ଯେ ଦେବଦେବୀଙ୍କ ଉତ୍ସବ, ଯଜ୍ଞ ଓ ଦିବ୍ୟ ନୃତ୍ୟ ସମୟରେ ମୃଦଙ୍ଗ ବାଜୁଥିଲା। ଭଗବାନ ଶ୍ରୀକୃଷ୍ଣଙ୍କ ରାସଲୀଳା, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନାମସଂକୀର୍ତ୍ତନ ଓ ବୈଷ୍ଣବ ପରମ୍ପରାରେ ମୃଦଙ୍ଗକୁ ଭକ୍ତିର ପ୍ରାଣ ବୋଲି କୁହାଯାଏ। ମୃଦଙ୍ଗ ସାଧାରଣତଃ ଏକ ଖଣ୍ଡ କାଠରୁ ତିଆରି କରାଯାଏ।

କେତେକ କ୍ଷେତ୍ରରେ ମାଟିରେ, ପିତ୍ତଳରେ, ମଧ୍ୟ ମୃଦଙ୍ଗ କରାଯାଇଥାଏ।ଏହା ସାଧାରଣତଃ ନିମ୍ବ, ଶିଶୁ, ଆମ୍ବ କିମ୍ବା ଅନ୍ୟାନ୍ୟ ଦୃଢ଼ କାଠରେ ତିଆରି କରାଯାଏ। ଏହାର ଦୁଇ ପାର୍ଶ୍ୱରେ ଚମଡ଼ା ଲଗାଯାଇଥାଏ। ଗୋଟିଏ ପାର୍ଶ୍ୱରୁ ମନ୍ଦ୍ର ଧ୍ୱନି ଓ ଅନ୍ୟ ପାର୍ଶ୍ୱରୁ ତୀବ୍ର ଧ୍ୱନି ଉତ୍ପନ୍ନ ହୁଏ। ଚମଡ଼ାର ମଧ୍ୟଭାଗରେ ବିଶେଷ କଳା ପ୍ରଲେପ ଦିଆଯାଏ,



ଯାହା ଧ୍ୱନିକୁ ସ୍ପଷ୍ଟ ଓ ଗମ୍ଭୀର କରେ। ମୃଦଙ୍ଗକୁ ଉଭୟ ହାତରେ ବଜାଯାଏ। ଡାହାଣ ହାତରେ ତୀକ୍ଷ୍ଣ ସ୍ୱର ଓ ବାମ ହାତରେ ଗମ୍ଭୀର ସ୍ୱର ସୃଷ୍ଟି କରାଯାଏ। ବାଦକ ବିଭିନ୍ନ ବୋଲଧା, ଧିନ୍, ତା, କିଟ୍, ଧୁମ୍, ତି, ନା ଇତ୍ୟାଦିଦ୍ୱାରା ତାଳ ପ୍ରକାଶ କରନ୍ତି।

ଓଡ଼ିଶାର ମର୍ଦ୍ଦଳ ସମଗ୍ର ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ। ଓଡ଼ିଶୀ ନୃତ୍ୟରେ ମର୍ଦ୍ଦଳ ପ୍ରଧାନ ତାଳବାଦ୍ୟ। ନୃତ୍ୟର ପ୍ରତ୍ୟେକ ଭଙ୍ଗୀ, ପଦଚାଳନା ଓ ଅଭିନୟକୁ ଏହା ସଜୀବ କରିଥାଏ। ଅନେକ ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଓଡ଼ିଶାର କଳାକୁ ବିଶ୍ୱଦରବାରରେ ପରିଚିତ କରାଇଛନ୍ତି। ଶ୍ରୀଜଗନ୍ନାଥଙ୍କ ନୀତି, ଭଜନ, କୀର୍ତ୍ତନ, ମନ୍ଦିର ଉତ୍ସବ ଓ ବିଭିନ୍ନ ପାରମ୍ପରିକ କାର୍ଯ୍ୟରେ ମର୍ଦ୍ଦଳର ମଧୁର ନାଦ ଶୁଣିବାକୁ ମିଳେ। ସେହିପରି ରାମଲୀଳା କୃଷ୍ଣ ଲୀଳା, ପ୍ରହଲ୍ଲାଦ ନାଟକ ପରି ଲୋକ ନୃତ୍ୟ ରେ ମଧ୍ୟ ମୃଦଙ୍ଗ କୁ ପ୍ରମୁଖ ବାଦ୍ୟ ଭାବେ ଗ୍ରହଣ କରାଯାଇଛି।

ଭାରତର ବିଭିନ୍ନ ଅଞ୍ଚଳରେ ମୃଦଙ୍ଗର ଅନେକ ରୂପ ରହିଛି: ମର୍ଦ୍ଦଳ (ଓଡ଼ିଶା), ମୃଦଙ୍ଗମ୍ (ଦକ୍ଷିଣ ଭାରତ), ଖୋଳ (ବଙ୍ଗ ଓ ବୈଷ୍ଣବ ପରମ୍ପରା), ପଖାଉଜ (ଉତ୍ତର ଭାରତ) ପ୍ରତ୍ୟେକର ଗଠନ ଓ ବାଦନ ଶୈଳୀ ଭିନ୍ନ ହେଲେ ମଧ୍ୟ ସମସ୍ତଙ୍କର ମୂଳ ଉଦ୍ଦେଶ୍ୟ ହେଉଛି ତାଳ ପ୍ରଦାନ କରିବା।

ମୃଦଙ୍ଗ ଶିଖିବା ପାଇଁ ନିୟମିତ ଅଭ୍ୟାସ, ଗୁରୁଙ୍କ ନିର୍ଦ୍ଦେଶ ଓ ତାଳଜ୍ଞାନ ଆବଶ୍ୟକ। ନିରନ୍ତର ସାଧନା ଦ୍ୱାରା ଜଣେ ବାଦକ ଉଚ୍ଚକୋଟିର କଳାକାର ହୋଇପାରନ୍ତି। ମୃଦଙ୍ଗର ମଧୁର ନାଦ ଭକ୍ତିଭାବକୁ ବୃଦ୍ଧି କରେ। ଯେଉଁଠାରେ ଏହାର ଧ୍ୱନି ଶୁଣାଯାଏ, ସେଠାରେ ଭଗବାନ ଶ୍ରୀହରିଙ୍କ ଆରାଧନା ହୋଇଥାଏ।

ମୃଦଙ୍ଗ କେବଳ ଏକ ବାଦ୍ୟଯନ୍ତ୍ର ନୁହେଁ, ଏହା ଭାରତୀୟ ସଂସ୍କୃତି, ଭକ୍ତି, ଆଧ୍ୟାତ୍ମିକତା ଓ କଳାର ଅମର ପ୍ରତୀକ। ଏହାର ମଧୁର ନାଦ ମନକୁ ଶାନ୍ତି, ଆନନ୍ଦ ଓ ଭକ୍ତିରେ ପରିପୂର୍ଣ୍ଣ କରେ। ତେଣୁ ଏହି ପ୍ରାଚୀନ ଐତିହ୍ୟର ସଂରକ୍ଷଣ, ପ୍ରଚାର ଓ ପ୍ରସାର କରିବା ଆମ ସମସ୍ତଙ୍କର ଦାୟିତ୍ୱ। ନୂତନ ପିଢ଼ି ଏହାକୁ ଶିଖି ଓ ସମ୍ମାନ କଲେ ଭାରତୀୟ ସଙ୍ଗୀତ ପରମ୍ପରା ଚିରସ୍ଥାୟୀ ହୋଇ ରହିବ।

# ଇରାନର ଭୟଙ୍କର ଆକ୍ରମଣ, ୧୦୦ ଆମେରିକୀୟ ସୈନ୍ୟ ଆହତ



ନ୍ୟୁୟର୍କ, ୨୨/୦୭: ଇରାନର ଜବାବୀ ଆକ୍ରମଣରେ ପ୍ରାୟ ୧୦୦ ସୈନ୍ୟ ଆହତ ହୋଇଥିବା ଶେଷରେ ମାନିଛି ଆମେରିକା। ପେଣ୍ଟାଗନ ମୁଖପାତ୍ର ସାନ୍ ପାର୍ନେଲ କହିଛନ୍ତି, ଜୁଲାଇ ୭ ପରେ ହୋଇଥିବା ଆକ୍ରମଣରେ ଏହି ସୈନ୍ୟ ମାନେ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୯୬% ଅତିକ୍ରମ ସୁସ୍ଥ ହୋଇ ଯୁଦ୍ଧଭୂମିକୁ ଫେରିଆସିଛନ୍ତି।ସେ ଆହୁରି କହିଛନ୍ତି ଯେ, ଅଧିକାଂଶ ସୈନ୍ୟଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିଲା। ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ପ୍ରକାଶିତ ଖବରର ଜବାବ ଦେଇ ପେଣ୍ଟାଗନ ମୁଖପାତ୍ର ମଙ୍ଗଳବାର ଏହା କହିଛନ୍ତି। ଇରାନୀ ଆକ୍ରମଣରେ ଆହତ ହୋଇଥିବା ଆମେରିକୀୟ ସୈନ୍ୟଙ୍କ ତଥ୍ୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ) ସାର୍ବଜନୀନ କରୁ ନ ଥିବା ଏହି ରିପୋର୍ଟରେ ଦର୍ଶାଯାଇଥିଲା।ଯାହାକୁ ନେଇ ପାର୍ନେଲ କହିଛନ୍ତି, ଜାଣିଶୁଣି ବିଳମ୍ବରେ ତଥ୍ୟ ପ୍ରକାଶ କରାଯାଇଛି। ସୈନ୍ୟମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି କରାଯାଇଥିବା ସେ ସଫେଇ ଦେଇଛନ୍ତି। ଅଲ୍ ଜଜିରା ରିପୋର୍ଟ ମୁତାବକ, ଚଳିତବର୍ଷ ଫେବୃଆରୀରୁ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧରେ ଅଦ୍ୟାବଧି ୧୭ ଆମେରିକୀୟ ସୈନିକ ପ୍ରାଣ ହରାଇଛନ୍ତି। ୪୩୦ରୁ ଅଧିକ ଆହତ ହୋଇଛନ୍ତି।ଅନ୍ୟପକ୍ଷରେ ଆମେରିକାର ହମଲା ଯୋଗୁ ହୋଇଥିବା କ୍ଷତି ବାବଦରେ ଇରାନୀ ଅଧିକାରୀ କହିଛନ୍ତି, ଚଳିତମାସ ଆରମ୍ଭ ହୋଇଥିବା ଆମେରିକୀୟ ଆକ୍ରମଣରେ ଏ ପର୍ଯ୍ୟନ୍ତ ଅନ୍ୟୁନ ୫୦ ଲୋକଙ୍କ ମୃତ୍ୟୁ ଘଟିଛି। ୫୧୭ ଜଣ ଆହତ ହୋଇଛନ୍ତି। ତେବେ ଭିତ୍ତିଭୂମି କ୍ଷୟକ୍ଷତି ବାବଦରେ ଇରାନ କୌଣସି ସୂଚନା ଦେଇନାହିଁ।

### କ୍ୱାଡ୍ ଦେଶର ବୈଦେଶିକ ମନ୍ତ୍ରୀ ମାନିଲାରେ ଏକଜୁଟ

# ଭାରତ-ପ୍ରଶାନ୍ତ ମହାସାଗର ସୁରକ୍ଷାରେ ଏଏସଇଏଏନର ଭୂମିକାକୁ ଦୋହରାଇଲେ



ମାନିଲା ୨୨/୦୭ :ଫିଲିପାଇନ୍ସର ରାଜଧାନୀ ମାନିଲାରେ କ୍ୱାଡ୍ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ପ୍ରତିନିଧିମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ଏକ ଆନ୍ତର୍ଜାତୀୟ ନିୟମ-ଭିତ୍ତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ବୈଠକର ମୁଖ୍ୟ ଲକ୍ଷ୍ୟ ଥିଲା ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଏଏସଇଏଏନ)ର ଏକତା ଏବଂ ଏହି କ୍ଷେତ୍ରରେ ଏହାର କେନ୍ଦ୍ରୀୟ ଭୂମିକା ପ୍ରତି ସମାନ ପ୍ରତିବଦ୍ଧତାକୁ ଦୋହରାଇବା।ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର,ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଉପସ୍ଥିତ ଥିଲେ।ଚାରି ଦେଶର କୂଟନୀତିଜ୍ଞମାନେ ଏଏସଇଏଏନର ବ୍ୟାପକ ରଣନୈତିକ ଅଂଶୀଦାର ଭାବରେ ଏହି କ୍ଷେତ୍ରର ସମୃଦ୍ଧି ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସର୍ବସମ୍ମତିକ୍ରମେ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବୈଠକରେ ବୈଦେଶିକ ମନ୍ତ୍ରୀମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସାମ୍ନାରେ ଥିବା ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗଗୁଡ଼ିକୁ ନିକଟରୁ ବିଶ୍ଳେଷଣ କରିଥିଲେ। ବିଶେଷକରି, ସେମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏଏସଇଏଏନର ଦୃଷ୍ଟିକୋଣକୁ ବ୍ୟାବହାରିକ ଭାବରେ କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି। ଏହା ଅନ୍ତର୍ଗତ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ଜାତୀୟ ଅପରାଧକୁ ରୋକିବା ଏବଂ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଭାଗୀତାକୁ ବିସ୍ତାର କରାଯିବ।ସାମୁଦ୍ରିକ ସ୍ଥିରତା ଆର୍ଥିକ ପ୍ରଗତି ପାଇଁ ମୂଳଦୁଆ।କ୍ୱାଡ୍ ଦେଶମାନଙ୍କର ମିଳିତ ବିବୃତି ସ୍ପଷ୍ଟ କରିଛି ଯେ, ସାମୁଦ୍ରିକ ସ୍ଥିରତା ହେଉଛି ସମଗ୍ର ଅଞ୍ଚଳରେ ଆର୍ଥିକ ପ୍ରଗତି ପାଇଁ ମୂଳଦୁଆ। ସୁରକ୍ଷା, ସମୃଦ୍ଧି, ମାନବିକ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ସମେତ ପ୍ରମୁଖ ମୋର୍ଚ୍ଚାରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ବୈଠକ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି ଯେତେବେଳେ ଯୋଗାଣ ଶୃଙ୍ଖଳର ସ୍ଥିରତା ଏବଂ ଆଞ୍ଚଳିକ ଭୂରାଜନୈତିକ ଗତିଶୀଳତା ବିଶ୍ୱ ଆଲୋଚନାର କେନ୍ଦ୍ରରେ ଅଛି।ଚାରି ଦେଶ ପୁଣି ଥରେ ମୁକ୍ତ ଏବଂ ଖୋଲା ଭାରତ-ପ୍ରଶାନ୍ତ ମହାସାଗର ନେଇ ସେମାନଙ୍କର ଦୃଷ୍ଟିକୋଣକୁ ଅଂଶୀଦାର କରିଛନ୍ତି। ଏହି ସହଭାଗୀତା ପ୍ରାଥମିକତା ହାସଲ କରିବା ପାଇଁ ଏଏସଇଏଏନ ଦେଶଗୁଡ଼ିକ ସହିତ କ୍ୱାଡ୍ ସମନ୍ୱୟକୁ ଆହୁରି ଗଭୀର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଫଳପ୍ରଦ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରର ସୁରକ୍ଷା ଏବଂ ବିକାଶରେ ଏକ ନୂତନ ଅଧ୍ୟାୟ ପ୍ରମାଣିତ ହୋଇପାରେ ବୋଲି କୁହାଯାଉଛି।

### ଜାପାନରେ ରେକର୍ଡ ଭାଙ୍ଗିଲା ତାତି

# ତାପମାତ୍ରା ୪୦ ଡିଗ୍ରି ସେଲସିୟସ ଟପିଲା



ଟୋକିଓ ୨୨/୦୭: ପ୍ରବଳ ତାତି ଏବଂ ଗ୍ରୀଷ୍ମ ପ୍ରବାହଜାପାନରେ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଛି। ମଙ୍ଗଳବାର, ୨୧ ଜୁଲାଇରେ ଦେଶର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ ଅତିକ୍ରମ କରିଥିଲା। ଏହାକୁ ଦୃଷ୍ଟିରେ ରଖି, ଜାପାନ ପାଣିପାଗ ସଂସ୍ଥା (ଜେଏମଏ)ଦେଶର ପ୍ରଥମ 'କୋକୁଶୋବି' ଆନୁଷ୍ଠାନିକ ଭାବରେ ରେକର୍ଡ କରିଛି, ଯାହାର ଅର୍ଥ 'ପୀଡ଼ାଦାୟକ ଗ୍ରୀଷ୍ମ ଦିନ'। ଏହି ନୂତନ ଶବ୍ଦଟି ଚଳିତ ବର୍ଷ ଏପ୍ରିଲରେ ସେହି ଦିନ ପାଇଁ ପ୍ରଚଳନ କରାଯାଇଥିଲା ଯେତେବେଳେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ ଅତିକ୍ରମ କରିବ। ଗିଫୁ ପ୍ରିଫେକ୍ଚରର ଗୁଜିୟୋ ଏବଂ ତାଜିମି ସହର ଏବଂ ମଧ୍ୟ ଜାପାନର ଆଇଚି ପ୍ରିଫେକ୍ଚରର ଟୟୋଟା ସିଟିରେ ପାରଦ ୪୦ ଡିଗ୍ରି ସେଲସିୟସରେ ପହଞ୍ଚିଥିଲା। ବିଶେଷକରି, ଗୁଜିୟୋରେ ୪୦ ଡିଗ୍ରି ଏବଂ ଟୟୋଟାରେ ୪୦.୧ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିଲା। ଦେଶର ୯୧୪ଟି ପାଣିପାଗ କେନ୍ଦ୍ର ମଧ୍ୟରୁ ୨୭୮ଟି କେନ୍ଦ୍ରରେ ତାପମାତ୍ରା ୩୫ ଡିଗ୍ରି ସେଲସିୟସ ଉପରେ ରେକର୍ଡ କରାଯାଇଛି। ଏହାକୁ 'ମୋଶୋବି' ବା ଅତ୍ୟନ୍ତ ଗରମ ଦିନ କୁହାଯାଇଛି।ଇତିମଧ୍ୟରେ ପ୍ରବଳ ଗରମ ଜୀବନ ନେବା ଆରମ୍ଭ କରିଛି। ସୋମବାର ଦିନ, ନିଗାତା ପ୍ରଦେଶର ସାଞ୍ଜୋରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ରାସ୍ତାରେ ମୃତ ଅବସ୍ଥାରେ ମିଳିଥିଲେ। କାନାଗାୱାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଉଭୟଙ୍କ ମୃତ୍ୟୁର କାରଣ ଅତ୍ୟଧିକ ତାତି ଏବଂ ଗ୍ରୀଷ୍ମ ପ୍ରବାହ। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ୨୦୨୪ ମସିହାରେ ପ୍ରଥମ ଥର ପାଇଁ ଅଂଶୁଘାତ ଯୋଗୁଁ ମୃତ୍ୟୁ ସଂଖ୍ୟା ୨ ହଜାର ଅତିକ୍ରମ କରିଥିଲା।କାଦୁଅରେ ଖାଲି ପାଦରେ ଚାଲିଲେ ବିରାଟ-ଅନୁଷ୍କା; ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେଇ ଜିତିଲେ ସମସ୍ତଙ୍କ ମନାପାନର କୃଷି ଏବଂ ସଂସ୍କୃତି ଉପରେ ମଧ୍ୟ ବୃଦ୍ଧି ପାଉଥିବା ତାପମାତ୍ରାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଉଛି। ଗରମ ଯୋଗୁଁ ମୁଖ୍ୟ ଫସଲ ଧାନର ଗୁଣବତ୍ତା ଏବଂ ଅମଳ ପ୍ରଭାବିତ ହେଉଛି। ଯାହା ଫଳରେ ଚାଷୀମାନେ ଅଧିକ ତାପମାତ୍ରା ସହ୍ୟ କରିପାରୁଥିବା ଆଭୋକାଡୋ ଭଳି ଫସଲ ପ୍ରତି ମୁହାଁଇବାକୁ ବାଧ୍ୟ ହେଉଛନ୍ତି। ଖେଳାଳି ଏବଂ ଦର୍ଶକଙ୍କୁ ଅଂଶୁଘାତରୁ ସୁରକ୍ଷା ଦେବା ପାଇଁ ଲୋକପ୍ରିୟ କୋଶିଏନ୍ ହାଇସ୍କୁଲ୍ ବେସବଲ୍ ଟୁର୍ଣ୍ଣାମେଣ୍ଟର ସମୟ ମଧ୍ୟ ପରିବର୍ତ୍ତନ କରାଯାଇଛି। ଗରମ ମଧ୍ୟରେ ବିଦ୍ୟୁତ୍ ବ୍ୟବହାର କମ କରିବା ପାଇଁ, ସରକାର କୁଲ୍ ବିଜ୍ ଅଭିଯାନ ଅନ୍ତର୍ଗତ ଅଫିସ୍ ସଂସ୍କୃତିକୁ କୋହଳ କରିଛନ୍ତି। ଟୋକିଓ ରାଜ୍ୟପାଳ ୟୁରିକୋ କୋଇକେ ଏୟାର କଣ୍ଡିସନିଂ ବ୍ୟବହାର କମ୍ କରିବା ଏବଂ ବିଦ୍ୟୁତ୍ ଯୋଗାଣ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଅଫିସ୍ କର୍ମଚାରୀମାନଙ୍କୁ ସର୍ଟସ୍, ପୋଲୋ ସାର୍ଟ ଏବଂ ଟି-ସାର୍ଟ ପିନ୍ଧିବାକୁ ଉତ୍ସାହିତ କରିଛନ୍ତି।ଜାପାନ ପାଣିପାଗ ସଂସ୍ଥା ଅନୁଯାୟୀ ,ଗତ ୧୦୦ ବର୍ଷ ମଧ୍ୟରେ ଦେଶର ଜଳବାୟୁରେ ପରିବର୍ତ୍ତନ ହୋଇଛି। ଫଳରେ ହାରାହାରି ତାପମାତ୍ରା ପ୍ରାୟ ୧.୩ ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇଛି। ୨୦୨୩ ଏବଂ ୨୦୨୪ ବର୍ଷ ରେକର୍ଡରେ ସବୁଠାରୁ ଉତ୍ତପ୍ତ ଥିଲା, କିନ୍ତୁ ୨୦୨୫ ବର୍ଷ ସେହି ରେକର୍ଡକୁ ଅତିକ୍ରମ କରିଥିଲା। ବିଶେଷଜ୍ଞମାନଙ୍କ ଅନୁସାରେ ଯଦି କାର୍ବନ ନିର୍ଗମନ ହ୍ରାସ କରାନଯାଏ, ତେବେ ଭବିଷ୍ୟତରେ ବାହ୍ୟ କ୍ରୀଡ଼ା ଏବଂ ବାହାରର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଅସମ୍ଭବ ହୋଇଯିବ।

# ଏୟାରଲାଇନ୍ ପାଇଁ ଆଦାନୀଙ୍କୁ ମିଳିବ ଅନୁମତି



ନୂଆଦିଲ୍ଲୀ ୨୨/୦୭: ଖୁବଶୀଘ୍ର ବିମାନ ଯାତ୍ରୀମାନଙ୍କୁ ଅଧିକ ବିକଳ୍ପ ମିଳିବ। ଶିଳ୍ପପତି ଗେତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ସମେତ ଦେଶର କିଛି ହାତଗଣତି ବିମାନବନ୍ଦର ପରିଚାଳନା କରୁଥିବା କମ୍ପାନିକୁ ଏୟାରଲାଇନ୍ ଚଲାଇବା ଅନୁମତି ଦେବା ଉପରେ ସରକାର ବିଚାର କରୁଛନ୍ତି। ବିଶେଷ କରି ଆଦାନୀ ଗ୍ରୁପ୍ ଓ ଜିଏମ୍ଆର୍ ଏୟାରପୋର୍ଟସ୍ ଲିମିଟେଡ୍‌କୁ ଏହି ଅନୁମତି ମିଳିବା ସମ୍ଭାବନା ରହିଛି। ଦେଶର ପ୍ରମୁଖ ବିମାନବନ୍ଦରଗୁଡ଼ିକୁ ଏହି ଦୁଇ କମ୍ପାନି ପରିଚାଳନା କରୁଛନ୍ତି। ସେଥିରୁ ସିଂହଭାଗ ଆଦାନୀ ଗ୍ରୁପ୍ ଅଧୀନରେ ରହିଛି। ସୂଚନା ଅନୁସାରେ ଆଦାନୀ ଓ ଜିଏମ୍ଆର୍‌କୁ ଏୟାରଲାଇନ୍ ଖୋଲିବା ଅନୁମତି ଦେବା ଉପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିଚାର କରୁଛି। ତେବେ ସେଥିପାଇଁ ଆଇନ ମନ୍ତ୍ରଣାଳୟର ଅନୁମୋଦନ ଦରକାର ହେବ। ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତା ବିଶିଷ୍ଟ କ୍ୟାବିନେଟ୍ କମିଟିରେ ମଧ୍ୟ ଅନୁମୋଦନ କରିବାକୁ ପଡ଼ିବ। ବର୍ତ୍ତମାନର ନିୟମ ଅନୁସାରେ ଦିଲ୍ଲୀ ଓ ମୁମ୍ବାଇ ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥାକୁ କେଣସି ଏୟାରଲାଇନ୍‌ର ୧୦ ପ୍ରତିଶତରୁ ଅଧିକ ଅଂଶଧନ ରଖିବାକୁ ବାରଣ କରାଯାଇଛି। ଅଧିକ ଏୟାରଲାଇନ୍‌କୁ ଅନୁମତି ଦେବା ପଛର ଉଦ୍ଦେଶ୍ୟ ହେଉଛି ଦେଶର ବିମାନ ଚଳାଚଳ କ୍ଷେତ୍ରରେ ଇଣ୍ଡିଗୋ ଓ ଏୟାର ଇଣ୍ଡିଆର ରହିଥିବା ଆଧିପତ୍ୟକୁ ହ୍ରାସ କରିବା ଓ ବଜାରରେ ପ୍ରତିଯୋଗିତା ବଢ଼ାଇବ। ବର୍ତ୍ତମାନ ଏହି ଦୁଇ କମ୍ପାନି ପାଖରେ ୯୦ ପ୍ରତିଶତ ବଜାର ଅଂଶ ରହିଛି। ଏହି ପ୍ରସ୍ତାବରେ ଏକ ସମସ୍ୟା ମଧ୍ୟ ରହିଛି। ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥାଙ୍କୁ ଏୟାରଲାଇନ୍ ଖୋଲିବା ଅନୁମତି ଦେଲେ ଚାହିଦାରେ ରହୁଥିବା ସମୟଗୁଡ଼ିକରେ ସେମାନେ ନିଜ ଏୟାରଲାଇନ୍‌ର ଉଡ଼ାଣକୁ ପ୍ରାଥମିକତା ଦେଇପାରନ୍ତି। ଆଦାନୀ ଗ୍ରୁପ୍ ମୁମ୍ବାଇ ସମେତ ଦେଶଣ ଅନ୍ୟ ୭ଟି ବିମାନବନ୍ଦରର ପରିଚାଳନା କରୁଛି। ଦିଲ୍ଲୀ ବିମାନବନ୍ଦର ଓ ଅନ୍ୟ ଚାରିଟି ବିମାନବନ୍ଦରକୁ ଜିଏସ୍ଆର୍ ପରିଚାଳନା କରୁଛି। ସଂସଦରେ କଳା ପୋଷାକ ପିନ୍ଧି ବିରୋଧୀଙ୍କ ପ୍ରତିବାଦ ଗତ କିଛଇ ଦିନ ମଧ୍ୟରେ ଜେଟ୍ ଏୟାରୱେଜ୍ ଓ ଗୋ ଏୟାର ବନ୍ଦ ହୋଇଯିବା ଓ ଏୟାର ଇଣ୍ଡିଆ ସହିତ ଭିସ୍ତାରା ଓ ଏୟାର ଏସିଆ ଇଣ୍ଡିଆ ମିଶିଯିବା ପରେ ଦେଶରେ ଆବଶ୍ୟକ ସଂଖ୍ୟକ ଏୟାରଲାଇନ୍‌ର ଅଭାବ ରହିଛି। ନୂଆ ଖୋଲିବା ଆକାଶ ଏୟାର ଓ ପୁରୁଣା କମ୍ପାନି ସ୍ପାଇସ୍‌ଜେଟ୍ ପ୍ରତିଯୋଗିତାରେ ଆଗକୁ ବଢ଼ିପାରୁନାହାନ୍ତି।ଭାରତ ସରକାର ୨୦୪୭ ସୁଦ୍ଧା ୩୫୦ ବିମାନବନ୍ଦର ଖୋଲିବାକୁ ଯୋଜନା ରଖିଛନ୍ତି। ୨୦୪୪ ବେଳକୁ ଭାରତରେ ବିମାନ ଯାତ୍ରୀଙ୍କ ସଂଖ୍ୟାରେ ତିନି ଗୁଣା ବୃଦ୍ଧି ହେବ ବୋଲି ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ ଆକଳନ କରିଛି।

### ରୁଷ ଆକ୍ରମଣରେ ୪ ଭାରତୀୟ ନାବିକଙ୍କ ମୃତ୍ୟୁ ଗ୍ରହଣୀୟ ନୁହେଁ

# ଲାଭରୋଭଙ୍କୁ ଜୟଶଙ୍କରଙ୍କ ସ୍ପଷ୍ଟ ବାର୍ତ୍ତା



ମାନିଲା ୨୨/୦୭: ରୁଷ ସମ୍ମୁଖରେ ଭାରତ ୟୁକ୍ରେନୀୟ ସଂଘର୍ଷ ଅଞ୍ଚଳରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଛି। ଫିଲିପାଇନ୍ସର ରାଜଧାନୀ ମାନିଲାରେ ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭଙ୍କ ସହ ଆଲୋଚନା ସମୟରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତୀୟ ନାବିକଙ୍କ ସୁରକ୍ଷା ସମ୍ପର୍କରେ ଭାରତର ଗଭୀର ଚିନ୍ତାକୁ ଦୋହରାଇ କହିଛନ୍ତି, ୪ ଭାରତୀୟ ନାବିକଙ୍କ ମୃତ୍ୟୁ ଗ୍ରହଣୀୟ ନୁହେଁ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ଆଲୋଚନା କରିବା ସମୟରେ ଏହି ଆଲୋଚନା ହୋଇଛି।ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ଶରଦ ପାୱାରରୁଷ ଏମଭି ଗୋଲଡେନ୍ ଲିଓ ଜାହାଜ ଉପରେ ଆକ୍ରମଣ ଘଟଣାରେ ଚାରି ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ପରେ ଏହି ବୈଠକ ହୋଇଛି। ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରି, ଜୟଶଙ୍କର ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ''ମୁଁ ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭଙ୍କ ସହ ଆମର ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରିଛି। ମୁଁ ଏହି ଅଞ୍ଚଳରେ ଭାରତୀୟ ନାବିକଙ୍କ ସୁରକ୍ଷା ସମ୍ପର୍କରେ ମୋର ଗଭୀର ଚିନ୍ତାକୁ ଦୋହରାଇଛି।'' ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆଲୋଚନାରେ ଭାରତ-ରୁଷ ସହଭାଗୀତାର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ବାଣିଜ୍ୟ ଏବଂ ନିବେଶ, ଶକ୍ତି ଏବଂ ସଂଯୋଗୀକରଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଗତିଶୀଳତା ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା।ୟୁକ୍ରେନ ବିବାଦକୁ ନେଇ ହୋଇଛି ଆଲୋଚନା ଜୟଶଙ୍କର କହିଛନ୍ତି, ବୈଠକରେ ୟୁକ୍ରେନ ବିବାଦ ଏବଂ ଉପସାଗରୀୟ କ୍ଷେତ୍ରର ପରିସ୍ଥିତି ଉପରେ ମଧ୍ୟ ମତ ବିନିମୟ ହୋଇଥିଲା। ରୁଷିଆ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ବୈଠକକୁ ନିଶ୍ଚିତ କରି କହିଛି, ''ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗେଇ ଲାଭରୋଭ ଏବଂ ଭାରତୀୟ ବୈଦେଶିକ ମନ୍ତ୍ରୀ ଡକ୍ଟର ସୁବ୍ରହ୍ମଣ୍ୟମ ଜୟଶଙ୍କର ମାନିଲାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।''

### ଜନଆକ୍ରୋଶ ଆଗରେ ନୁଆଁଇଲେ ମୁଣ୍ଡ

# ଜେଲେନସ୍କିଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ, ପଦରୁ ହଟିଲେ ସେନାମୁଖ୍ୟ



କିଭ୍୨୨/୦୭: ୟୁକ୍ରେନରେ ବଡ଼ ଧରଣର ସାମରିକ ଅଦଳବଦଳ। ଦେଶର ସେନାମୁଖ୍ୟ ତଥା କମାଣ୍ଡର-ଇନ୍-ଚିଫ୍ ଓଲେକ୍ସଣ୍ଡର ସିରସ୍କିଙ୍କୁ ପଦରୁ ହଟାଇଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି। ମାଇଖେଲୋ ଡ୍ରାପାତିଙ୍କୁ ୟୁକ୍ରେନ ସଶସ୍ତ୍ର ବାହିନୀର ନୂଆ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ଡ୍ରାପାତୀ ଏବେ ସେନା କମାଣ୍ଡର ପୁନର୍ଗଠନ ପ୍ରକ୍ରିୟାର ନେତୃତ୍ୱ ନେବେ।ସେନା ନେତୃତ୍ୱକୁ ନେଇ ୟୁକ୍ରେନରେ ବିଦ୍ରୋହ। ଗତ ସପ୍ତାହରେ ମାଇଖେଲୋ ଫେଡୋରୋଭଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ପଦରୁ ହଟାଯିବା ପରେ କିଭ ସମେତ ପ୍ରମୁଖ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ନେଇ ଦେଶରେ ବଡ଼ ରାଜନୈତିକ ସଙ୍କଟ ପାଲଟିଛି। ଆନ୍ଦୋଳନକାରୀମାନେ ସିରସ୍କିଙ୍କୁ ହଟାଇବା ସହ ଫେଡୋରୋଭଙ୍କୁ ପୁନଃ ପଦବୀରେ ଅବସ୍ଥାପିତ କରିବାକୁ ଦାବି କରିଥିଲେ। ସେମାନେ ଶୁକ୍ରବାର ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଥିଲେ ଏବଂ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିକ୍ଷୋଭ କରିବାକୁ ଚେତାବନୀ ଦେଇଥିଲେ।ଶେଷରେ ମୁଣ୍ଡ ନୁଆଁଇଛନ୍ତି ଜେଲେନସ୍କି। ଫେଡୋରୋଭଙ୍କୁ ସରକାରରେ ଏକ 'ପ୍ରମୁଖ ପଦବୀ' ପାଇଁ ପ୍ରସ୍ତାବ ଦେଇଥିବା କହିଛନ୍ତି। ସରକାରରେ ଫେଡୋରୋଭ କେଉଁ ଭୂମିକା ଗ୍ରହଣ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। 'ଦ ଗାର୍ଡିଆନ୍'ର ରିପୋର୍ଟ ଅନୁସାରେ, ସେନାର ଆଧୁନିକୀକରଣ ଏବଂ ପ୍ରଯୁକ୍ତିବିଦ୍ୟା ଓ ଡାଟାର ଅଧିକ ବ୍ୟବହାର ପାଇଁ ଫେଡୋରୋଭଙ୍କ ଉଦ୍ୟମ ଯୋଗୁଁ ସିରସ୍କିଙ୍କ ସହ ତାଙ୍କର ମତଭେଦ ସୃଷ୍ଟି ହୋଇଥିଲା। କିନ୍ତୁ ସିରସ୍କିଙ୍କ ଉପରେ କୌଣସି ଆକ୍ସନ ନନେଇ ଫେଡୋରୋଭଙ୍କୁ ମନ୍ତ୍ରୀ ପଦରୁ ହଟାଇବା ଜେଲେନସ୍କିଙ୍କ ପାଇଁ ଭୁଲ ନିଷ୍ପତ୍ତି ଥିଲା। ଡ୍ରାପାତୀଙ୍କୁ ୟୁକ୍ରେନ ସଶସ୍ତ୍ର ବାହିନୀର ସାମରିକ କମାଣ୍ଡର କରିବାର ମୂଳ କାରଣ ହେଲା, ସେ ଫେଡୋରୋଭଙ୍କ ଜଣେ ଘନିଷ୍ଠ ସହଯୋଗୀ। ତେଣୁ ଡ୍ରାପାତୀଙ୍କୁ ସେନା ଦାୟିତ୍ୱ ଦେବା ଦ୍ୱାରା ଦେଶରେ ରାଜନୈତିକ ଉତ୍ତେଜନା କମିବା ନେଇ ଆଶା କରିଛନ୍ତି ଜେଲେନସ୍କି।ଜଣେ ମେଜର ଜେନେରାଲ୍ ଭାବେ ଡ୍ରାପାତୀ ବର୍ତ୍ତମାନ ୟୁକ୍ରେନର ମିଳିତ ବାହିନୀ ଗ୍ରୁପର କମାଣ୍ଡର ଅଛନ୍ତି। ସେ ୨୦୧୪ରେ ପୂର୍ବ ଡୋନବାସ୍ ଅଞ୍ଚଳକୁ କବଜା କରିବା ପାଇଁ ରୁଷିଆ ବିରୋଧରେ ଲଢ଼ିଆସୁଛନ୍ତି। ମାରିଉପୋଲ୍ ଠାରେ ପ୍ରୋ-ରୁଷିଆନ୍ ଉଗ୍ରପନ୍ଥୀମାନଙ୍କ ଦ୍ୱାରା ନିର୍ମିତ ବାରିକେଡ୍ ଦେଇ ଏକ ପଦାତିକ ଯୁଦ୍ଧ ଯାନ ଚଲାଇ ନେବା ପରେ ସେ ସାରା ଦେଶରେ ପରିଚିତ ହୋଇଥିଲେ। ସେନାପତି ବଦଳିଛନ୍ତି, ରଣନୀତି ବି ବଦଳିବ। କିନ୍ତୁ ପ୍ରଶ୍ନ ଉଠୁଛି—ଜେଲେନସ୍କିଙ୍କ ଏହି ଗୋଟିଏ ନିଷ୍ପତ୍ତି ୟୁକ୍ରେନକୁ ପୁଣି ଏକଜୁଟ୍ କରିପାରିବ ତ ରାଜରାସ୍ତାର ଆନ୍ଦୋଳନ ଆଗରେ ଜେଲେନସ୍କି ମୁଣ୍ଡ ନୁଆଁଇ ନିଜ ଭୁଲ୍ ସୁଧାରିବାକୁ ଚେଷ୍ଟା କରିଛନ୍ତି ସିନା, ହେଲେ ଯୁଦ୍ଧମୈଦାନର ଚ୍ୟାଲେଞ୍ଜ ଏବେ ବି ସେମିତି ରହିଛି।ତେବେ ? ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ତୀବ୍ର ହେବାର ସମ୍ଭାବନା ଦେଖାଦେଇଛି। ଆମେରିକା ପ୍ରତିରକ୍ଷା ବିଭାଗ ସ୍ପଷ୍ଟ କରିଛି ଯେ, ନିଜର ସୈନ୍ୟ ଏବଂ ସ୍ୱାର୍ଥର ରକ୍ଷା ପାଇଁ ସେମାନେ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ। ଅନ୍ୟପଟେ, ଇରାନ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ଚେତାବନୀ ଦେଇପାରେ, ଯାହା ଫଳରେ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାଦଲ ଆହୁରି ଘନେଇବାରେ ଲାଗିଛି। ଗୋଟିଏ ପଟେ ରୁଷିଆର ଘନ ଘନ ଆକ୍ରମଣ, ଅନ୍ୟପଟେ ସୈନ୍ୟଙ୍କ ଅଭାବ... ଏସବୁ ଭିତରେ ନୂଆ ସେନାପତି ମାଇଖେଲୋ ଡ୍ରାପାତୀ ୟୁକ୍ରେନ ସେନାକୁ କିପରି ନୂଆ ଦିଶା ଦେଉଛନ୍ତି, ତାହା ଉପରେ ଏବେ ସାରା ବିଶ୍ୱର ନଜର।

# ପାକିସ୍ତାନରେ ପେଟ୍ରୋଲ ୩୨୦ ଓ ଡିଜେଲ ୩୬୭ ଟଙ୍କା ଛୁଇଁଲା

ନୂଆଦିଲ୍ଲୀ୨୨/୦୭: ପାକିସ୍ତାନରେ 'ଅଲ୍ ପାକିସ୍ତାନ ପେଟ୍ରୋଲ ପମ୍ପ ଓନର୍ସ ଆସୋସିଏସନ୍' (ଇଚଚଚଡଙଇ) ସହିତ ସରକାରଙ୍କ ଆଲୋଚନା ବିଫଳ ହୋଇଛି । ଏହା ପରେ ବୁଧବାର ରାତିରୁ ସଂଘ ସାରା ଦେଶରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟର ଘୋଷଣା କରିଛି । ପାକିସ୍ତାନୀ ଖବରକାଗଜ 'ଦ ଡନ୍' ଅନୁଯାୟୀ, ସରକାରଙ୍କ ପକ୍ଷରୁ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପ୍ରତିଦିନ ପରିବର୍ତ୍ତନ ନିଷ୍ପତ୍ତି ଯୋଗୁଁ ଏହି ବିବାଦ ଆରମ୍ଭ ହୋଇଛି ।ସୂଚନାଯୋଗ୍ୟ ଯେ, ମଙ୍ଗଳବାର ପେଟ୍ରୋଲିୟମ୍ ମନ୍ତ୍ରୀ ଅଲୀ ପରଭେଜ ମଲିକଙ୍କ ନେତୃତ୍ୱରେ ସରକାର ଏବଂ ସଂଘର ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ଧରି ବୈଠକ ହୋଇଥିଲା । କିନ୍ତୁ ଉଭୟ ପକ୍ଷ କୌଣସି ସହମତିରେ ପହଞ୍ଚି ପାରିନଥିଲେ । ଏହା ପରେ ଆସୋସିଏସନ୍ ଦେଶବ୍ୟାପୀ ଧର୍ମଘଟ ଘୋଷଣା କରିଥିଲା ।ସଂଘର ଉପ-ସଭାପତି ନୌମାନ ଅଲୀ ଭଟ୍ଟ କହିଛନ୍ତି ଯେ, ଇନ୍ଧନ ମୂଲ୍ୟରେ ପ୍ରତିଦିନ ପରିବର୍ତ୍ତନ କରିବାର ନିଷ୍ପତ୍ତି ପେଟ୍ରୋଲ ପମ୍ପ ମାଲିକମାନଙ୍କ ପାଇଁ ଗ୍ରହଣଯୋଗ୍ୟ ନୁହେଁ । ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟ ସମ୍ଭବ ନ ନୁହେଁ । ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ପ୍ରତ୍ୟେକ ମାସରେ କରାଯାଉ ବୋଲି ସେ ଦାବି କରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ଗତ ତିନି ବର୍ଷ ହେଲା ପେଟ୍ରୋଲ ପମ୍ପ ଡିଲରମାନଙ୍କ କମିଶନ୍ ବୃଦ୍ଧି କରାଯାଇ ନାହିଁ, ଯାହା ଫଳରେ ବ୍ୟବସାୟୀମାନେ ଆର୍ଥିକ କ୍ଷତି ସହିଛନ୍ତି ।'ନୂଆ ବ୍ୟବସ୍ଥା ଯୋଗୁଁ ବ୍ୟବସାୟ ପ୍ରଭାବିତ'ଆସୋସିଏସନର ସଭାପତି ହୁମାୟୁଁ ଖାନ୍ ଅଭିଯୋଗ କରିଛନ୍ତି ଯେ, ପ୍ରତିଦିନ ଦର ନିର୍ଦ୍ଧାରଣ କରିବା ବ୍ୟବସ୍ଥାର ଫାଇଦା କେବଳ ଅଏଲ୍ ମାର୍କେଟିଂ କମ୍ପାନିଗୁଡ଼ିକୁ ମିଳିବ । ତାଙ୍କ କହିବା ଅନୁଯାୟୀ, ଦର ହ୍ରାସ ପାଇବା ସ୍ଥିତିରେ କମ୍ପାନିଗୁଡ଼ିକ ଇନ୍ଧନ ଯୋଗାଣ ବନ୍ଦ କରିପାରନ୍ତି ଏବଂ ଆଡଭାନ୍ସ ବିଲିଂ ମାଧ୍ୟମରେ ଫାଇଦା ଉଠାଇପାରନ୍ତି । କିନ୍ତୁ ପେଟ୍ରୋଲ ପମ୍ପ ମାଲିକମାନଙ୍କ ବ୍ୟବସାୟ ପୂର୍ବରୁ ହିଁ ଅତ୍ୟନ୍ତ କମ୍ ଲାଭରେ ଚାଲିଛି ।ସରକାର ବଢ଼ାଇଲେ ପେଟ୍ରୋଲ-ଡିଜେଲ ଦାମ ପାକିସ୍ତାନ ସରକାର ମଙ୍ଗଳବାର ପେଟ୍ରୋଲ ମୂଲ୍ୟ ଲିଟର ପିଛା ୪.୯୩ ପାକିସ୍ତାନୀ ଟଙ୍କା ଏବଂ ହାଇ-ସ୍ପିଡ୍ ଡିଜେଲ ମୂଲ୍ୟ ଲିଟର ପିଛା ୭.୧୫ ପାକିସ୍ତାନୀ ଟଙ୍କା ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ପରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୩୨୦.୭୩ ପାକିସ୍ତାନୀ ଟଙ୍କା ହୋଇଛି । ସେହିପରି ହାଇ-ସ୍ପିଡ୍ ଡିଜେଲ ମୂଲ୍ୟ ଲିଟର ପିଛା ୩୬୭.୨୧ ପାକିସ୍ତାନୀ ଟଙ୍କା ହୋଇଛି ।

# ନେପାଳରେ ଭୂମିକମ୍ପ ଝଟକା ରିକ୍ଟର ସ୍କେଲରେ ତୀବ୍ରତା ୪.୨



କାଠମାଣ୍ଡୁ ୨୨/୦୭ : ପଶ୍ଚିମ ନେପାଳରେ ବୁଧବାର ପ୍ରତ୍ୟୁଷରେ ଏକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍ରେ ଏହାର ତୀବ୍ରତା ୪.୨ ରେକର୍ଡ କରାଯାଇଛି। ରାଷ୍ଟ୍ରୀୟ ଭୂକମ୍ପ ନିରୀକ୍ଷଣ ଓ ଅନୁସନ୍ଧାନ କେନ୍ଦ୍ର (ଏନଇଏମଆରସି) ର ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ସକାଳ ୪:୪୦ ରେ ଏହି ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। କ୍ଷୟକ୍ଷତିର ତଥ୍ୟ ମିଳିନାହିଁ ଏହାର କେନ୍ଦ୍ରବିନ୍ଦୁ ରାଜଧାନୀ କାଠମାଣ୍ଡୁଠାରୁ ପ୍ରାୟ ୯୦୦ କିଲୋମିଟର ପଶ୍ଚିମରେ ଥିବା ସୁଦୂରପଶ୍ଚିମ ପ୍ରଦେଶର ବଝାଙ୍ଗ ଜିଲ୍ଲାର କୋଟଦେୱାଲ୍ ନିକଟରେ ରହିଥିଲା। ଏହି ଭୂକମ୍ପର ପ୍ରଭାବ ପଡ଼ୋଶୀ ବାଜୁରା ଓ ଦାର୍ଚୁଲା ଜିଲ୍ଲାରେ ମଧ୍ୟ ଅନୁଭୂତ ହୋଇଥିଲା। ତେବେ ଏହି ଘଟଣାରେ କୌଣସି ଧନଜୀବନ ହାନି କିମ୍ବା କ୍ଷୟକ୍ଷତିର ତଥ୍ୟ ମିଳିନାହିଁ।

# ଯୋଗର ଫାଇଦା ନିଅନ୍ତୁ

ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କଠାରେ ବିଶେଷ କରି ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ। ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତ ନାଡି, ଶ୍ୱାସକ୍ରିୟା ଆଦିକୁ ସୂଚାରୁରୁପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରରେ ବିକାଶ ସମ୍ଭବ ହୋଇଥାଏ। କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ। ଜାଣି ରଖନ୍ତୁ ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ....

୯ ଏହାଦ୍ୱାରା ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ବିଶେଷ କରି ଋତୁଶ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ।

୯ ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୁପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁ ତ୍ୱଚା ଏବଂ ଅନ୍ତ ଅଙ୍ଗଗୁଡିକ ମଧ୍ୟ ସୁସ୍ଥ ରହିଥାଏ।

୯ ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ।

୯ ସୁଚାରୁରୁପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି। ଏହାବ୍ୟତିତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

୯ ଯେଉଁ ମହିଳାମାନ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ।

୯ ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ୍ ରଖିବା ଲାଗି ଯୋଗାସନ ବେଶ୍ ଉପକାରୀ।

୯ ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲଭାବେ ହେବା କାରଣରୁ ମଧ୍ୟ ହୃଦରୋଗ ଆଶଙ୍କା କମିଥାଏ।

୯ ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ।

୯ ଏହା ମାଂସପେଶୀଗୁଡିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବରଷ୍ଟ କରିଥାଏ।

୯ ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ସେତିକି ଏତିକି ନୁହେଁ ନିୟମିତ ଯେଗ କରିବା ଦ୍ୱାରା ସ୍ତନ କର୍କଟ ଆଶଙ୍କା ମଧ୍ୟ କମିଥାଏ।

୯ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ।

୯ ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। କେଶ ମଜବୁତ୍ ରହିଥାଏ। ଶରୀରର ଗଠନକୁ ଏହା ସୁଠାମ କରିଥାଏ।

# ସୁନ୍ଦର ପରିବା ତରକାରୀ



୯ ଯଦି ଆପଣ ଦୀର୍ଘଦିନ ହେଲା ମାଂସାହାରୀ ହୋଇଥାନ୍ତି, ତେବେ ଆପଣଙ୍କୁ ଶାକାହାରୀ ହେବା ଲାଗି ସମୟ ଲାଗିବ। ଏଥିପାଇଁ ପ୍ରଥମେ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରନ୍ତୁ। ଗୋଟିଏ କଥା ମନରେ ଆଣନ୍ତୁ ଯେ, ମୁଁ ସବୁବେଳେ ଶାକାହାରୀ ଖାଦ୍ୟ ଖାଇବି।

୯ ଜୀବନଶୈଳୀରେ ପରିବର୍ତ୍ତନ କରନ୍ତୁ। ଏହାସହ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି ଏବଂ ଶାକାହାରୀ ହେଲେ କ'ଣ ଲାଭ ହେବ ତାହା ତର୍ଜମା କରନ୍ତୁ।

୯ଯଦି ଆପଣଙ୍କୁ କେହି ବନ୍ଧୁପରିଜନ ଖାଇବାକୁ ଡାକିଛନ୍ତି ତେବେ ତାଙ୍କୁ ପୂର୍ବରୁ ସୂଚନା ଦିଅନ୍ତୁ ଯେ ଆପଣ ଶାକାହାରୀ।

୯ ତଟକା ଫଳମୂଳ ଏବଂ ସବୁଜ ପନିପରିବାକୁ ନିଜ ଖାଦ୍ୟ ତାଲିକାରେ ସାମିଲ୍ କରନ୍ତୁ। ଯେଉଁଥିରେ କ୍ୟାଲୋରି କମ୍ ସହ ଭିଟାମିନ୍ ଭରି ରହିଥାଏ। ଏଥିରେ ମଧ୍ୟ ମିନୋରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। କାରଣ ଏଭଳି ଖାଦ୍ୟ ହୃଦଜନିତ ରୋଗ, ଷ୍ଟ୍ରୋକ୍, ରକ୍ତଚାପର ଆଶଙ୍କା ଦୂର କରିବା ସହ କୋଲେଷ୍ଟରଲ୍‌କୁ ମଧ୍ୟ ନିୟନ୍ତ୍ରଣାଧୀନ ରଖିଥାଏ।

୯ ସିଜନ୍ ଅନୁସାରେ ଶାକାହାରୀ ଖାଦ୍ୟ ଖାଆନ୍ତୁ।

୯ଶାକାହାରୀ ରେସିପି ବହି କିଣନ୍ତୁ। ସେହି ଅନୁସାରେ ।ଦ୍ୟ ପ୍ରସ୍ତୁତ କରନ୍ତୁ।

# ପଥରରେ ପରିଣତ କରୁଥିବା ହ୍ରଦ



**ବି**ଶ୍ୱରେ ଏମିତି ଅନେକ ହ୍ରଦ ରହିଛି, ଯାହାକି ଆଜି ବି ରହସ୍ୟ ଘେରରେ ରହିଛି। ସେମିତି ଏକ ହ୍ରଦ ହେଉଛି ଆଫ୍ରିକାର ନେଟ୍ରୋନ୍ ହ୍ରଦ। ଏହି ହ୍ରଦର ପାଣିକୁ ଛୁଇଁବାମାତ୍ରେ ଜୀବଜନ୍ତୁ ପଥର ହୋଇଯାଆନ୍ତି। ଏହାର ଆଖପାଖରେ ଅନେକଗୁଡ଼ିଏ ପଶୁପକ୍ଷୀଙ୍କର ପଥର ମୂର୍ତ୍ତି ରହିଛି। ହ୍ରଦର ନିକଟରେ ମଧ୍ୟ ମଣିଷ ରୁହନ୍ତି ନାହିଁ। ନେଟ୍ରୋନ୍ ହେଉଛି ଏକ କ୍ଷାରଜଳର ହ୍ରଦ। ଏହାର ପାଣିରେ ସୋଡିୟମ୍ କାର୍ବୋନେଟ୍‌ର ମାତ୍ରା ଅଧିକ ଥାଏ। ଏଥିରେ ଆମୋନିଆର ମାତ୍ରା ମଧ୍ୟ ଅଧିକ ଥାଏ। ଏହି ଦୁଇଟି ରାସାୟନିକର ମିଶ୍ରଣ ମିଶରର ଲୋକମାନେ 'ମମି'କୁ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରୁଥିଲେ। ତେଣୁ ଏହି ହ୍ରଦର ପାଣି ପିଇଥିବା ଅନେକ ଜୀବ ପଥର ହୋଇଯାଇଛନ୍ତି ଓ ସେଗୁଡ଼ିକ ହଜାର ହଜାର ବର୍ଷ ହେବ ସୁରକ୍ଷିତ ହୋଇ ରହିଛନ୍ତି ବୋଲି ବୈଜ୍ଞାନିକମାନେ କୁହନ୍ତି। ଏହି ହ୍ରଦକୁ ନେଇ ପରିବେଶବିତ୍ ଓ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ନିକ୍‌ର ବ୍ରାଣ୍ଡଟ୍ ଏକ ପୁସ୍ତକ ରଚନା କରିଛନ୍ତି। ପୁସ୍ତକର ନାଁ ହେଉଛି 'ଏକ୍ରସ୍ ଦି ରାଭେଜଡ୍ ଲ୍ୟାଣ୍ଡ୍'। ହ୍ରଦ ପାଖରେ ପଥର ପାଲଟି ଯାଇଥିବା ଅନେକ ପଶୁ ଓ ପକ୍ଷୀଙ୍କର ଫଟୋ ମଧ୍ୟ ସେ ଉଠେଇଛନ୍ତି।

# ଛୋଟରୋଗ ଦିଏ ବଡ ସମସ୍ୟା

## ମୁଖବ୍ରଣ ଯେତିକି ସାଧାରଣ, ତା'ର କାରର ଓ ନିଦାନ ବିଷୟରେ ଆମେ ସେତିକି ବେପରୁଆ। ଏଇ ବିପତ୍ତି ସାଧାରଣତଃ କିଶୋର ଅବସ୍ଥାର ପ୍ରାରମ୍ଭରେ ହୋଇଥାଏ; ଚପଳ ବୟସର ସ୍ୱାଭାବିକ ଦାୟିତ୍ୱହୀନତା ତ୍ୱଚାରେ ଅପରିବର୍ତ୍ତନୀୟ କ୍ଷତି କରିଥାଏ। ଫଳସ୍ୱରୁପ ତ୍ୱଚାର ନିମ୍ନସ୍ତରରେ ପ୍ରବାହ ସୃଷ୍ଟି ହୋଇ ମୁହଁରେ ଗାଡ ଭଳି ଦାଗ ସୃଷ୍ଟି ହୁଏ।.....



***ପ୍ରସାଧନ ଓ ଔଷଧ:-*** ତୈଳୀୟ ପ୍ରସାଧାନ ସାମଗ୍ରୀ ଯଥା ଖଣିଜ ତେଲ, ପେଟ୍ରୋଲିୟମ ଜାତୀୟ ପଦାର୍ଥ କିମ୍ବା ମେକ୍‌ଅପ୍ ସାମଗ୍ରୀ ସଂସ୍ପର୍ଶରେ ଆସିଲେ ତ୍ୱଚାରେ ବ୍ରଣ ସୃଷ୍ଟି ହୁଏ। କିନ୍ତୁ ପ୍ରସାଧାନ ତ୍ୱଚାରେ ପ୍ରବାହ ସୃଷ୍ଟି କରି ବ୍ରଣର କାରଣ ବନିଯାନ୍ତି। ଷ୍ଟେରଏଡ୍ ତତ୍ତ୍ୱ ଥିବା ଔଷଧ ସେବନ କଲେ ମୁଖବ୍ରଣ ସୃଷ୍ଟି ହେବାର ସମ୍ଭାବନା ବଢିଯାଏ।

***ମାନସିକ ଚାପ:-*** ବେଳେବେଳେ ଗଭୀର ମାନସିକ ଚାପ ଶରୀରରେ ହର୍‌ମୋନର ସନ୍ତୁଳନକୁ ପ୍ରଭାବିତ କରେ ଓ ଶାରୀରିକ ପ୍ରତିରକ୍ଷା ବ୍ୟବସ୍ଥାକୁ ପ୍ରତିହତ କରି ବ୍ରଣ ସୃଷ୍ଟିର ଅନ୍ୟ ଏକ କାରଣ ଭାବେ ପ୍ରତିବାଦିତ ହୁଅନ୍ତି।

***ଖାଦ୍ୟର ପ୍ରଭାବ:-*** ଖଶଦ୍ୟରେ ଟ୍ରାନ୍ସ ଫ୍ୟାଟଓ ଶ୍ୱେତସାରର ଆଧିକ୍ୟ ବ୍ରଣର କାରଣ। ଗ୍ଲାଇସେମିକ୍ ଇଣ୍ଡେକ୍ସର ମାତ୍ରା ବଡିଲେ ଏହା ଇନ୍‌ସୁଲିନ୍‌ରେ କାର୍ଯ୍ୟକୁ ଅବରୋଧ କରିବା ସହ ଶରୀରରେ ଆଣ୍ଡ୍ରୋଜେନ୍ ହର୍‌ମୋନର ମାତ୍ରା ବୃଦ୍ଧି କରେ।

***ଖାଦ୍ୟ ତତ୍ତ୍ୱରେ ଅଭାବ:-*** ଜିଙ୍କ୍, ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍ ଓ ଭିଟାମିନ୍ ଏ ତ୍ୱଚା ପାଇଁ ଅତି ଜରୁରୀ। ଏଥିରୁ କୌଣସି ଗୋଟିଏ ଅଭାବ ତ୍ୱଚା ବିକୃତିର କାରର ହୋଇପାରେ। ଏହି ତିନୋଟି ତତ୍ତ୍ୱ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବ୍ରଣ ଓ ତଜ୍ଜନିତ ରୋଗ ପାଇଁ ଦାୟୀ।

***ନିରାକରଣ:-*** ପାରମ୍ପରିକ ଚିକିତ୍ସା ପଦ୍ଧତିରେ ଔଷଧୀୟ ତ୍ୱଚା ବିଶୋଧନ କିମ୍ବା ବ୍ୟାକ୍ଟେରିଆ ବିନାଶକାରୀ ଔଷଧ ଯଥା ରୋଆକ୍ୟୁଟେନ୍‌ର ବ୍ୟବହାର କରାଯାଏ। କିଛି କ୍ଷେତ୍ରରେ ଏହା କାମ ଦିଏ, ପରନ୍ତୁ ଅଧିକାଂଶ ସମୟରେ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ତ୍ୱଚା ଶୁଷ୍କ ଓ ପ୍ରବାହଶାଳୀ ହୋଇଥାଏ। ପରିଷ୍କାର ଓ ବିଶୋଧିତ ତ୍ୱଚା ବ୍ରଣର ସଂକ୍ରମଣକୁ ପ୍ରତିହତ କରିବାରେ ଅନେକାଂଶରେ ଫଳପ୍ରଦ। ବ୍ରଣକୁ ଆଙ୍ଗୁଠି (ନଖ) ଦ୍ୱାରା ଚିପିଲେ ତ୍ୱଚାର ଅନ୍ତଃସ୍ତରରେ କ୍ଷତ ସୃଷ୍ଟି ହୁଏ ଏବଂ ଏହି ସ୍ତରରେ କ୍ଷତଜନିତ ସୃଷ୍ଟ ଦାଗ ଲିଭିବା ଅସମ୍ଭବ। ସ୍ୱଚ୍ଛ ଅଭ୍ୟାସ ତ୍ୱଚାକୁ ପ୍ରବାହ ଓ ଦାଗରୁ ରକ୍ଷା କରିବା ସହିତ ବ୍ୟାକ୍ଟେରିଆ ସଂକ୍ରମଣକୁ ପ୍ରତିହତ କରିବାରେ ସହାୟକ ହୁଏ।

***କରଣୀୟ ଓ ବାରଣୀୟ:-*** ମୁହଁ ଦିନକୁ ଦିନକୁ ଅନ୍ୟୁନ ୨ ଥର ଧୁଅନ୍ତୁ। ଶୋଇବା ପୂର୍ବରୁ ମୁହଁ ଧୋଇଲେ ତ୍ୱଚାରୁ ତୈଳାଂଶ, ପରିବେଶରୁ ଜମିଥିବା ମଇଳା, ବାସି ମେକ୍‌ଅପ୍ ଆଦି ଛାଡିଯାଏ। ସକାଳ ଧୁଆରେ ମୁହଁରେ ରାତିରେ ଜମିଥିବା ମଇଳା ଓ ମୃତ କୋଷିକା ସଫା ହୋଇଯାଏ। ମୁହଁକୁ ମୃଦୁ ହର୍ବାଲ ସାବୁନରେ କିମ୍ବା ଫେଣ ସୃଷ୍ଟି କରୁଥିବା କ୍ଲିଂଜର ସାହାଯ୍ୟରେ ଧୁଅନ୍ତୁ। ଧୋଇଲା ପରେ ତ୍ୱଚା ସ୍ୱାଭାବିକ ଅନୁଭୂତ ନ ହୋଇ ରୁଖା ରୁଖା ଲାଗିଲେ ତ୍ୱଚାର ରକ୍ଷାକାରୀ ପରଚ କ୍ଷତିଗ୍ରସ୍ତ ହେଉଛି ବୋଲି ଜାଣିବେ। ବ୍ରଣକୁ ଚିପିବା ଓ ଖୁଣ୍ଟିବା ମନା। ଏହାଦ୍ୱାରା ହାତ ସାହାଯ୍ୟରେ ବ୍ରର ସୃଷ୍ଟିକାରୀ ଅଣୁଜୀବ ତ୍ୱଚାର ଅନ୍ୟ ଅଂଶକୁ ବ୍ୟାପି ବ୍ରଣ ସୃଷ୍ଟି କରିବେ। ବ୍ରଣ ହୋଇଥିଲେ ମୁହଁରେ ହାତମାରିବା ଆଗରୁ ହାତକୁ ଉତ୍ତମ ଭାବେ ଧୋଇ ନିଅନ୍ତୁ। କେଶ ତେଲିଆ ଓ କେଶ ଧାରରେ ବ୍ରଣ ଉଠୁଥିଲେ କେଶକୁ ପ୍ରତିଦିନ ସାମ୍ପୁ କରନ୍ତୁ। ତେଲିଆ ଓ ଚିକିଟା ପ୍ରସାଧାନ ସାମଗ୍ରୀର ବ୍ୟବହାର କରନ୍ତୁ ନାହିଁ। ପ୍ରାକୃତିକ ତତ୍ତ୍ୱରେ ଭରପୁର ଘିକୁଆଁରି, କ୍ୟାଲେଣ୍ଡୁଲା, ଲାଭେଣ୍ଡର, ଜେରାନିୟମ ଇତ୍ୟାଦିର ନିର୍ଯାସରୁ ପ୍ରସ୍ତୁତ ଜେଲି ତ୍ୱଚାରୁ ତୈଳ କ୍ଷରଣ କମାଏ ଓ ପ୍ରବାହକୁ ପ୍ରଶମିତ କରାଏ। ରାସାୟନିକ ପ୍ରସାଧାନ ସାମଗ୍ରୀ ଯେଉଁଥିରେ ସୋଡିୟମ ଲରିଲ ସଲଫେଟ୍, ସୋସେଟିଭ ଷ୍ଟିରେଟ୍, ଆଇସୋପ୍ରୋଫାଇଲ୍ ଆଇସୋଷ୍ଟିରେଟ୍, ଆଇସୋପ୍ରୋଫାଇଲ୍ ମିରିଷ୍ଟେଟ୍ ତଥା ପାରାବେନ ଆଦି ତତ୍ତ୍ୱଥାଏ ତାହା ତ୍ୱଚାରେ ପ୍ରବାହ ସୃଷ୍ଟି କରନ୍ତି ଓ ତ୍ୱଚାକୁ ଶୁଷ୍କ ତଥା ଖର ଖର କରି ବ୍ରଣ ସୃଷ୍ଟି କରି ଅନୁକୂଳ ବାତାବରଣ ସୃଷ୍ଟିକରନ୍ତି। ଖଣିଜ ତତ୍ତ୍ୱରେ ଭରପୁର ପ୍ରସାଧାନ ସାମଗ୍ରୀ ବ୍ରଣଜନିତ ଲାଲ ରଙ୍ଗର ତ୍ୱଚା ପାଇଁ ବିଶେଷ ଉପଶମକାରୀ। ଏହି ପ୍ରସାଧାନ ସାମଗ୍ରୀଗୁଡିକ ତ୍ୱଚା ରନ୍ଧ୍ରକୁ ଅବରୋଧ କରନ୍ତି ନାହିଁ।

# ପିଲାଙ୍କ ଭବିଷ୍ୟତ ଦେଖିଚାହିଁ ଗଢନ୍ତୁ

ବେଳେବେଳେ ଛୋଟ ପିଲା ରାଗି ଯାଇଥାଆନ୍ତି। ପୁଣି କେହି କେହି ସେମାନଙ୍କୁ ରଗାଇ ତାହାର ମଜା ନେଇ ଯାଆନ୍ତି। ହେଲେ ଏହାର ଖରାପ ପ୍ରଭାବ ପିଲାର ମାନସିକତା ଉପରେ ପଡିଥାଏ। ଏଥିପାଇଁ ଆପଣ ନିମ୍ନଲିଖିତ ଟିପ୍ସକୁ ଧ୍ୟାନ ଦେଇପାରନ୍ତି....



ସ୍ୱ ଛୋଟ ପିଲା ଉପରେ ଅଯଥାରେ ରାଗିବା ଠିକ୍ ନୁହେଁ। ସେମାନେ ଚପଳମତି। ଯଦି କିଛି ଭୁଲ କଲେ ତେବେ ତାହାକୁ ଗୁରୁତ୍ୱର ସହ ନ ନେଇ ସେମାନଙ୍କୁ ସହାସ୍ୟ ବଦନରେ ବୁଝାନ୍ତୁ।

ସ୍ୱ କଥା କଥାରେ ସେମାନଙ୍କ ଉପରେ ଚିଡିଯିବା ଠିକ୍ ନୁହେଁ। ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ। ଯଦି ସେ ମାନୁନାହିଁ ତାକୁ ଏଭଳି ପରିବେଶରେ ରଖନ୍ତୁ ଯାହାଦ୍ୱାରା ତା'ର ଆଚାର ବ୍ୟବହାର ଆପେ ଆପେ ବଦଳି ଯିବ।

ସ୍ୱ ବେଳେ ବେଳେ ପିଲାମାନେ ମା' ବାପାଙ୍କଠାରୁ କିଛି ଜାଣିବାକୁ ଚାହିଁଥାଆନ୍ତି। ହେଲେ କେତେକ ମା'ବାପା ତାହାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦିଅନ୍ତି ନାହିଁ। ଫଳରେ ପିଲାଟି ମନରେ ଅବସାଦ ଭାବନା ଆସିବା ସହ ସେ ରାଗିଯିବାର ଯଥେଷ୍ଟ ଆଶଙ୍କା ଥାଏ। ଏହାଦ୍ୱାରା ତା'ର ମାନସିକତା ପ୍ରଭାବିତ ହେବା ସହ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ପିଲାଟି କ'ଣ ଚାହୁଁଛି ତାହା ଥଣ୍ଡା ମିଜାସରେ ବୁଝନ୍ତୁ। ତା' ଉପରେ ବିରକ୍ତ ଭାବ ପ୍ରକାଶ କରିବା ଅପେକ୍ଷା ସେ ସମ୍ମୁଖୀନ ହୋଇଥିବା ସମସ୍ୟା କିପରି ସମାଧାନ ହେବ ତାହା ଚିନ୍ତା କରନ୍ତୁ।

ସ୍ୱ କେତେକ କର୍ମଜୀବୀ ମାତାପିତା ପିଲାର ଯତ୍ନ ନେବାକୁ କେୟାର ଟେକର ରଖିଥାଆନ୍ତି। ସେମାନେ ପିଲାମାନଙ୍କର କିପିରି ଯତ୍ନ ନେଉଛନ୍ତି ତାହା ତନ୍ନ ତନ୍ନ କରି ଲକ୍ଷ୍ୟ କରନ୍ତୁ। ପିଲା ପ୍ରତି ସେମାନଙ୍କର ଆଚାର ବ୍ୟବହାର ନମ୍ର ରହିବା ଦରକାର।

ସ୍ୱ ପିଲାଟି ଯଦି ଦୁଷ୍ଟ ହେଉଛି ତେବେ ସବୁବେଳେ ତା'ଉପରେ ବିରକ୍ତ ହେବା ଠିକ୍ ନୁହେଁ। ଥଣ୍ଡା ମିଜାସରେ ତାକୁ ବୁଝାନ୍ତୁ। କାରଣ ଯଦି ଏହି ସମୟରେ ଆପଣ ରାଗିବେ ତେବେ ପିଲା ମଧ୍ୟ ରାଗିବାର ସମ୍ଭାବନା ରହିଛି।

# ଖାଲି କ୍ଷୀର ପ୍ୟାକେଟ୍ ଦିଅନ୍ତୁ, ପେଟ୍ରୋଲରୁ ରିହାତି ପାଆନ୍ତୁ

**ରା**ଜସ୍ଥାନର ଭିଲୱାଡାରେ ଏକ ପେଟ୍ରୋଲ ପମ୍ପ ମାଲିକଙ୍କ ନିଆରା ପଦକ୍ଷେପ। ସେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ ସଚେତନତା ପ୍ରଚାର କରିବା ପାଇଁ ସ୍ୱତନ୍ତ୍ର ପ୍ରୟାସ ଚଳେଇଛନ୍ତି। ଖାଲି କ୍ଷୀର ପ୍ୟାକେଟ୍ ଓ ପ୍ଲାଷ୍ଟିକ୍ ବୋତଲ ବଦଳରେ ଗୋଟିଏ ଲିଟର ପେଟ୍ରୋଲରେ ୧ଟଙ୍କା ଓ ୧ ଲିଟର ଡିଜେଲରେ ୫୦ ପଇସାର ରିହାତି ଅଫର ପ୍ରଦାନ କରୁଛନ୍ତି। ଚିତ୍ତୋରଗଡ଼ ରୋଡ ସ୍ଥିତ ଛଗନଲାଲ ବାଗତାଭରମଲ ପେଟ୍ରୋଲ ପମ୍ପରେ ଏମିତି ଏକ ନିଆରା କାର୍ଯ୍ୟକୁ ନେଇ ଚର୍ଚ୍ଚା। ଏହି ପେଟ୍ରୋଲ ପମ୍ପର ମାଲିକ ଅଶୋକ କୁମାର ମୁନ୍ଦଡା। ସେ ଏହି କାର୍ଯ୍ୟ ମାଧ୍ୟମରେ ଲୋକଙ୍କୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍‌କୁ ଏଡେଇବା ପାଇଁ ଲୋକଙ୍କୁ ଉତ୍ସାହିତ କରୁଛନ୍ତି। ମୁନ୍ଦଡା ୧୫ ଜୁଲାଇରେ ୩ମାସର ସଚେତନତା ଅଭିଯାନ ଆରମ୍ଭ କରିଥିଲେ ଏବଂ ରାଜ୍ୟରେ ଡାଏରୀ ବ୍ରାଣ୍ଡ ସରସ ଡାଏରୀ, ଭିଲୱାଡା ଜିଲ୍ଲା ପ୍ରଶାସନ ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାଙ୍କର ଏହି କାର୍ଯ୍ୟକୁ ସମର୍ଥନ କରିଛନ୍ତି। ସରସ ଡାଏରୀ ପେଟ୍ରୋଲ ପମ୍ପରେ ସଂଗ୍ରହ କରାଯାଇଥିବା ଖାଲି କ୍ଷୀର ପ୍ୟାକେଟ୍‌କୁ ନିଷ୍କାସନ କରିବାର ସଂକଳ୍ପ ନେଇଛନ୍ତି।



# ବୋଲ୍ ବମ୍

## ଗେରୁଆ ବସ୍ତ୍ରରେ ରଙ୍ଗେଇ ହେଲା ପଥ

# ପୁରୀଠୁ ପୁରୀଘାଟ, ସବୁଠି ଶିବ ଭକ୍ତଙ୍କ ଭିଡ଼





"ମେଘର ମୃଦୁ ଗର୍ଜନ, ବର୍ଷାର ସ୍ପର୍ଶ ଓ ଭିଜା ମାଟିର ମହକ ଭିତରେ ଆସେ ଶ୍ରାବଣ। ପ୍ରକୃତି ଯେତେବେଳେ ନୂଆ ଜୀବନରେ ଭରିଉଠେ, ସେତେବେଳେ ଭକ୍ତିରେ ଭରିଉଠେ ମଣିଷର ମନ। ହାତରେ ବେଲପତ୍ର, କାନ୍ଧରେ କାଉଡ଼ି ଓ ହୃଦୟରେ ମହାଦେବଙ୍କ ପ୍ରତି ଅତୁଟ ବିଶ୍ୱାସଏହି ଦୃଶ୍ୟ ହିଁ ଶ୍ରାବଣର ପ୍ରକୃତ ପରିଚୟ। ଏହା ଏମିତି ଏକ ମାସ, ଯେଉଁଠି ଧର୍ମ, ପ୍ରକୃତି ଓ ମଣିଷର ଆସ୍ଥା ଏକାକାର ହୋଇଯାଏ। ଶ୍ରାବଣ ଆସିଲେ ବଦଳିଯାଏ ଓଡ଼ିଶାର ଚିତ୍ର। ସକାଳୁ ସକାଳୁ ଶିବ ମନ୍ଦିରରେ ଘଣ୍ଟଧ୍ୱନି, ରାସ୍ତାରେ କାଉଡ଼ିଆଙ୍କ ପଦଯାତ୍ରା, ପୂଜା ସାମଗ୍ରୀ ଦୋକାନରେ ଭିଡ଼ ଏବଂ ପ୍ରତ୍ୟେକ ସୋମବାରରେ ଶିବାଳୟରେ ଭକ୍ତଙ୍କ ସମାଗମ। ବର୍ଷା ଋତୁର ଏହି ପବିତ୍ର ମାସ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ। ଏହା ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ସାମାଜିକ ଜୀବନର ଏକ ଅବିଚ୍ଛିନ୍ନ ଅଂଶ।"

ବର୍ଷାର ଟିପି ଟିପି ବୁନ୍ଦାରେ ଧୋଇ ହୋଇଯାଇଛି ଧରଣୀ। ଚାରିଆଡ଼େ ସବୁଜିମାର ଚାଦର। ଭୋରରୁ ଶିବ ମନ୍ଦିରଗୁଡ଼ିକରେ ଶୁଣିବାକୁ ମିଳେ ଘଣ୍ଟଧ୍ୱନି, ଶଙ୍ଖନାଦ ଏବଂ 'ହର ହର ମହାଦେବ'ର ଜୟଘୋଷ। କାହା ହାତରେ ବେଲପତ୍ର, କାହା ହାତରେ କଳସୀ ଭର୍ତ୍ତି ପବିତ୍ର ଜଳ। ଆଉ କେହି କାନ୍ଧରେ କାଉଡ଼ି ଧରି ମାଇଲ୍ ମାଇଲ୍ ପଦଯାତ୍ରା କରୁଛନ୍ତି ଶିବଙ୍କ ଅଭିଷେକ ପାଇଁ। ଏହା କେବଳ ଏକ ଧାର୍ମିକ ଆଚାର ନୁହେଁ, ବରଂ ଭକ୍ତି, ବିଶ୍ୱାସ ଓ ପରମ୍ପରାର ଏକ ଅଦ୍ଭୁତ ସମାଗମ। ସେଥିପାଇଁ ଶ୍ରାବଣକୁ ମହାଦେବଙ୍କ ସବୁଠୁ ପ୍ରିୟ ମାସ ବୋଲି କୁହାଯାଏ।

ପୁରାଣ ଅନୁଯାୟୀ, ଦେବତା ଓ ଅସୁରମାନେ ଅମୃତ ପାଇବା ପାଇଁ ସମୁଦ୍ର ମନ୍ଥନ କରିଥିଲେ। ସେହି ମନ୍ଥନରୁ ଅମୃତ ପୂର୍ବରୁ ବାହାରିଥିଲା ଭୟଙ୍କର ହାଲାହଳ ବିଷ। ସେହି ବିଷ ଏତେ ଘାତକ ଥିଲା ଯେ ସମଗ୍ର ସୃଷ୍ଟି ବିନାଶ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ସେତେବେଳେ ସୃଷ୍ଟିର କଲ୍ୟାଣ ପାଇଁ ଭଗବାନ ଶିବ ସେହି ବିଷକୁ ପାନ କରିଥିଲେ। ବିଷ ତାଙ୍କ କଣ୍ଠରେ ଅଟକି ରହିଥିବାରୁ ସେ ନୀଳକଣ୍ଠ ନାମରେ ପରିଚିତ ହେଲେ। ଲୋକବିଶ୍ୱାସ ରହିଛି, ବିଷର ପ୍ରଭାବ କମାଇବା ପାଇଁ ଦେବତାମାନେ ଶିବଙ୍କ ମସ୍ତକ ଉପରେ ନିରନ୍ତର ଜଳ ଢାଳିଥିଲେ। ସେହି ପରମ୍ପରା ଆଜି ବି ଜଳାଭିଷେକ ରୂପେ ଜାରି ରହିଛି। ଶ୍ରାବଣ ମାସରେ ଭକ୍ତମାନେ ନଦୀ, ପୋଖରୀ କିମ୍ବା ପବିତ୍ର ଜଳାଶୟରୁ ଜଳ ଆଣି ଶିବଲିଙ୍ଗରେ ଅର୍ପଣ କରନ୍ତି। ବିଶ୍ୱାସ ରହିଛି, ଏହି ଜଳାଭିଷେକ ଭକ୍ତଙ୍କ ମନୋକାମନା ପୂରଣ କରିବା ସହ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଥାଏ। ଶ୍ରାବଣର ପ୍ରତ୍ୟେକ ସୋମବାରର ମଧ୍ୟ ରହିଛି ସ୍ୱତନ୍ତ୍ର ମହତ୍ତ୍ୱ। ଶିବଙ୍କ ଦିନ ଭାବେ ପରିଚିତ ସୋମବାରରେ ହଜାର ହଜାର ଭକ୍ତ ଉପବାସ ରଖି ପୂଜାର୍ଚ୍ଚନା କରନ୍ତି। ଅନେକ ଅବିବାହିତ ଯୁବତୀ ଭଲ ଜୀବନସାଥୀ ପାଇଁ ବ୍ରତ ପାଳନ କରୁଥିବା ବେଳେ ବିବାହିତ ମହିଳାମାନେ ପରିବାରର ସୁଖ ଓ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଶିବଙ୍କ ଆରାଧନା କରନ୍ତି।

ଓଡ଼ିଶାରେ ଶ୍ରାବଣ ମାସ ଆସିଲେ ଶିବପୀଠଗୁଡ଼ିକ ଭକ୍ତଙ୍କ ଭିଡ଼ରେ ଉଛୁଳି ପଡ଼େ। ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଢେଙ୍କାନାଳର କପିଳାସ, କଟକର ଧବଳେଶ୍ୱର, ଭଦ୍ରକର ଆଖଣ୍ଡଳମଣି, ପୁରୀର ଲୋକନାଥ ଓ ଅନ୍ୟାନ୍ୟ ଶିବପୀଠରେ ଭକ୍ତମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳେ। କାଉଡ଼ିଆମାନେ କିଲୋମିଟର କିଲୋମିଟର ପଦଯାତ୍ରା କରି ଜଳ ଆଣି ଶିବଙ୍କୁ ଅର୍ପଣ କରନ୍ତି। ଏହି ଯାତ୍ରା କେବଳ ଶାରୀରିକ କଷ୍ଟର ପରୀକ୍ଷା ନୁହେଁ, ବରଂ ଆତ୍ମବିଶ୍ୱାସ, ସଂଯମ ଓ ଅତୁଟ ଭକ୍ତିର ପ୍ରତୀକ।



ଶ୍ରାବଣ କେବଳ ଧର୍ମର ନୁହେଁ, ପ୍ରକୃତିର ମଧ୍ୟ ମାସ। ବର୍ଷାରେ ନଦୀ, ପୋଖରୀ ଓ ଜଙ୍ଗଲ ସବୁଜିମାରେ ଭରିଯାଏ। ଶିବ ପୂଜାରେ ବ୍ୟବହୃତ ବେଲପତ୍ର, ଧାତୁରା ଓ ଅନ୍ୟାନ୍ୟ ଔଷଧୀୟ ଉଦ୍ଭିଦ ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କକୁ ସ୍ମରଣ କରାଇଥାଏ। ତେଣୁ ଅନେକ ପରିବେଶବିତ୍ ଶ୍ରାବଣକୁ ବୃକ୍ଷରୋପଣ ଓ ପ୍ରକୃତି ସଂରକ୍ଷଣର ବାର୍ତ୍ତା ପ୍ରସାର ପାଇଁ ମଧ୍ୟ ଉପଯୁକ୍ତ ସମୟ ବୋଲି ମନେ କରନ୍ତି।

ସମୟ ବଦଳିଛି, କିନ୍ତୁ ଶ୍ରାବଣର ଭକ୍ତିଭାବ କମିନାହିଁ। ଆଜି ସୋସିଆଲ ମିଡିଆରେ 'ହର ହର ମହାଦେବ'ର ରିଲ୍ ଓ ଭଜନ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚୁଛି। ଯୁବପିଢ଼ି ମଧ୍ୟ କାଉଡ଼ି ଯାତ୍ରାରେ ସାମିଲ ହେଉଛନ୍ତି। ଆଧୁନିକତାର ଛାପ ଥିଲେ ମଧ୍ୟ ଶିବଙ୍କ ପ୍ରତି ଭକ୍ତି ଓ ପରମ୍ପରା ପ୍ରତି ସମ୍ମାନ ଆଜି ବି ସେହିଭଳି ଅତୁଟ ରହିଛି।

ଭକ୍ତି, ସଂଯମ, ପ୍ରକୃତି ଓ ଆଧ୍ୟାତ୍ମିକତାର ଅନନ୍ୟ ସମନ୍ୱୟ ହେଉଛି ଶ୍ରାବଣ। ଏହି ମାସ କେବଳ ପୂଜାପାଠରେ ସୀମିତ ନୁହେଁ। ଏହା ମଣିଷକୁ ସହନଶୀଳତା, ତ୍ୟାଗ ଓ କଲ୍ୟାଣର ବାର୍ତ୍ତା ଦେଇଥାଏ। ସେଥିପାଇଁ ଯୁଗ ବଦଳୁଥିଲେ ମଧ୍ୟ ଶ୍ରାବଣ ମାସ ମହାଦେବଙ୍କ ପ୍ରତି ଅତୁଟ ବିଶ୍ୱାସ ଓ ଭକ୍ତିର ଅମର ପ୍ରତୀକ ହୋଇ ରହିଛି। ହିନ୍ଦୁ ଧର୍ମରେ ଭଗବାନ ଶିବଙ୍କୁ ସହଜରେ ପ୍ରସନ୍ନ ହେଉଥିବା ଦେବତା ବୋଲି ବର୍ଣ୍ଣନା କରାଯାଇଛି। ସେଥିପାଇଁ ସୋମବାରକୁ ତାଙ୍କ ଆରାଧନାର ଶ୍ରେଷ୍ଠ ଦିନ ମନାଯାଏ। ଲୋକବିଶ୍ୱାସ ଅନୁଯାୟୀ, ଲଗାତାର ୧୬ଟି ସୋମବାର ଉପବାସ ଓ ନିୟମପୂର୍ବକ ପୂଜା କଲେ ମହାଦେବ ଭକ୍ତଙ୍କ ମନୋକାମନା ପୂରଣ କରନ୍ତି। ତେବେ ଏହି ବ୍ରତର ପ୍ରକୃତ ଅର୍ଥ କେବଳ ଇଚ୍ଛା ପୂରଣ ନୁହେଁ। ଏହା ମଣିଷକୁ ଧୈର୍ଯ୍ୟ, ନିୟମିତତା ଓ ଆତ୍ମନିୟନ୍ତ୍ରଣର ଶିକ୍ଷା ଦିଏ। ପୁରାଣରେ ଷୋଳ ସୋମବାର ବ୍ରତର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି। କୁହାଯାଏ, ନିଷ୍ଠାର ସହ ଏହି ବ୍ରତ ପାଳନ କଲେ ଜୀବନର ବାଧାବିଘ୍ନ ଦୂର ହୁଏ, ମାନସିକ ଶାନ୍ତି ମିଳେ ଏବଂ ପରିବାରରେ ସୁଖ-ସମୃଦ୍ଧି ବଢ଼ିଥାଏ। ଏହି ବିଶ୍ୱାସ ଯୁଗ ଯୁଗ ଧରି ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହି ବ୍ରତ ପାଳନ ପାଇଁ ପ୍ରେରଣା ଦେଇଆସିଛି। ବିଶେଷକରି ଶ୍ରାବଣ ମାସରୁ ଅନେକ ଭକ୍ତ ଏହି ବ୍ରତ ଆରମ୍ଭ କରନ୍ତି। ସକାଳୁ ସ୍ନାନ ପରେ ଶିବଲିଙ୍ଗରେ ଜଳ, କ୍ଷୀର, ବେଲପତ୍ର, ଚନ୍ଦନ ଓ ଫୁଲ ଅର୍ପଣ କରି ପୂଜା କରାଯାଏ। ଅନେକେ ଦିନସାରା ଉପବାସ ରଖି ସନ୍ଧ୍ୟାରେ ଫଳାହାର କରନ୍ତି। ପୂଜା ସହିତ ଶିବ ଚାଳିଶା, ମହାମୃତ୍ୟୁଞ୍ଜୟ ମନ୍ତ୍ର କିମ୍ବା ଷୋଳ ସୋମବାର ବ୍ରତ କଥା ପାଠ କରିବାର ମଧ୍ୟ ପରମ୍ପରା ରହିଛି। ସମୟ ବଦଳିଥିଲେ ମଧ୍ୟ ଏହି ବ୍ରତ ପ୍ରତି ଆସ୍ଥା କମିନାହିଁ। ଆଜି ଯୁବପିଢ଼ି ମଧ୍ୟ ଶିବ ମନ୍ଦିରକୁ ଯାଇ ବ୍ରତ ପାଳନ କରୁଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଷୋଳ ସୋମବାର ବ୍ରତର ଅନୁଭୂତି, ପୂଜା ବିଧି ଓ ଭକ୍ତିମୟ ଭିଡିଓ ବ୍ୟାପକ ଭାବେ ସେୟାର ହେଉଛି। ଆଧୁନିକ ଜୀବନର ବ୍ୟସ୍ତତା ମଧ୍ୟରେ ଏହି ବ୍ରତ ଅନେକଙ୍କ ପାଇଁ ଆତ୍ମିକ ଶାନ୍ତିର ଏକ ମାଧ୍ୟମ ପାଲଟିଛି।

ଷୋଳ ସୋମବାର ବ୍ରତ କେବଳ ଏକ ଧାର୍ମିକ ପରମ୍ପରା ନୁହେଁ। ଏହା ବିଶ୍ୱାସ, ଶୃଙ୍ଖଳା ଓ ଆତ୍ମସଂଯମର ଏକ ଜୀବନଦର୍ଶନ। ମହାଦେବଙ୍କ ପ୍ରତି ଭକ୍ତି ମାଧ୍ୟମରେ ମଣିଷ ନିଜ ମନକୁ ଦୃଢ଼ କରିବା ଓ ଜୀବନକୁ ସକାରାତ୍ମକ ଦିଗରେ ନେବାର ଯେଉଁ ପ୍ରୟାସ କରେ, ଷୋଳ ସୋମବାର ବ୍ରତ ତାହାର ଏକ ସୁନ୍ଦର ପ୍ରତୀକ। ବର୍ଷାର ଟିପିଟିପି ବୁନ୍ଦାକୁ ଖାତିର ନାହିଁ। ପାଦରେ ଫୋଟକା ପଡ଼ିଥିଲେ ମଧ୍ୟ ଅଭିଯୋଗ ନାହିଁ। କାନ୍ଧରେ ବାଉଁଶର କାଉଡ଼ି, ଦୁଇ ପାର୍ଶ୍ୱରେ ପବିତ୍ର ଜଳଭରା କଳସୀ, ଆଉ ଓଠରେ ଗୋଟିଏ ମାତ୍ର ଧ୍ୱନି 'ବୋଲ ବମ୍... ହର ହର ମହାଦେବ...'। ଶ୍ରାବଣ ମାସ ଆସିଲେ ଏଭଳି ଦୃଶ୍ୟ ଶିବପୀଠକୁ ଯାଉଥିବା ରାସ୍ତାରେ ସାଧାରଣ ହୋଇଯାଏ। ସେମାନେ ହେଉଛନ୍ତି କାଉଡ଼ିଆଭକ୍ତି, ସଂଯମ ଓ ଅତୁଟ ବିଶ୍ୱାସର ପ୍ରତୀକ। କାଉଡ଼ି ଯାତ୍ରା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ବରଂ ଏହା ହେଉଛି ଆତ୍ମଶୁଦ୍ଧିର ଏକ ଯାତ୍ରା। ଲୋକବିଶ୍ୱାସ ଅନୁସାରେ, ଭଗବାନ ଶିବଙ୍କୁ ପବିତ୍ର ଜଳ ଅର୍ପଣ କଲେ ମନୋକାମନା ପୂରଣ ହୁଏ ଓ ଜୀବନରେ ସୁଖ-ଶାନ୍ତି ଆସେ। ଏହି ବିଶ୍ୱାସ ନେଇ ହଜାର ହଜାର ଭକ୍ତ ନଦୀ କିମ୍ବା ପବିତ୍ର ଜଳାଶୟରୁ ଜଳ ସଂଗ୍ରହ କରି ପାଦରେ ଚାଲି ଶିବ ମନ୍ଦିରକୁ ଯାଆନ୍ତି। କାଉଡ଼ିଆ ହେବା ସହଜ ନୁହେଁ। ଯାତ୍ରା ଆରମ୍ଭ ପୂର୍ବରୁ ଭକ୍ତମାନେ ସଙ୍କଳ୍ପ ନିଅନ୍ତି। ନିରାମିଷ ଭୋଜନ, ଶୁଦ୍ଧ ଆଚରଣ, ନିୟମିତ ପୂଜା ଓ ସଂଯମ ପାଳନ କରନ୍ତି। କାଉଡ଼ିକୁ କାନ୍ଧରେ ବୋହି କିଲୋମିଟର କିଲୋମିଟର ପଦଯାତ୍ରା କରିବା କେବଳ ଶାରୀରିକ ଶକ୍ତିର ପରୀକ୍ଷା ନୁହେଁ, ବରଂ ମାନସିକ ଦୃଢ଼ତାର ମଧ୍ୟ ପରୀକ୍ଷା। ଓଡ଼ିଶାରେ ଶ୍ରାବଣ ମାସରେ ଲିଙ୍ଗରାଜ, କପିଳାସ, ଧବଳେଶ୍ୱର, ଆଖଣ୍ଡଳମଣି, ଲୋକନାଥ ସମେତ ବିଭିନ୍ନ ଶିବପୀଠରେ କାଉଡ଼ିଆଙ୍କ ସମାଗମ ଦେଖିବାକୁ ମିଳେ। ରାସ୍ତାରେ ସ୍ଥାନୀୟ ଲୋକମାନେ ସେମାନଙ୍କ ପାଇଁ ପାଣି, ଶରବତ, ଖାଦ୍ୟ ଓ ବିଶ୍ରାମର ବ୍ୟବସ୍ଥା କରନ୍ତି। ଏହା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ବରଂ ସେବା ଓ ସାମାଜିକ ସହଯୋଗର ଏକ ସୁନ୍ଦର ପରମ୍ପରା। ଆଜିର ଯୁବପିଢ଼ି ମଧ୍ୟ କାଉଡ଼ି ଯାତ୍ରା ପ୍ରତି ଆକର୍ଷିତ ହେଉଛନ୍ତି। ସୋସିଆଲ ମିଡିଆରେ କାଉଡ଼ି ଯାତ୍ରାର ଭିଡିଓ ଓ ଫଟୋ ଭାଇରାଲ୍ ହେଉଛି। ତେବେ ଅନେକ ଧର୍ମବିତ୍ ମନେ କରନ୍ତି, କାଉଡ଼ି ଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ ଦେଖାଣିଆ ନୁହେଁ। ଏହା ଭକ୍ତି, ବିନମ୍ରତା ଓ ଆତ୍ମନିୟନ୍ତ୍ରଣର ଅଭ୍ୟାସ। କାନ୍ଧରେ କାଉଡ଼ି ବୋହି ଚାଲୁଥିବା ପ୍ରତ୍ୟେକ ଭକ୍ତଙ୍କ ପାଇଁ ଏହି ଯାତ୍ରା କେବଳ ମନ୍ଦିର ପର୍ଯ୍ୟନ୍ତ ନୁହେଁ। ଏହା ନିଜ ମନ ଭିତରକୁ ଏକ ଯାତ୍ରାଯେଉଁଠାରେ କ୍ଲାନ୍ତିଠାରୁ ବଡ଼ ବିଶ୍ୱାସ, କଷ୍ଟଠାରୁ ବଡ଼ ଭକ୍ତି ଓ ପଥଠାରୁ ବଡ଼ ହୋଇଉଠନ୍ତି ମହାଦେବ। ସେଥିପାଇଁ ପ୍ରତିବର୍ଷ ଶ୍ରାବଣ ଆସିଲେ ପୁଣି ଥରେ ରାସ୍ତାରେ ଶୁଣାଯାଏ 'ବୋଲ ବମ୍... ହର ହର ମହାଦେବ...।

**ଉପସ୍ଥାପନା: ପ୍ରଭାତ ପଟ୍ଟନାୟକ**















# ମାଲକାନଗିରି ବିମାନ ବନ୍ଦରରେ ସଫଳ ବିମାନ ଟ୍ରାଏଲ୍ ଲ୍ୟାଣ୍ଡିଂ



ମାଲକାନଗିରି ୨୨/୭/(ପ୍ରଦୀପ ରାଉଳ) ମାଲକାନଗିରି ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ସାକାର କରି ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ମାଲକାନଗିରି ଏୟାରଷ୍ଟ୍ରିପ୍‌ଠାରେ ପରୀକ୍ଷାମୂଳକ ବିମାନ ଉଡ଼ାଣ ବା ଟ୍ରାଏଲ୍ ରନ୍ ସଫଳତାର ସହ ସମ୍ପନ୍ନ ହୋଇଛି। ମେସର୍ସ ଇଣ୍ଡିଆଓନ୍ ଏୟାର୍‌ର ସତନ୍ତ୍ରସେସନା ଗ୍ରାଣ୍ଡ କାରାଭାନ ୨୦୮ବି ଇଏକ୍ସ ବିମାନଟି ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଜୟପୁରରୁ ବାହାରି ଦିନ ୨:୩୦ ରେ ମାଲକାନଗିରି ରନ୍‌ୱେରେ ଅବତରଣ କରିଥିଲା, ଯେଉଁଠାରେ ଏହାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଭବ୍ୟ ୱାଟର କ୍ୟାନନ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ପରେ ଆସନ୍ତା ଏକ ମାସ ମଧ୍ୟରେ ଜିଲ୍ଲାରୁ ପ୍ରାରମ୍ଭିକ ଭାବେ ୯ ସିଟ୍ ବିଶିଷ୍ଟ ନନ-ସେଡ୍ୟୁଲ୍ ବିମାନ ସେବା ଆରମ୍ଭ ହେବାକୁ ଯାଉଛି।ଜିଲ୍ଲାରେ ବିମାନ ସେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପଛରେ ମାଲକାନଗିରି ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ନିରଳସ ପ୍ରଚେଷ୍ଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ସଫଳ ଟ୍ରାଏଲ୍ ଲ୍ୟାଣ୍ଡିଂ ମାଲକାନଗିରିର ଯୋଗାଯୋଗ ବିପ୍ଳବ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଜିଲ୍ଲା ପ୍ରଶାସନ ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରି ଏକ ମାସ ମଧ୍ୟରେ ସାଧାରଣ ଜନତାଙ୍କ ପାଇଁ ନିୟମିତ ଉଡ଼ାଣ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହା କେବଳ ପରିବହନ ସୁବିଧା ଯୋଗାଇବ ନାହିଁ, ବରଂ ଜିଲ୍ଲାର ପର୍ଯ୍ୟଟନ ଓ ଆର୍ଥିକ ବିକାଶର ନୂତନ ଦ୍ୱାର ଉନ୍ମୋଚନ କରିବ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ରାସ୍ତା ଓ କୋଠାବାଡ଼ି ସୁପରିଟେଣ୍ଡିଂ ଇଞ୍ଜିନିୟର ରବୀନ୍ଦ୍ର କୁମାର ବେହେରା ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟାର ସୁଚାରୁ ପରିଚାଳନା କରିଥିଲେ। ମୁଖ୍ୟ ପାଇଲଟ୍ କ୍ୟାପ୍‌ଟେନ ପ୍ରେମ କୁମାର ଗର୍ଗ ଏବଂ କୋ-ପାଇଲଟ୍ ସତୀଶ ଏସ କେ ବିମାନବନ୍ଦରର ରନ୍‌ୱେ ସମେତ ସମସ୍ତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ

## ଏକ ମାସ ମଧ୍ୟରେ ଆରମ୍ଭ ହେବ ନିୟମିତ ଉଡ଼ାଣ

ସୁରକ୍ଷିତ ଓ ଉପଯୁକ୍ତ ବୋଲି ଦର୍ଶାଇଛନ୍ତି। ଭୁବନେଶ୍ୱରରୁ ଆସିଥିବା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ (ସୁରକ୍ଷା) ମନୋଜ କୁମାର ଦାସ, ସହକାରୀ ନିର୍ଦ୍ଦେଶକ (ଏରୋ ସେଫ୍‌ଟି) ନିରଜ କୁମାର ନାୟକ ଏବଂ ବିମାନବନ୍ଦର ଆକାଉଣ୍ଟେବଲ୍ ମ୍ୟାନେଜର ଅଶୋକ କୁମାର ରାଉତ ଏହି ପ୍ରସ୍ତୁତି ଏବଂ ସଫଳ ଟ୍ରାଏଲ୍ ରନ୍‌ର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି।ସରକାରଙ୍କ ଆଞ୍ଚଳିକ ସଂଯୋଗୀକରଣ ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ବିମାନ ଚଳାଚଳ ବ୍ୟବସ୍ଥା ନନ-ସେଡ୍ୟୁଲ୍ ଭିତ୍ତିରେ କାର୍ଯ୍ୟ କରିବ, ଯେଉଁଠାରେ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଟିକେଟ୍ ବୁକିଂ ନିଶ୍ଚିତ ହେବା ପରେ ହିଁ ବିମାନ ଉଡ଼ାଣ ଭରିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ସ୍ୱତନ୍ତ୍ର ନୋଡାଲ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ନିୟମିତ ପ୍ୟାସେଞ୍ଜର ଅପଡେଟ୍ ପାଇଁ ପର୍ଯ୍ୟଟନ ବିଭାଗକୁ ମଧ୍ୟ ସାମିଲ କରାଯାଇଛି। ବର୍ତ୍ତମାନର ୧୫୦୦ ମିଟର ରନ୍‌ୱେକୁ ଆହୁରି ୩୦୦ ମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ୧୮୦୦ ମିଟର ର ରନ୍‌ୱେ ତିଆରି କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି, ଯାହା ଭବିଷ୍ୟତରେ ଏଠାରେ କମର୍ସିଆଲ ଜେଟ୍ ଏୟାରକ୍ରାଫ୍ଟ ର ଅବତରଣ ସହ ମାଲକାନଗିରି ଜିଲ୍ଲାର ଅର୍ଥନୀତି, ପରିବହନ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ।

# ମନ ମୋହିଲା ମହାପ୍ରଭୁଙ୍କ ଶ୍ରୀକୃଷ୍ଣ-ବଳରାମ ଅବତାର




ପାରଳାଖେମୁଣ୍ଡି, ୨୨/୭(ତାରିଣୀ ପ୍ରସାଦ ପଣ୍ଡା): ଦକ୍ଷିଣ ଓଡ଼ିଶାର ଲୋକପ୍ରିୟ ପାରଳାଖେମୁଣ୍ଡି ରଥଯାତ୍ରାର ମହାପ୍ରଭୁଙ୍କ ଆଜିର ଶ୍ରୀକୃଷ୍ଣ-ବଳରାମ ଅବତାର ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିର ଠାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଦେଖା ଦେଇଛି। ପାରଳା ଗୁଣ୍ଡିଚା ମନ୍ଦିର ଠାରେ ଶ୍ରୀବଳଭଦ୍ରଙ୍କୁ ବଳରାମ ଅବତାରରେ ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ଅବତାରରେ ଅତ୍ୟନ୍ତ ସୁନ୍ଦର ଭାବେ ସଜ୍ଜିତ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଛି। ଭଗବାନଙ୍କ ଚତୁର୍ଥ ଅବତାରର ଶ୍ରୀକୃଷ୍ଣ-ବଳରାମ ଅବତାର ଦର୍ଶନ ପାଇଁ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ରାୟଗଡା ଜିଲ୍ଲାରୁ ହଜାର ହଜାର ଭକ୍ତ ପାରଳା ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦେବଦୁର୍ଲ୍ଲଭ ଅବତାର ଦର୍ଶନ କରି ଦ୍ୱୀପ, ଧୂପ ପ୍ରଦାନ କରି ପୂଜାପାଠ କରିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ ଓ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ପାଳନ ଓ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାରଳା ଶ୍ରୀଗୁଣ୍ଡିଚା ମନ୍ଦିରର ପୂଜକ ତଥା ସେବାୟତ ସରୋଜ ପାଢ଼ୀ, ପ୍ରଦୀପ ବଡ଼ପଣ୍ଡା, ବଳରାମ ଅଧିକାରୀ, ସଞ୍ଜୟ ପାଢ଼ୀ, ହୃଷିକେଶ ସୁଆର ପ୍ରମୁଖ ଜଣାଇଛନ୍ତିଯେ ଆଜି ଭୋର ସକାଳୁ ଯଥା ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବା ସହ ମହାପ୍ରଭୁଙ୍କ ଦେବ ଦୁର୍ଲଭ କୃଷ୍ଣ ଓ ବଳରାମ ଅବତାରରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ସଜ୍ଜିତ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ମନ୍ଦିରରେ ବ୍ୟବସ୍ଥା କରାଯାଇଛି।

**ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼**

# ତାଲା କାଟି ବ୍ୟବସାୟୀଙ୍କ ଘରେ କଳାକାଣ୍ଡ

କେସିଙ୍ଗା, ୨୨।୭ (ଅକ୍ଷର ଓଡ଼ିଶା): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ୩ ନମ୍ବର ୱାର୍ଡରେ ଘଟିଥିବା ଏକ ବଡ଼ଧରଣର ଚୋରି ଘଟଣା ସମଗ୍ର ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସ୍ଥାନୀୟ ଅମ୍ବାଜି ଏଜେନ୍‌ସିର ବ୍ୟବସାୟୀ ପୁନମ ଚାନ୍ଦ ଜୈନଙ୍କ ବାସଭବନରୁ ଦୁର୍ବୃତ୍ତମାନେ ପ୍ରାୟ ୩୦ ଲକ୍ଷ ଟଙ୍କା ନଗଦ, ସୁନା-ରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପୁନମ ଚାନ୍ଦ ଜୈନ ଓ ତାଙ୍କ ପରିବାର ଏକ ପାରିବାରିକ କାର୍ଯ୍ୟରେ ଯୋଗଦେବା ପାଇଁ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ଏହି ସୁଯୋଗର ଫାଇଦା ଉଠାଇ ଦୁର୍ବୃତ୍ତମାନେ ରାତିରେ ଘରର ମୁଖ୍ୟ ଗେଟ୍‌ର ତାଲା କାଟି ଭିତରକୁ ପ୍ରବେଶ କରିଥିଲେ। ପରେ ଘର ଭିତରେ ଥିବା ଆଲମାରି ଓ ଲକର ଖୋଲି ନଗଦ ଅର୍ଥ, ସୁନା-ରୁପା ଗହଣା ସହ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ଘରର ଗେଟ୍ ଖୋଲା ଥିବା ଦେଖି ଜଣେ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ସେ ତୁରନ୍ତ ଘର ମାଲିକଙ୍କୁ ଖବର ଦେଇଥିଲେ। ପରେ ପରିବାର ଘରକୁ ଫେରି ଚୋରି ଘଟିଥିବା ଦେଖି କେସିଙ୍ଗା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଆଦର୍ଶ ଥାନାର ଆଇଆଇସି, ଏସଡିପିଓ, ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଘର ପରିସରରୁ ଗନ୍ଧ ଧରି ୩ ନମ୍ବର ୱାର୍ଡର ବିଭିନ୍ନ ଗଳି ଦେଇ ଅମ୍ବାଜି ମନ୍ଦିର ଅଞ୍ଚଳ ଓ ସେଠାରୁ କେସିଙ୍ଗା ରେଳ ଷ୍ଟେସନ ପର୍ଯ୍ୟନ୍ତ ପହଞ୍ଚିଥିବା ଜଣାପଡ଼ିଛି। ଏହାପରେ ଚୋରମାନେ ଟ୍ରେନ୍ ଯୋଗେ ଫେରାର ହୋଇଥିବା ସନ୍ଦେହ ପୋଲିସ କରୁଛି। ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ପୋଲିସ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଛି। ସେହିପରି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି।



# ଜିଲ୍ଲା ପିସିପିଏନଡିଟି ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ



ସୁବର୍ଣ୍ଣପୁର, ୨୨।୭(ସଂଗ୍ରାମ ମହାପାତ୍ର ) : ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ପିସିପିଏନଡିଟି ଉପଦେଷ୍ଟା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମାଝୀ କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ପାଇଁ ସମସ୍ତ ସଭ୍ୟ ସଭ୍ୟାମାନଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଥିଲେ। ଏଥିପାଇଁ ପ୍ରଶାସନିକ ତତ୍ପରତା ସହିତ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ସେ ସୂଚାଇଥିଲେ।ଜିଲ୍ଲାରେ ବର୍ତ୍ତମାନ ମୋଟ ୧୫ଟି ଅଲ୍ଟ୍ରାସାଉଣ୍ଡ କ୍ଲିନିକ କାର୍ଯ୍ୟକ୍ଷମ ରହିଛି। ସେଥିମଧ୍ୟରୁ ୭ଟି ସରକାରୀ ଏବଂ ୮ଟି ଘରୋଇ (ବେସରକାରୀ) ଅଲ୍ଟ୍ରାସାଉଣ୍ଡ କ୍ଲିନିକ ରହିଛି।ଓଡ଼ିଶାରେ ଜନ୍ମ ସମୟରେ ପ୍ରତି ୧୦୦୦ ପୁଅ ଶିଶୁରେ ୯୨୩ ଝିଅ ଶିଶୁ ଜନ୍ମ ହେଉଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ଏହା ୮୯୬ ରହିଛି। ବିଶେଷକରି ଉଲୁଣ୍ଡା ବ୍ଲକରେ ପ୍ରତି ୧୦୦୦ ପୁଅ ଶିଶୁରେ ୮୬୮ ଝିଅ ଶିଶୁ ଏବଂ ତରଭା ବ୍ଲକରେ ପ୍ରତି ୧୦୦୦ ପୁଅ ଶିଶୁରେ ମାତ୍ର ୭୪୪ ଝିଅ ଶିଶୁ ରହିଥିବାରୁ ୨୦୨୫-୨୬ ବର୍ଷ ପାଇଁ ଏହି ଦୁଇଟି ବ୍ଲକର ପ୍ରଦର୍ଶନ ଅତ୍ୟନ୍ତ ଚିନ୍ତାଜନକ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ବ୍ଲକଗୁଡ଼ିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ ନିବିଡ଼ ତଦାରଖ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ଏହା ସହିତ, କନ୍ୟା ଭ୍ରୁଣ ହତ୍ୟା ସମ୍ପର୍କିତ କୌଣସି ସୂଚନା ଜଣେ ସାଧାରଣ ବ୍ୟକ୍ତି ପ୍ରଦାନ କଲେ ତାଙ୍କୁ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବା ସହିତ ତାଙ୍କର ପରିଚୟ ଓ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ସୂଚନା ଦିଆଯାଇଥିଲା।ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଉଷାରାଣୀ ଦାଶ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ା. ପ୍ରକାଶ ଦଣ୍ଡସେନା, ଡ଼ା. ଦୈତ୍ୟ ନାରାୟଣ ପାଢ଼ୀ (ପୂର୍ବତନ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ), ରୂପକ କୁମାର ମହାପାତ୍ର (ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ), ଡ୍ରଗ ଇନ୍ସପେକ୍ଟର ଟିକେଶ୍ୱରୀ ଭୋଇ, ସ୍ୱେଚ୍ଛାସେବୀ ମନୋରଞ୍ଜନ ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ପ୍ରସୂତି ବିଶେଷଜ୍ଞ ବିନିକା ସତ୍ୟନାରାୟଣ ପାଣିଗ୍ରାହୀ ଏବଂ ଉଲୁଣ୍ଡା ମେଡିକାଲ ଅଧିକାରୀ, ଡ଼ ମୁକେଶ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶୋଭନା ଦାଶ ବୈଠକର କାର୍ଯ୍ୟବିବରଣୀ ଉପସ୍ଥାପନ କରିଥିଲେ ।

# ବାରବାଟୀରେ କୌଶଳ ବିକାଶ ପ୍ରଦର୍ଶନୀ ଅନୁଷ୍ଠିତ

କଟକସଦର : (୨୨/୭(ଅକ୍ଷର ଓଡିଶା ) କଟକବାରବାଟୀ ଷ୍ଟାଡିୟମ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଏକ ଭବ୍ୟ ପରିବେଶ ମଧ୍ୟରେ କୌଶଳ ବିକାଶ ପ୍ରଦର୍ଶନୀ ତଥା ତତ୍ତ୍ୱାବଧାନ ସମାରୋହ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମକୁ ଉଦ୍ଘାଟିତ କରିଥିବା ସହିତ ଉକ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ।ସମ୍ମାନୀୟ ଅତିଥି ଭାବେ ଭାରତ ସରକାରଙ୍କ କୌଶଳ ବିକାଶ ଓ ପ୍ରଶିକ୍ଷକ ବିଶ୍ୱଜିତ ସାହା, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ, ସି ବି ଏସ ଇ କେନ୍ଦ୍ର ନିର୍ଦ୍ଦେଶକ ଥୋଙ୍ଗୋଲେତ୍ ମାଟେ, ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦେଇ ସି ବି ଏସ ଇ ସ୍କିଲ ଏକ୍ସପୋରେ ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରଦର୍ଶନ କରିବା ସହ ସେମାନଙ୍କ ଭିତରେ ଥିବା ସୃଜନଶୀଳତା କୌଶଳ ଓ ନୂତନ ଚିନ୍ତାଧାରା ଏଥିରେ ପ୍ରକାଶିତ ହୋଇଥାଏ ବୋଲି କହିଥିଲେ।ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ପ୍ରକଳ୍ପ, ମଡେଲ ଓ ବିଜ୍ଞାନ ଆଧାରିତ ଉଦ୍ଭାବନ ପ୍ରଦର୍ଶିତ ହୋଇଥିଲା ଏଥି ସହିତ ପରିବେଶ ସୁରକ୍ଷା, ପ୍ରଯୁକ୍ତି ନବୀନତା, କଳା ଓ ସାହିତ୍ୟ କୁ ନେଇ ବିଭିନ୍ନ ବିଷୟର ଷ୍ଟଲ ସଜା ହୋଇଥିଲା। ବିଚାରକ ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ବିଦ୍ୟାଳୟ ସହାୟକ ଅଧ୍ୟାପକ ଡ଼କ୍ଟର ଶଶିକାନ୍ତ ନାୟକ, ସୁଭଦ୍ରା ମହତାବ କଲେଜ ଅଧ୍ୟାପକ ଡ଼କ୍ଟର ସ୍ମୃତି ରଞ୍ଜନ ସାହୁ ଯୋଗଦେଇଥିଲେ। ଉଲ୍ଲେଖ ଯୋଗ୍ୟଯେ, ସି ବି ଏସ ଇ ଭୁବନେଶ୍ୱର ରିଜିଓନାଲ ତରଫରୁ ଅଷ୍ଟମ କୌଶଳ ବିକାଶ ପ୍ରଦର୍ଶନୀ କରିବା ପାଇଁ ଚଳିତ ବର୍ଷ ଏହି ବିଦ୍ୟାଳୟ କୁ ସୁଯୋଗ ଦିଆଯାଇଥିଲା। ଏଥିରେ ଓଡ଼ିଶାର ୫୦ ରୁ ୭୦ ଟି ବିଦ୍ୟାଳୟ ର ୩୦୦ ଛାତ୍ର ଛାତ୍ରୀ ଙ୍କ ସମେତ ଶିକ୍ଷକଶିକ୍ଷୟତ୍ରୀ ଯୋଗଦେଇଥିଲେ।

# ଦେବ୍ ଇଣ୍ଟରନେସନାଲ ସ୍କୁଲର ନିଟ୍ ପରୀକ୍ଷାରେ ୩୦ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ




ଯାଜପୁର, ୨୨/୦୭ (ଅକ୍ଷର ଓଡ଼ିଶା) ବହୁ ବାଧାବିଘ୍ନ ଓ ଉତ୍କଣ୍ଠାର ଅନ୍ତ ଘଟାଇ ଶେଷରେ ପ୍ରକାଶ ପାଇଛି ଚଳିତ ବର୍ଷର ନିଟ୍ ପରୀକ୍ଷା ଫଳ। ଫଳାଫଳ ପ୍ରକାଶ ପାଇବା ପରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ବିବାଦ ଏବଂ ପରୀକ୍ଷା ବାତିଲକୁ ନେଇ ପରୀକ୍ଷାର୍ଥୀମାନେ ଅତ୍ୟନ୍ତ ନିରାଶ ଓ ଭାଙ୍ଗି ପଡ଼ିଥିଲେ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦ୍ୱିତୀୟ ଥର ପାଇଁ ସୁଚାରୁରୂପେ ପରୀକ୍ଷା ପରିଚାଳନା କରାଯାଇଥିଲା। କୌଣସି ପ୍ରକାର ଅନିୟମିତତା ଯେପରି ନହୁଏ, ସେଥିପାଇଁ ସବୁ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରଠାରୁ ଛାତ୍ରଛାତ୍ରୀମାନେ ଫଳାଫଳକୁ ଆଗ୍ରହର ସହ ଅପେକ୍ଷା କରିଥିଲେ।ଏହି ପରୀକ୍ଷା ଫଳରେ ଯାଜପୁର ଜିଲ୍ଲାର ଦେବ୍ ଇଣ୍ଟରନେସନାଲ ସ୍କୁଲ ଅଭୂତପୂର୍ବ ସଫଳତା ହାସଲ କରିଛି। ମୋଟ ପରୀକ୍ଷାର୍ଥୀ ୬୦ ଜଣରୁ କୃତକାର୍ଯ୍ୟ ଛାତ୍ରଛାତ୍ରୀ ୩୦ ଜଣ କରିଛନ୍ତି। ସ୍କୁଲର ଛାତ୍ର ସତ୍ୟବ୍ରତ ଜେନା ୬୭୦ ନମ୍ବର ରଖି ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ସଫଳତା ପରେ ବୁଧବାର ସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ପ୍ରିନ୍ସିପାଲ ନିର୍ମଳ କୁମାର ରଣା ପ୍ରମୁଖଙ୍କ ଉପସ୍ଥିତରେ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ବୋଲଗଡ଼ର ଗୌରବ ଆଣିଲେ ଲକ୍ଷ୍ମୀପ୍ରିୟା



ବୋଲଗଡ଼, ୨୨/୭(ଅକ୍ଷର ଓଡିଶା ) ବୋଲଗଡ଼ର ମେଧାବୀ ଝିଅ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ୬୦୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ସମଗ୍ର ବୋଲାଗଡ଼ ବ୍ଲକ ତଥା ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।ନିଟ ଭଳି ଏକ କଠିନ ସର୍ବ ଭାରତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ସାଧାରଣ କଥା ନୁହେଁ । ଏହା ସୁଶ୍ରୀ ଲକ୍ଷ୍ମୀପ୍ରିୟା ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଓ ପରିବାର ବର୍ଗଙ୍କ ସଠିକ ମାର୍ଗଦର୍ଶନର ପ୍ରତିଫଳନ । ବୋଲଗଡ଼ ନିବାସୀ ବ୍ୟବସାୟୀ କାର୍ତ୍ତିକ ସୁବୁଦ୍ଧି ଓ ମାତା ମିନତୀ ସୁବୁଦ୍ଧିଙ୍କ ସୁଯୋଗ୍ୟା କନ୍ୟା ସୁଶ୍ରୀ ଲକ୍ଷ୍ମୀପ୍ରିୟା ସୁବୁଦ୍ଧିଙ୍କ ଏହି ବିରଳ ସଫଳତା ଆଗାମୀ ଛାତ୍ରଛାତ୍ରୀଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ । ସୁଶ୍ରୀ ଲକ୍ଷ୍ମୀପ୍ରିୟାଙ୍କ ଏହି ଅସାଧାରଣ ସଫଳତା ପାଇଁ ବୋଲଗଡ଼ ଅଞ୍ଚଳର ଆଇନ ଜିବୀ ବୀରକିଶୋର ଦାସ, ଲଲାଟେନ୍ଦୁ କେଶରୀ ସିଂଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ସମାଜ ସେବୀମାନେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ସୁବୁଦ୍ଧିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ରେ ଜଣେ ସଫଳ ଡାକ୍ତର ହୋଇ ଜନସାଧାରଣଙ୍କ ସେବାରେ ବ୍ରତୀ ହେବାପାଇଁ ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି ।

# ମନେରଗା ଯୋଜନାର ସାମାଜିକ ସମୀକ୍ଷା ଜଣ ଶୁଣାଣି ଶିବିର ଅନୁଷ୍ଠିତ




ବିନିକା, ୨୨।୦୭(ପ୍ରତାପ ରୁଦ୍ର କର୍ଣ୍ଣ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସମ୍ମିଳନୀ କକ୍ଷ୍ୟ ରେ ମନେରଗା ଯୋଜନାର ସାମାଜିକ ସମୀକ୍ଷା ଜଣ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଏହି ଶିବିରର ମୁଖ୍ୟ ଅତିଥି ଭାବରେ ଓଡିଶା ସାମାଜିକ ସ୍ୱଛତା ଓ ଉତ୍ତର ଦାୟିତ୍ୱ ସମିତିର ନିର୍ଦ୍ଦେଶକ ନିହାର ରଞ୍ଜନ ସ୍ୱାଇଁ, ଶିବିରର ଅଧକ୍ଷ ଭାବରେ ସୁରେନ୍ଦ୍ର ମେହେର ଉପ ଜିଲ୍ଲା ପାଳ ବୀରମହାରାଜପୁର, ଶିବିରର ସଂଯୋଜକ ଗୋଷ୍ଠି ଉନ୍ନୟନ ଅଧିକାରୀ ବିନିକା ଶରତ ଚନ୍ଦ୍ର ବାଗ, ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର, ଜିଲ୍ଲା ସାମାଜିକ ସମୀକ୍ଷକ ପ୍ରବୀର ମେହେର, ସାମାଜିକ ସମୀକ୍ଷା ଏକ୍ସପୋର୍ଟ ଶ୍ରୀମତୀ ପୁଷ୍ପାଞ୍ଜଳୀ ସାବତ, ବିନିକା ବ୍ଲକ ଉପାଧାକ୍ଷ ନିର୍ମଳ ଷାଣ୍ଡ, ସମସ୍ତ ଜଣ ଶୁଣାଣି କମିଟି ସଦସ୍ୟଙ୍କ ପ୍ରମୁଖଙ୍କ ଉପସ୍ଥିତରେ କୁବେର ହରିପାଳ ଶିବିର ପରିଚାଳନା କରିଥିଲେ APO ସୁବାଷ ବେହେରା ପୂର୍ବ ଶିବିରର ରିପୋର୍ଟ ପଠନ କରିଥିଲେ ବ୍ଲକ ସାମାଜିକ ସମୀକ୍ଷକ ମନୋଜ କୁମାର ସେଠି ଗତ ୦୧.୧୦.୨୦୨୫ ରୁ ୩୧.୦୩.୨୦୨୫ ମଧ୍ୟରେ ହୋଇଥିବା ମନେରଗା ଯୋଜନାର କାର୍ଯ୍ୟର ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ ଯେଉଁଥିରେ ମୋଟ ୧୬ ଗୋଟି ଗ୍ରାପର ଆର୍ଥିକ ସମସ୍ୟା ୦୬ ଗୋଟି, ରେକର୍ଡ ଓ ରେଜିଷ୍ଟ୍ର ସମସ୍ୟା ୨୩ ଗୋଟି, ଶ୍ରମିକ ପ୍ରାପ୍ୟ ସମସ୍ୟା ୧୩ ଗୋଟି, କାର୍ଯ୍ୟର ମାନ ସମସ୍ୟା ୧୮ ଗୋଟି, ସ୍ୱଛତା ଓ ଉତ୍ତର ଦାୟିତ୍ୱ ସମସ୍ୟା ୦୭ ଗୋଟି ଓ ଅନ୍ୟାନ୍ୟ ସମସ୍ୟା ୧୪ ଗୋଟି ଏହିପରି ମୋଟ ୮୧ ଗୋଟି ସମସ୍ୟା ଚିହ୍ନଟ ହୋଇଥିବାର ଉପସ୍ଥାପନ କରିଥିଲେ । ସମସ୍ତ ସମସ୍ୟା ଗୁଡିକ ଆଗାମୀ ୧୫ ଦିନ ମଧ୍ୟରେ ଅନୁପାଳନ କରିବା ସମସ୍ତ ଏଚ ଅଧିକାରୀଙ୍କୁ ଅଧକ୍ଷ ଶ୍ରୀ ମେହେର ନିର୍ଦ୍ଦେଶ ଦେଲେ ଉକ୍ତ ସମୟ ମଧ୍ୟରେ ଅନୁପାଳନ ନକଲେ ଜରିମାନା କରାଇବା ପାଇଁ ନିର୍ଦ୍ଦେଶ ଦେଲେ । ଏହି ଶିବିରରେ ସରପଞ୍ଚ, ସମିତି ସଭ୍ୟ ସମସ୍ତ ଏଚ ଓ ବ୍ଲକ ଅଧିକାରୀ ସମସ୍ତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ଓ ଅଣକୁଶଳୀ ଶ୍ରମିକ ମାନେ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଶ୍ରୀ ସ୍ୱାଇଁ ବିନିକା ବ୍ଲକର ପୂର୍ବରୁ ହୋଥିବା ସାମାଜିକ ସମୀକ୍ଷର ସମସ୍ତ ସମସ୍ୟା ଗୁଡିକ ସବୁ ଅନୁପାଳନ କରାଯାଇଥିବାରୁ ଖୁସି ବ୍ୟକ୍ତି କରିଥିଲେ ଓ VB G RAM G ଉପରେ ସଂକ୍ଷେପରେ ବକ୍ତବ୍ୟ ରଖିଥିଲେ । ଶେଷରେ ବ୍ଲକର ସହକାରୀ କାର୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ବିଜୟ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଗାଣ ବର୍ଷାରେ ଆଠଗଡ଼ ବେହାଲ

ଆଠଗଡ଼,୨୨/୭ (ଅକ୍ଷର ଓଡ଼ିଶା) ଆଠଗଡ଼ରେ ଲାଗି ରହିଛି ଲଗାଣ ବର୍ଷା। ଲଗାଣ ବର୍ଷା କାରଣରୁ ଘରେ ଭିତରେ ପଶିଛି ବର୍ଷା ପାଣି। ସୁଚନାଯୋଗ୍ୟ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୯ ନମ୍ବର ୱାର୍ଡ ବିରକିଶୋରପୁର ସନ୍ତୋଷ କୁମାର ସ୍ୱାଇଁଙ୍କ ଘରେ ପ୍ରାୟ ୩ ଫୁଟର ବର୍ଷା ପାଣି। ବାରମ୍ବାର ପ୍ରଶାସନକୁ ଅଭିଯୋଗ କଲେ ମଧ କୌଣସି ପ୍ରକାର ସମାଧାନ କରୁନଥିବା ଅଭିଯୋଗ କରିଛନ୍ତି ସନ୍ତୋଷ। ଘରେ ପାଣି ପଶିଯିବାରୁ ଆଶବାପତ୍ର ନଷ୍ଟ ହେବା ସହିତ ଉପାସରେ ଅଛନ୍ତି ପରିବାର ବର୍ଗ।ଆଠଗଡ଼ ଅଗ୍ନି ବିଭାଗ ମୋଟର ଚଳାଇ ବର୍ଷା ପାଣିକୁ ନିଷ୍କାସନ କରୁଛି। ଘର ପଛପଟେ ଥିବା ଡ୍ରେନକୁ ପୋତି ଦେବା କାରଣରୁ ଡ୍ରେନ ପାଣି ଘରେ ଭିତରେପଶୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେହିପରି ସେହି ୱାର୍ଡ ର ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ଘରେ ବର୍ଷା ପାଣି ପଶିଯିବା କାରଣରୁ ବିଭିନ୍ନ ଅସୁବିଧା ସମ୍ମୁଖୀନ କରୁଛନ୍ତି। ବାରମ୍ବାର ଜିଲ୍ଲାପାଳ, ଉପଜିଲ୍ଲାପାଳ,ତହସିଲଦାରଙ୍କୁ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ପାଣି ପଶିଯିବା କାରଣରୁ ବିଭିନ୍ନ ଜିନିଷପତ୍ର ନଷ୍ଟ ହେବା ସହିତ ଦୈନନ୍ଦିନ ଚଳଣିରେ ବ୍ୟାହତ ହୋଇଛି।ସେହିପରି ପୁରୁଣା କଟକ ସମ୍ବଲପୁର ରାସ୍ତା ଚମ୍ପାପୁର ରାସ୍ତା ଜଳମଗ୍ନ। ଆଠଗଡ଼ରୁ କଟକ ଯିବା ପାଇଁ ମୁଖ୍ୟ ରାସ୍ତା ହୋଇଥିବା କାରଣରୁ ଯାତାୟାତ ପ୍ରଭାବିତ ହୋଇଛି। ଏହି ରାସ୍ତା ଦେଇ ଜନସାଧାରଣ କଟକ ଯିବା ଆସିବା କରୁଥିବା ବେଳେ ଏବେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଆଠଗଡ଼ରୁ ଆମ୍ବୁଲାନ୍ସ କଟକ ବଡ଼ ଡ଼ାକ୍ତରଖାନାକୁ ଯିବା ଆସିବା କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ରାସ୍ତା କାମ ଠିକ ସମୟରେ ନସରିବା କାରଣରୁ ଏହି ସମସ୍ୟା ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।



# ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ରଣପୁର , ୨୨/୭ (ଅକ୍ଷର ଓଡିଶା ) ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଘୋଷଯାତ୍ରାରେ ବାହାରି ଏବେ ଗୁଣ୍ଡିଚା ଘରେ ଅବସ୍ଥାନ କରୁଛନ୍ତି। ଏହି ଅବସରରେ ସକାଳ ଓ ସନ୍ଧ୍ୟା ଦର୍ଶନ ଲାଗି ରଣପୁର ମାଉସୀ ମା ଗୁଣ୍ଡିଚା ଘରେହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହେଉଛି। ଲଗାଣ ବର୍ଷା ସତ୍ତ୍ୱେ ବୁଧବାର ଶ୍ରୀଜୀଉଙ୍କ ମନଲୋଭା ବେଶ ଆଡପ ଦର୍ଶନ ନିମନ୍ତେ ଗୁଣ୍ଡିଚା ମଣ୍ଡପରେ ଭକ୍ତଙ୍କ ଭିଡ ଲାଗି ରହିଥିଲା। ଆସନ୍ତା ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ, ଶୁକ୍ରବାର ବାହୁଡା, ଶନିବାର ରଥ ଉପରେ ସୁନାବେଶ, ହରିଶୟନ ନୀତି, ରବିବାର ଅଧର ପଣା ଭୋଗ, ଗରୁଡ ଶୟନ ନୀତି ଓ ସୋମବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ।



ଗୁରୁବାର ୨୩।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ହାତୀଙ୍କ କବରଖାନା ପାଲଟିଛି ବଡମ୍ବା ନରସିଂହପୁର ଜଙ୍ଗଲ

## ୪ବର୍ଷରେ ୪୫ ହାତୀଙ୍କ ମୃତ୍ୟୁ,ତଥ୍ୟ ଦେଉନି ବନ ବିଭାଗ,ଆରଟିଆଇ ଖୋଲିଲା ବନ ବିଭାଗ ଗୁମର

ଆଠଗଡ଼, ୨୨/୭(ଅକ୍ଷର ଓଡ଼ିଶା)ବଡମ୍ବା - ନରସିଂହପୁର ଜଙ୍ଗଲ ପାଲଟିଛି ହାତୀଙ୍କ କବରଖାନା ।ବଡମ୍ବା ନରସିଂହପୁରରେ ଦେଖିବାକୁ ମିଳିଛି ହାତୀ ମଣିଷ ଲଢେଇ କେତେବେଳେ ଶିକାରୀ ଗୁଳିରେ ହାତୀର ମୃତ୍ୟୁ ଘଟୁଥିବା ବେଳେ ଆଉ କେତେବେଳେ ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ଘଟୁଛି ।ବନ ବିଭାଗର ଅବହେଳା ପାଇଁ ଚାଲି ଯାଉଛି ଅନେକ ନିରୀହ ମୂଲ୍ୟବାନ ଜୀବନ ଗତ ୪ ବର୍ଷରେ ଉଭୟ ବଡମ୍ବା ନରସିଂହପୁର ୩ ଟି ବନ ବିଭାଗ ଅଧୀନରେ ୪୫ ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣ ରେ ୧୭ ଜଣ ନିରୀହ ଲୋକଙ୍କ ଜୀବନ ଯାଇଛି । ମାତ୍ର ୪ ମାସରେ ୧୦ ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଯାହାକି ଏକ ସମ୍ବେଦନଶୀଳ ଘଟଣା ଏନେଇ ବାରମ୍ବାର ବନ ବିଭାଗ କୁ ତଥ୍ୟ ମାଗୁଥିଲେ ମଧ୍ୟ ବନ ବିଭାଗ ତଥ୍ୟ ଦେଉନି, ଜାଣିଶୁଣି ବିଭିନ୍ନ ଆଳ ଦେଖାଇ ଏଡ଼େଇ ଯିବା ସହ ଜାଣିଶୁଣି ଫୋନ୍ ମଧ୍ୟ ରିସିଭ କରୁ ନାହାନ୍ତି, କିନ୍ତୁ ଆର ଟି ଆଇ ରିପୋର୍ଟ ଧରେଇ ଦେଲା ବନ ବିଭାଗର ବିଫଳତା, ଦିଆଯାଇଥିବା ଆର ଟି ଆଇ ତଥ୍ୟରେ ମଧ୍ୟ ଅନେକ ତଥ୍ୟ ଲୁଚାଇ ଦିଆଯାଇଥିବା ଅଭିଯୋଗ ହୋଇଛି ।ଗୁଡୁନୁ କୁମାର ପ୍ରଧାନ ଏନେଇ ବନ ବିଭାଗକୁ ଆର ଟି ଆଇ ରେ ତଥ୍ୟ ମାଗିଥିଲେ ୨୦୨୦ ମସିହାରୁ ୨୦୨୬ ମସିହା ମେ ୨ ତାରିଖ ପର୍ଯ୍ୟନ୍ତ ବଡମ୍ବା ନରସିଂହପୁରରେ କେତେ ହାତୀ ମରିଛନ୍ତି,ହାତୀ ଆକ୍ରମଣ କେତେ ମଣିଷ ମରିଛନ୍ତି । କେତେ ଜଣଙ୍କୁ କେତେ କ୍ଷତିପୂରଣ ମିଳିଛି,ଏହି ଘଟଣା ରେ କେତେ ଜଣ ଗିରଫ ହୋଇଛନ୍ତି ।ମାତ୍ର ତାକୁ ୨୦୨୨ ରୁ ୨୦୨୬ ମସିହା ପର୍ଯ୍ୟନ୍ତ ତଥ୍ୟ ଦିଆଯାଇଛି । ସେଥିରେ ମଧ୍ୟ କିଛି ତଥ୍ୟ ତାଳମେଳ ରହୁ ନଥିବା ଅଭିଯୋଗ ହେଉଛି । ବନ ବିଭାଗ ପକ୍ଷରୁ ଆର ଟି ଆଇ ରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୨ ରୁ ୨୦୨୬ମେ ୨ ତାରିଖ ପର୍ଯ୍ୟନ୍ତ ପ୍ରାୟ ୪ବର୍ଷ ୪ ମାସ ମଧ୍ୟରେ ବଡମ୍ବା ନରସିଂହପୁରର ୩ ଟି ବନ ବିଭାଗରେ ୪୫ ଟି ହାତୀଙ୍କର ମୃତ୍ୟୁ ଘଟିଛି ।ନରସିଂହପୁର ପୂର୍ବ ବନ ବିଭାଗ ଅଧୀନ ଦେବଭୂମି ଗ୍ରାମରେ ଏପ୍ରିଲ ମାସରେ ମା ପୁଅଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ବେଳେ ବଡମ୍ବାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ।୨୦୨୨ ମସିହାରେ ହାତୀ ଆକ୍ରମଣ ରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା, ୨୦୨୩ରେ ମଧ୍ୟ ଆଉ ୪ ଜଣଙ୍କର ମୃତ୍ୟୁ ଘଟିଥିଲା ।୨୦୨୪ ରେ ୫ ଜଣଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ବେଳେ ୨୦୨୬ ଏପ୍ରିଲ ମାସ ମଧ୍ୟରେ ୪ ଜଣଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଲାଣି ।୪ ବର୍ଷ ୪ ମାସରେ ୧୭ ଜଣ ଙ୍କର ମୃତ୍ୟୁ ଘଟିଛି ।ସେମାନଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ବନ ବିଭାଗ ପକ୍ଷରୁ ୭୭ ଲକ୍ଷ ୬୦ହଜାର ଦିଆଯାଇଛି ।୨୦୨୨ରେ ୪ ଜଣଙ୍କ ମୃତ୍ୟୁ ବାବଦକୁ ୧୬ ଲକ୍ଷ ୨୦୨୩ରେ ୪ ଜଣଙ୍କ ମୃତ୍ୟୁ ବାବଦକୁ ୨୪ ଲକ୍ଷ ୨୦୨୪ରେ ୫ ଜଣଙ୍କ ମୃତ୍ୟୁ ବାବଦକୁ ୨୪ ଲକ୍ଷ ୬୦ ହଜାର ୨୦୨୬ରେ ୪ ଜଣଙ୍କର ମୃତ୍ୟୁ ବାବଦ କ୍ଷତିପୂରଣ ପାଇଁ ୩୧ ଲକ୍ଷ ଟଙ୍କା ଦିଆ ଯାଇଛି ବୋଲି ତଥ୍ୟରୁ ଜଣାପଡିଛି । ପୂର୍ବରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଲେ ୬ ଲକ୍ଷ ମିଳୁଥିବା ବେଳେ ବର୍ତ୍ତମାନ ଏହି ରାଶି ୧୦ ଲକ୍ଷକୁ ବଢ଼ାଇ ଦିଆଯାଇଛି ।ବିଶେଷକରି ନରସିଂହପୁର ପୂର୍ବ ବନ ବିଭାଗରେ ଅନେକ ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ କିଛି ଘଟଣାକୁ ଜାଣିଶୁଣି ଚପାଇ ଦିଆଯାଇଥିବା ଅଭିଯୋଗ ହୋଇଛି ।

## ମଦ ଦୋକାନକୁ ବିରୋଧ କଲେ ଚରମ୍ପା ଅଞ୍ଚଳବାସୀ

# ଦୀର୍ଘ ୧୫ ବର୍ଷ ପରେ ହଠାତ୍ କାହିଁକି ଏହି ବିରୋଧ




ଭଦ୍ରକ ୨୨/୦୭ (ଅକ୍ଷର ଓଡିଶା )ଭଦ୍ରକ ଜିଲ୍ଲାର ଚରମ୍ପା ଅଞ୍ଚଳରେ ଥିବା ଏକ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ ପ୍ରଦର୍ଶନ କରିଛନ୍ତି । ଏହି ବିରୋଧ ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯେଉଁ ସ୍ଥାନରେ ଦୀର୍ଘ ପ୍ରାୟ ୧୫ ବର୍ଷ ଧରି ମଦ ଦୋକାନ ଚାଲିଆସୁଥିଲା, ସେହି ଦୋକାନକୁ ନେଇ ଏବେ ହଠାତ୍ ଏତେ ଜୋରଦାର ବିରୋଧ କାହିଁକିଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଜନସ୍ୱାର୍ଥକୁ ଆଧାର କରି କରାଯାଉଛି, ନା ଏହା ପଛରେ କିଛି ରାଜନୀତିକ୍ୟ ଚାପ ରହିଛି ଏହି ପ୍ରଶ୍ନକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି ।କେହି କହୁଛନ୍ତି ଯେ ମଦ ଦୋକାନ ହଟିଲେ ଅଞ୍ଚଳର ପରିବେଶ ଭଲ ହେବ ଏବଂ ଯୁବପିଢ଼ି ଉପରେ ଏହାର କୁପ୍ରଭାବ କମିବ । ଆଉ କେହି ପ୍ରଶ୍ନ ଉଠାଉଛନ୍ତି, ଯଦି ଏହି ଦୋକାନକୁ ନେଇ ଏତେ ଅସନ୍ତୋଷ ଥିଲା, ତେବେ ଗତ ୧୫ ବର୍ଷ ଧରି କାହିଁକି କୌଣସି ବଡ଼ ବିରୋଧ ଦେଖିବାକୁ ମିଳିଲା ନାହିଁ ।

## ସନ୍ଧ୍ୟା ୭ଟାରୁ ଆଡ଼ପ ଦର୍ଶନ ବନ୍ଦ

ପୁରୀ, ୨୨ ।୭(ଅକ୍ଷର ଓଡ଼ିଶା):ନବଦିନ ଯାତ୍ରା ଶେଷ କରି ଶୁକ୍ରବାର ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡିବେ ମହାବାହୁ ।ଏଥିପାଇଁ ଦକ୍ଷିଣ ମୋଡ ହେଇଛି ରଥ । ଗତକାଲି ଦର୍ପଦଳନ ରଥର ଦକ୍ଷିଣ ମୋଡ଼ ହୋଇଥିଲା ।ତେବେ ପ୍ରବଳ ବର୍ଷା ଯୋଗୁଁ ଅନ୍ୟରଥର ଦକ୍ଷିଣ ମୋଡ଼ ହୋଇପାରିନଥିଲା । ସକାଳେ ପ୍ରଥମେ ତାଳଧ୍ୱଜ ରଥ ଓ ପରେ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯାଇଥିଲା । ରଥାରୁଢ ହୋଇ ବାହୁଡାଯାତ୍ରାରେ ପୁଣି ଶ୍ରୀମନ୍ଦିରକୁ ଫେରିବେ ମହାପ୍ରଭୁ । ଏଥିପାଇଁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ। ଆଡ଼ପମଣ୍ଡପରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି । ତେବେ ବାହୁଡ଼ା ନୀତି କାନ୍ତି ପାଇଁ ଗୁରୁବାର ସନ୍ଧ୍ୟା ୭ଟାରୁ ସାଧାରଣଭକ୍ତଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟରେ ସୂଚନା ଦିଆଯାଇଛି । ଗତକାଲି ବଡ଼ସିଂହାର ବେଶ ଶେଷ ହେବାବେଳକୁ ଭୋର ୫ ଟା୩୦ ହୋଇଥିଲା । ମହାପ୍ରଭୁଙ୍କ ନୀତି କାନ୍ତି ଯୋଗୁଁ ରାତ୍ର ପହୁଡ଼ ହୋଇନଥିଲା ।ଆଜି ସକାଳ ୭ ଟା ୪୦ରେ ହୋଇଥିଲା ମହାପ୍ରଭୁଙ୍କ ମଙ୍ଗଳ ଆଳତି ।ମଇଲମ, ଅବକାଶ , ତଡ଼ପଲାଗି,ଅଧର ପୋଛା ଆଦି ନୀତି ଶେଷ ହେବା ପରେ ଦିନ୯ଟା ୩୫ରୁ ଆରମ୍ଭ ହୋଇଥିଲା ସାହାଣମେଲା ଦର୍ଶନ। ପୂର୍ବାହ୍ନ ୧୧ ଟା ୩୫ ସୁଦ୍ଧା ଗୋପାଳବଲ୍ଲଭ,ଦିନ ୧୨ଟା ୪୦ସୁଦ୍ଧା ସକାଳ ଧୂପ ଓ ଦିନ ୩ଟା ୫ସୁଦ୍ଧା ଶେଷ ହୋଇଥିଲା ଭୋଗ ମଣ୍ଡପ। ପରେ ପରେ ମହାପ୍ରଭୁଙ୍କ ଆନ୍ୟ ପାରମ୍ପରିକ ନୀତି ସମ୍ପାଦିତ ହୋଇଥିଲା। ତେବେ ବିଗତ ଦିନ ମାନଙ୍କ ପରି ଆଜି ମଧ୍ୟ ଆଡ଼ପ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଗୁଣ୍ଡିଚା ମନ୍ଦିର ବାହାରୁ ବଡ଼ଶଙ୍ଖ ଯାଏଁ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଥିଲା। ଆଡ଼ପ ଅଭଡ଼ା ନେବାକୁ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ ଅନେକଙ୍କୁ ନିରାଶ ହେବାକୁ ପଡ଼ିଥିଲା ।ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ବର୍ଷା ଆରମ୍ଭରୁ ରାସ୍ତା ଜଳ ମଗ୍ନ ରାସ୍ତା ଉପରେ ଆଣ୍ଠୁଏ ପାଣି



ଧର୍ମଶାଳା ୨୨/୦୭/:(ଅକ୍ଷର ଓଡିଶା) ବର୍ଷାଋତୁର ପ୍ରାରମ୍ଭରୁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଧୀନ ଏଣ୍ଡଲବା ପଞ୍ଚାୟତର ଏଣ୍ଡଲବା ଗ୍ରାମରେ ଦେଖିବାକୁ ମିଳିଛି ଏକ ଶୋଚନୀୟ ଚିତ୍ର । ମାତ୍ର ସାମାନ୍ୟ ବର୍ଷାରେ ଗାଁର ରାସ୍ତାଟି ଜଳମଗ୍ନ ହୋଇଯିବା ସହ କୃତ୍ରିମ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଯାହାଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ।ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏଭଳି ଦୁଃସ୍ଥିତିମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ଅଳ୍ପ ଦୂରରେ ରହିଛି ଏହି ଗ୍ରାମର ରାସ୍ତା । ପ୍ରଶାସନିକ ନାକତଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟିଏ ଜଳମଗ୍ନ ହୋଇରହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁ ନାହିଁ । ରାସ୍ତା ଉପରେ ଆଣ୍ଠୁଏ ଅଧିକ ପାଣି ଜମି ରହିବା କାରଣରୁ ଲୋକମାନେ ଯାତାୟାତ କରିବା ସମୟରେ ଅତି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ସଠିକ୍ ବ୍ୟବସ୍ଥା ନାହିଁ । ପାଣି ଯିବା ପାଇଁ ଡ୍ରେନ୍ ବା ନାଳ ନଥିବାରୁ ବର୍ଷା ପାଣି ସିଧାସଳଖ ରାସ୍ତା ଉପରେ ଜମିରହୁଛି । ଫଳରେ ଦିନକୁ ଦିନ ରାସ୍ତାର ଅବସ୍ଥା ଅଧିକରୁ ଅଧିକ ଶୋଚନୀୟ ହୋଇପଡୁଛି ।ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ବର୍ଷାଜଳରେ ଖାଲଖମା କିମ୍ବା ଗାତଗୁଡ଼ିକ ଦୃଶ୍ୟମାନ ହେଉନାହିଁ । ଏହାରି ମଧ୍ୟରେ ସାଇକେଲ, ବାଇକ୍ ଏବଂ ପଦାଳରେ ଯାଉଥିବା ସ୍କୁଲ ପିଲା ଓ ବୃଦ୍ଧବୃଦ୍ଧାମାନେ ପ୍ରତିନିଧି ଦୁର୍ଘଟଣାର ଶିକାର ହେଉଛନ୍ତି ।'ବର୍ଷା ଆରମ୍ଭରୁ ଯଦି ଏଣ୍ଡଲବା ଗ୍ରାମର ଏଭଳି ଅବସ୍ଥା, ତେବେ ଆଗାମୀ ଦିନରେ ବର୍ଷାର ପରିମାଣ ବଢ଼ିଲେ ପରିସ୍ଥିତି କ'ଣ ହେବ, ତାହା ଚିନ୍ତାଜନକ,' ବୋଲି ସ୍ଥାନୀୟ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।ଜନସାଧାରଣଙ୍କ ଦାବିତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ଏବଂ ଧର୍ମଶାଳା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ରାସ୍ତା ଉପରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରାଯିବା ସହ ରାସ୍ତା ମରାମତି କରିବାକୁ ଜନସାଧାରଣରେ ଦୃଢ଼ ଦାବି ହୋଇଛି ।

## ନରସିଂହପୁର ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଭାବେ ଯୋଗଦେଲେ ମନିଶା ବିଶ୍ୱାଳ



ଆଠଗଡ଼, ୨୨/୭(ଅକ୍ଷର ଓଡ଼ିଶା)ନରସିଂହପୁର ବ୍ଲକର ନୂତନ ବ୍ଲକ ଶିକ୍ଷା ଅଧିକାରୀ (ଇରଡ) ଭାବେ ମନିଶା ବିଶ୍ୱାଳ ଯୋଗଦାନ କରିଛନ୍ତି। ଯୋଗଦାନ ପରେ ସେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ସାକ୍ଷାତ କରି ବ୍ଲକର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରାଥମିକ ସମୀକ୍ଷା କରିଥିଲେ ।ତାଙ୍କ ନେତୃତ୍ୱରେ ନରସିଂହପୁର ବ୍ଲକର ଶିକ୍ଷା କ୍ଷେତ୍ରରେ ଅଧିକ ଉନ୍ନତି ହେବ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି ।

## ବିଏଲଓଙ୍କ ଭୁଲ ସର୍ଭେ ପାଇଁ,ତହସିଲ କାର୍ଯ୍ୟାଳୟରେ ଭିଡ଼



ଲକ୍ଷ୍ମୀପୁର ୨୨/୦୭(ଅକ୍ଷର ଓଡିଶା )ବିଏଲ ଓ ମାନଙ୍କର ଭୁଲ ସର୍ବେ ପାଇଁ ଶତାଧିକ ଯୋଗ୍ୟ ଭୋଟର ମାନଙ୍କର ନାଁ ତାଲିକାରୁ କଟିଯାଇଥିବା ଅଭିଯୋଗ ହୋଇଛି । ଏଇ ଭଳି ଘଟଣା ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ ଗୁଡା ପଞ୍ଚାୟତ ରେ ଦେଖିବାକୁ ମିଳିଛି ।କାଳେ କୌଣସି ସରକାରୀ ସେବା ମିଳିବନି ଭାବି ବହୁ ସଂଖ୍ୟାରେ ପୁରୁଷ ଓ ମହିଳାମାନେ ତହସିଲ କାର୍ଯ୍ୟାଳୟରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା ।ବିଏଲଓ କାର୍ଯ୍ୟରେ ଯେଉଁ ମାନଙ୍କୁ ନିଯୁକ୍ତି କରାଯାଇଛି ସେମାନେ ନୂଆ ।ଗାଁ ଗାଁ ବୁଲି ସର୍ଭେ କରିବା ସମୟରେ ଲୋକେ ଯାହା ତଥ୍ୟ ଦେଉ ଥିଲେ ତାକୁ ଭୁଲଭାଲ ସେମାନେ ଲେଖିକି ଚାଲିଗଲେ ।ପରେ ଭୋଟର ତାଲିକାରୁ ୨୫୦ ଜଣଙ୍କ ନାମ କଟି ଯାଇଥିବା ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଉମ୍ବରୁଧର ମୁଦୁଲି କହିଛନ୍ତି ।ଆଜି ଲଗାଣ ବର୍ଷା ସତ୍ତ୍ୱେ ନିଜ ନିଜ କାମ ଧାମ ଛାଡି ନାମ କଟି ଯାଇଥିବା ଲୋକେ ଲକ୍ଷ୍ମୀପୁର ତହସିଲ କାର୍ଯ୍ୟାଳକୁ ପହଁଚି ତହସିଲଦାର ନୈବେଦ୍ୟ ଭୋଇଙ୍କୁ ସାକ୍ଷାତ କରିଥିଲେ ।କଣ ପାଇଁ ଭୁଲ ହୋଇଥିଲା ତାହା ମୁଁ ଜାଣିନି କିନ୍ତୁ ଗୌଡ଼ଗୁଡାରୁ ଯେତିକି ଲୋକେ ଆସିଥିଲେ ସେମାନଙ୍କ ସମସ୍ୟାର ସମାଧାନ କରାଗଲା ବୋଲି ତହସିଲଦାର ଶ୍ରୀଯୁକ୍ତ ଭୋଇ ପ୍ରକାଶ କରିଛନ୍ତି ।

## ନିମ୍ନମାନର ଚେକ୍ ଡ୍ୟାମ୍ ନିର୍ମାଣ ଅଭିଯୋଗ

# ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ



ସୁବର୍ଣ୍ଣପୁର, ୨୨/୭(ପବିତ୍ର ସିଂ ବରିହା)ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ପାଇକବାହାଲ ଗ୍ରାମପଞ୍ଚାୟତର ରାଜପାଣି ଓ ବ୍ରାହ୍ମଣୀପାଲି ଗ୍ରାମ ନିକଟସ୍ଥ ବାରପାହାଡ଼ ପୀଠରେ ବନ ବିଭାଗ (ଫରେଷ୍ଟ ଡିପାର୍ଟମେଣ୍ଟ) ପକ୍ଷରୁ ନିର୍ମିତ ଏକ ଚେକ୍ ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନରେ ହୋଇଥିବା ଅଭିଯୋଗ କରି ଗ୍ରାମବାସୀମାନେ ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି ।ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା । ଚେକ୍ ଡ୍ୟାମ୍ ନିର୍ମାଣ ହେଲେ ବର୍ଷାଜଳ ସଂରକ୍ଷିତ ହୋଇ ଆଖପାଖର ଚାଷ ଜମିକୁ ସେଚନ ସୁବିଧା ମିଳିବ, ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟଜନ୍ତୁ ଓ ଗୃହପାଳିତ ପଶୁମାନେ ମଧ୍ୟ ପାଣି ପାଇପାରିବେ ବୋଲି ଲୋକମାନେ ବହୁତ ଆଶା ରଖିଥିଲେ । ଏହି ପ୍ରକଳ୍ପ ଅଞ୍ଚଳର କୃଷକଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ମଧ୍ୟ ସେମାନେ ଆଶାବାଦୀ ଥିଲେ ।କିନ୍ତୁ ନିର୍ମାଣ କାର୍ଯ୍ୟ ସରିବାର ମାତ୍ର ଏକ ମାସ ମଧ୍ୟରେ ଚେକ୍ ଡ୍ୟାମ୍‌ର ବିଭିନ୍ନ ସ୍ଥାନରେ ତ୍ରୁଟି ଦେଖାଦେଇଥିବା ଅଭିଯୋଗ ହୋଇଛି । ସାଇଡ୍ ୱାଲ୍‌ରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ବେଳେ ପାଣି ଅଟକାଇବା ପାଇଁ ନିର୍ମିତ ବନ୍ଧ ତଳ ଦେଇ ପାଣି ଗଳୁଥିବାରୁ ଚେକ୍ ଡ୍ୟାମ୍‌ର ଉଦ୍ଦେଶ୍ୟ ହିଁ ବିଫଳ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଏପରି ଅବସ୍ଥାରେ ବର୍ଷା ଋତୁରେ ଏହା ଅଧିକ କ୍ଷତିଗ୍ରସ୍ତ ହେବା ସହ ସରକାରୀ ଅର୍ଥର ଅପଚୟ ହେବ ବୋଲି ମଧ୍ୟ ସେମାନେ କହିଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ କାର୍ଯ୍ୟରେ ଗୁଣାତ୍ମକ ମାନ ରକ୍ଷା କରାଯାଇନଥିଲା । ବ୍ୟବହୃତ ସାମଗ୍ରୀର ମାନ ମଧ୍ୟ ସନ୍ଦେହଜନକ ଥିବା ସେମାନେ ଅଭିଯୋଗ କରିଛନ୍ତି । ଏହାସହ କାର୍ଯ୍ୟସ୍ଥଳରେ ପ୍ରକଳ୍ପର ନାମ, ଅନୁମୋଦିତ ବ୍ୟୟ, କାର୍ଯ୍ୟନିର୍ବାହୀ ସଂସ୍ଥା, ଠିକାଦାରଙ୍କ ନାମ ଓ କାର୍ଯ୍ୟ ଅବଧି ଉଲ୍ଲେଖ ଥିବା କୌଣସି ସୂଚନା ଫଳକ ଲଗାଯାଇନଥିବାରୁ କାର୍ଯ୍ୟର ସ୍ୱଚ୍ଛତା ନେଇ ମଧ୍ୟ ପ୍ରଶ୍ନ ଉଠିଛି ।ଅନ୍ୟପଟେ, ଏହି ଚେକ୍ ଡ୍ୟାମ୍ ପାଇଁ ସରକାରୀ ଅର୍ଥ ବ୍ୟୟ ହୋଇଥିବାରୁ ଏହାର ଗୁଣବତ୍ତା ପ୍ରତି ସମ୍ପୃକ୍ତ ବିଭାଗର ଅଧିକାରୀମାନେ ନିୟମିତ ତଦାରଖ କରିବା ଉଚିତ ଥିଲା ବୋଲି ମଧ୍ୟ ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି । ନିର୍ମାଣ କାର୍ଯ୍ୟରେ ଅବହେଳା କିମ୍ବା ଦୁର୍ନୀତି ହୋଇଥିଲେ ତାହାର ସମ୍ପୂର୍ଣ୍ଣ ତଦନ୍ତ କରି ସତ୍ୟାସତ୍ୟ ପଦାକୁ ଆଣିବାକୁ ସେମାନେ ଦାବି କରିଛନ୍ତି ।ତେଣୁ ଏହି ଚେକ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯାଇ ଯଦି ନିମ୍ନମାନର କାମ କିମ୍ବା ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଠିକାଦାର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଚେକ୍ ଡ୍ୟାମ୍‌କୁ ପୁନଃ ଗୁଣାତ୍ମକ ମାନରେ ନିର୍ମାଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ।

## ଅନୁଗୋଳ ପୋଲିସ ପକ୍ଷରୁ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ




ବନ୍ତଲା ୨୩/୦୭(ଅକ୍ଷର ଓଡିଶା ) ଅନୁଗୋଳ ପୋଲିସ ପକ୍ଷରୁ ଏକ ମୋବାଇଲ ହସ୍ତାନ୍ତର ମେଳାର ଆୟୋଜନ କରାଯାଇଥିଲା । ହଜିଯାଇଥିବା କିମ୍ବା ଚୋରି ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ଟ୍ରାକିଂ ଓ ତଦନ୍ତ ମାଧ୍ୟମରେ ଉଦ୍ଧାର କରି ପ୍ରକୃତ ମାଲିକମାନଙ୍କୁ ଫେରସ୍ତ କରାଯାଇଥିଲା ।ଅନୁଗୋଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ନିଜେ ମାଲିକ ମାନଙ୍କୁ ମୋବାଇଲ ଫୋନ ହସ୍ତାନ୍ତର କରିଥିଲେ । ଉକ୍ତ ମେଳା ରେ ୧୦୫ ଟି ମୋବାଇଲ ଫୋନ ଲୋକଙ୍କୁ ଫେରସ୍ତ କରାଯାଇଥିଲା ବେଳେ ଏହାର ଆନୁମାନିକ ମୂଲ୍ଯ ୨୧ ଲକ୍ଷ୍ୟ ଟଙ୍କା ହେବ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଉଦ୍ଧାର ହୋଇଥିବା ମୋବାଇଲଗୁଡ଼ିକୁ ସମ୍ପୃକ୍ତ ମାଲିକଙ୍କ ହାତରେ ହସ୍ତାନ୍ତର କରାଯାଇଛି । ନିଜର ହଜିଯାଇଥିବା ମୋବାଇଲ ଫେରି ପାଇ ଉପଭୋକ୍ତାମାନେ ଖୁସି ପ୍ରକାଶ କରିବା ସହ ଅନୁଗୋଳ ପୋଲିସକୁ ଧନ୍ୟବାଦ ଜଣାଇଥିଲେ ।ସାଧାରଣ ଲୋକଙ୍କ ସମ୍ପତ୍ତି ସୁରକ୍ଷା ଓ ଶୀଘ୍ର ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଫେରସ୍ତ କରିବା ଦିଗରେ ଅନୁଗୋଳ ପୋଲିସର ଏହି ପଦକ୍ଷେପକୁ ସାଧାରଣ ମହଲରେ ପ୍ରଶଂସା କରାଯାଇଛି ।

## ଶର୍ମିଷ୍ଠା ପ୍ରିୟଦର୍ଶିନୀ ହେଲେ କଟକ ଜିଲ୍ଲା ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ

କଟକସଦର ୨୨/୦୭ (ଅକ୍ଷର ଓଡିଶା ) : ବିଶିଷ୍ଟ ଆଇନଜ୍ଞୀ,ଜଣାଶୁଣା ଲୋକପ୍ରିୟ ଦକ୍ଷ ମହିଳା ସଂଗଠିକା,ତୃଣମୂଳ ସ୍ତରରୁ କାମ କରି ଆସୁଥିବା ବରିଷ୍ଠ ନେତ୍ରୀ ତଥା ସମାଜସେବୀ ଶର୍ମିଷ୍ଠା ପ୍ରିୟଦର୍ଶିନୀଙ୍କୁ କଟକ ଜିଲ୍ଲା ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ଦାୟିତ୍ୱ ମିଳିଥିବାରୁ ଶ୍ରୀମତୀ ପ୍ରିୟଦର୍ଶିନୀଙ୍କୁ ସମସ୍ତ ଦଳର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତାଙ୍କ ନେତୃତ୍ୱ,ତ୍ୟାଗ ଓ ସାଧାରଣ ଲୋକଙ୍କ ସେବା କରିବା ମନୋଭାବ ପ୍ରେରଣାଦାୟୀ ।

## ଜୀବିତ ବ୍ୟକ୍ତି ଆଧାର କାର୍ଡରେ ମୃତ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ

ପାରଳାଖେମୁଣ୍ଡି, ୨୨/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତିରେ ସରକାରୀ ବ୍ୟବସ୍ଥାର ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି. ଜଣେ ଜୀବିତ ବ୍ୟକ୍ତିଙ୍କୁ ଆଧାର କାର୍ଡରେ ମୃତ ବୋଲି ଦର୍ଶା ଯାଇଛି. ଯାଦ୍ୱାରା ସେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି. ଏଭଳି ଗୁରୁତର ତ୍ରୁଟି ଯୋଗୁଁ ସମ୍ପୃକ୍ତ ବ୍ୟକ୍ତି ରାସନ ସମେତ ବିଭିନ୍ନ ସରକାରୀ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଛନ୍ତି ବାରମ୍ବାର ସରକାରୀ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ପରେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ଶେଷରେ ସେ ଗଜପତି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ନ୍ୟାୟ ଭିକ୍ଷା କରିଛନ୍ତି । ଗଜପତି ଜିଲ୍ଲାର ଆଁ.ଉଦୟଗିରି ବ୍ଲକ ରଣାଲଇ ଗ୍ରାମର ଜିଖରିୟ ପାଳ ଆର. ଉଦୟଗିରି ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ସେ ପହଞ୍ଚି ଆଧାର କାର୍ଡରେ ହୋଇଥିବା ତ୍ରୁଟିକୁ ସଂଶୋଧନ କରିବା ଏବଂ ବନ୍ଦ ହୋଇଥିବା ରାସନ ଓ ଅନ୍ୟାନ୍ୟ ସରକାରୀ ସୁବିଧା ତୁରନ୍ତ ପ୍ରଦାନ କରିବାକୁ ସେ ନିବେଦନ କରିଥିଲେ । ଘଟଣା ସମ୍ପର୍କରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜାଣିବା ପରେ ସମ୍ପୃକ୍ତ ବିଭାଗ ମାଧ୍ୟମରେ ତଦନ୍ତ କରାଯିବା ସହ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତାଙ୍କୁ ଜଣାଇଥିଲେ ।

## ରାସ୍ତା ମଝିରେ ବିରାଟ ଗାତ ଡ଼ାଳ ପୋତି ଦିଆଯାଇଛି ସାଂକେତିକ ଚିହ୍ନ



ଦଶମନ୍ତପୁର ୨୨/୦୭(କଇନ ଗରଡ଼ା) କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବିରାଟ କାୟ ଗାତ ହୋଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତାରେ ଦୈନିକ ହଜାର ହଜାର ଯାନବାହାନ ଚଳାଚଳ କରୁଥିବା ବେଳେ ମାଲ୍ ବୋଝେଇ ଭାରି ଯାନ ମଧ୍ୟ ଦୈନିକ ଏହି ରାସ୍ତାରେ ଯାତାୟତ କରୁଛି ଏହା ବର୍ତମାନ ଅତି ବିପଦପୂର୍ଣ୍ଣ ଏବଂ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ରାସ୍ତା ମଝିରେ ଉଭା ହେଇଛି । ତେବେ ଏହି ବିପଦପୂର୍ଣ୍ଣ ସ୍ଥାନକୁ କେହି ଜଣେ ଗୋଟିଏ ଡାଳକୁ ପୋତି ସାଧାରଣ ଲୋକଙ୍କୁ ସାଂକେତିକ ଚିହ୍ନ ଦେଇ ସଚେତନ କରିଛନ୍ତି । ଦଶମନ୍ତପୁର ବ୍ଲକରେ ନିର୍ମାଣଧିନ ପୋଲ ଏବଂ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ପୋଲ ମାନଙ୍କରେ ବର୍ଷାରେ ବିଭିନ୍ନ ସମସ୍ୟା ଦେଖାଯାଇଥିବା ବେଳେ ବର୍ତମାନ ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ମାନ ସୃଷ୍ଟି ହେଉଥିବା ନିର୍ମାଣ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଭାଗୀୟ ଅଧିକାରୀ ମାନେ ଦୃଷ୍ଟି ଦେଇ ଯଥାଶୀଘ୍ର ରାସ୍ତାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

## ବଜାରରେ ରାସାୟନିକ ସାରର ଅଭାବୀ ବିକ୍ରି

# ମୁଣ୍ଡରେ ହାତ ଦେଲେଣି ଚାଷୀ




ରାଜକନିକା ୨୨ /୭(ନୁରେଇ ଖାନ )ଚଳିତ ଖରିଫ ଋତୁର ଧାନଚାଷ ଆରମ୍ଭ ହୋଇଥିବା ବେଳେ ଏବେ ଚାଷରେ ବ୍ୟବହାର ସରକୁ ନେଇ ଚାଷୀ ଚିନ୍ତାରେ। ତମାମ ରାଜ୍ୟରେ ସାରର ଅଭାବ ବିକ୍ରୀର ସିଧା ପ୍ରଭାବ ରାଜକନିକାରେ ଅନୁଭୂତ ହୋଇଛି । ଦୀର୍ଘ କିଛି ମାସ ହେବ ସାରର ଅଭାବି ବିକ୍ରି ଓ ବିଭିନ୍ନ ସ୍ଥାନରେ ରାସାୟନିକ ସାରର ସଙ୍କଟ ଦେଖା ଦେଇଥିବା ବେଳେ ଏହାର ସମାଧାନ ପାଇଁ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତେବେ ରାଜକନିକା ବ୍ଲକରେ ଚଳିତ ବର୍ଷ ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଶାରଦ ଧାନ ଚାଷ ହେବାକୁ ଲକ୍ଷ୍ୟ ରଖଯାଇଥିବା ବେଳେ ଏବେ ଧାନ ତଳି ରୁଆ ହେଉଛି। ବର୍ତ୍ତମାନ ସାରର ଆବଶ୍ୟକତା ଥିବା ବେଳେ ସାର ମିଳୁନଥିବାରୁ ତଳି ବିଶେଷ ବଢି ପାରୁନାହିଁ। ସଠିକ ସମୟରେ ସାର ନ ମିଳିବା ଏବଂ ବଜାରରେ ସାରର ଅଭାବୀ ବିକ୍ରିକୁ ନେଇ ଚାଷୀ ମାନେ ମୁଣ୍ଡରେ ହାତ ଦେଲେଣି। ରାଜ୍ୟରେ ସାରର ନିଅଣ୍ଟିଆ ଯୋଗାଣ ଯୋଗୁ ଚାଷୀ ସାର କିଣିବା ପାଇଁ ବଜାରକୁ ଯାଇ ଦର ଶୁଣି ହତାଶ ହୋଇଛି । ସାରର ସରକାରୀ ସ୍ତରରେ ସ୍ୱଳ୍ପ ଯୋଗାଣ ଯୋଗୁ ବାଧହୋଇ ଖୋଲା ବଜାର ରେ ଚଢ଼ା ଦରରେ ସାର କିଣୁଥିବା ବହୁ ଚାଷୀ ଅଭିଯୋଗ କରୁଛନ୍ତି । ବଜାରରେ ୟୁରିଆ ବସ୍ତା ପିଛା ୩୫୦ ଟଙ୍କା ଥିବାବେଳେ ଏବେ କେଉଁଠି ୫୫୦ ହୋଇଛି । ସେହିପରି ଡ଼ିଏପି ସାର ୫୦ କିଲୋଗ୍ରାମ ବସ୍ତା ପ୍ରତି ୨୨୫୦ରୁ ୨୩୩୦ ଟଙ୍କାରେ ଅସାଧୁ ବ୍ୟବସାୟୀ ଖୋଲା ଭାବେ ଚଢ଼ା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି । ଗ୍ରୋମର ବସ୍ତା ପ୍ରତି ମୂଲ୍ୟ ୨୮ ଶହ ଥିବା ବେଳେ ଏହାକୁ କୃତ୍ରିମ ଅଭାବ ଦେଖାଯାଇ ଖୋଲା ଭାବେ ବିକ୍ରି ହେବା ଫଳ ରେ ପ୍ୟାକେଟ ପିଛା ୪୭ ଶହ ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଯାହାକି ସରକାରୀ ମୂଲ୍ୟ ର ଦୁଇଗୁଣ ରୁ ବି ଅଧିକ । ରାଜକନିକାରେ ମୋଟ ୧୬ ଟି ସମବାୟ ସମିତି ଥିବା ବେଳେ ଅଧିକାଂଶ ସମବାୟ ସମିତି ଏଥର ସାର ଆଣି ନ ଥିବା ଏବଂ ଯାହା ବି ସାର ଆସିଛି, ତାର ଦର ମଧ୍ୟ ଚାଷୀଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ପର୍ଯ୍ୟାପ୍ତ ପରିମାଣରେ ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଥିଲା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି । କଳାବଜାରୀ ବ୍ୟବସାୟୀ ମାନେ ସାର ପାଇଁ ଚାଷୀଙ୍କ ଠାରୁ ମନଇଚ୍ଛା ଟଙ୍କା ନେଉଛନ୍ତି । ରାଜକନିକା ବ୍ଲକରେ ମାଳ ମାଳ ନକଲି ତଥା ଲାଇସେନ୍ସ ବିହୀନ ସାର ଦୋକାନ ଖୋଲିଥିବା ବେଳେ ବ୍ୟବସାୟୀ ମାନେ ୟୁରିଆ, ଗ୍ରୋମର, ପଟାସ ଏବଂ ଡିଏପିର ଦାମ୍ ବୃଦ୍ଧି କରିଛନ୍ତି । ବ୍ଲକ ଅଧିକାଂଶ ସମବାୟ ସମିତିରେ ସାର ନମିଳିବାରୁ ଚାଷୀ ମାନେ ହଇରାଣ ହେଉଛନ୍ତି। ଚାଷୀଙ୍କ ଚାଷ ପାଇଁ ଆବଶ୍ୟକୀୟ ସାର ଦେବା ସମ୍ପର୍କରେ କୃଷି ବିଭାଗର ଅଧିକାରୀଙ୍କୁ ପଚାରିବାରୁ ସେ ଡ଼ିଏପି ବସ୍ତା ପ୍ରତି ୧୯୨୨ ଟଙ୍କା ଓ ୟୁରିଆ ବସ୍ତା ପ୍ରତି ୨୬୬ ଥିବା ବେଳେ ଏଥିରେ ପରିବହନ ଖର୍ଚ୍ଚ ଯୋଡି ବିକ୍ରୀ ହେବା ନିୟମ ରହିଛି ଓ ବ୍ଲକର ଚାଷୀଙ୍କ ଦରକାର ମୁତାବକ ସାରକୁ ପାକ୍ସ ୬୦ ଶତକଡା ଓ ବ୍ୟବସାୟୀ ୪୦ ଶତକଡା ପରିମାଣରେ ଉପଲବ୍ଧ କରିବାକୁ ଜିଲା ବୈଠକରେ ସ୍ଥିର ହୋଇଛି, ସାରର କଳାବଜାରୀ ରୋକିବାକୁ ସ୍କ୍ୱାର୍ଡ ଗଠନ ହେବ ବୋଲି କହିଛନ୍ତି ।

# ‘ବିଶ୍ୱକପ୍ ସିନା ହାରିଲୁ କିନ୍ତୁ ଭାରତୀୟଙ୍କ ମନ ଜିତିଲୁ’ : ଆର୍ଜେଣ୍ଟିନାର ରାଜଦୂତ

ନୂଆଦିଲ୍ଲୀ, ୨୨/୦୭ : ଫୁଟବଲ୍ ଦୁନିଆର ସବୁଠାରୁ ବଡ଼ ମହାକୁମ୍ଭ ‘ଫିଫା ବିଶ୍ୱକପ୍ ୨୦୨୬’ର ରୋମାଞ୍ଚକର ସମାପ୍ତି ଘଟିଛି । ଫାଇନାଲ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ପରାଜୟର ସମ୍ମୁଖୀନ ହୋଇଛି । ଏହି ପରାଜୟରେ ଆର୍ଜେଣ୍ଟିନାର କୋଟି କୋଟି ପ୍ରଶଂସକ ମର୍ମାହତ ହୋଇଥିବା ବେଳେ, ଭାରତରେ ଥିବା ଆର୍ଜେଣ୍ଟିନାର ରାଜଦୂତଙ୍କ ଏକ ବାର୍ତ୍ତା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି । ଫାଇନାଲରେ ହାରିବା ସତ୍ତ୍ୱେ ଆର୍ଜେଣ୍ଟିନା ରାଜଦୂତ ଭାରତୀୟ ପ୍ରଶଂସକମାନଙ୍କୁ ସମ୍ବୋଧିତ କରି କହିଛନ୍ତି "Thank You, India" । ଭାରତ ଫିଫା ବିଶ୍ୱକପ୍ ଖେଳୁ ନଥିଲେ ମଧ୍ୟ, ଏହି ଦେଶରେ ଫୁଟବଲ୍ ପ୍ରତି ଥିବା ପାଗଳାମି କୌଣସି ଗୁଣରେ କମ୍ ନୁହେଁ । ବିଶ୍ୱକପ୍ ସମୟରେ ଭାରତର ଗଳି କନ୍ଦିରେ ଆର୍ଜେଣ୍ଟିନାର ନୀଳ-ଧଳା ପତାକା ଏବଂ ମେସିଙ୍କ ବଡ଼ ବଡ଼ କଟ୍‌ଆଉଟ୍ ଦେଖିବାକୁ ମିଳିଥିଲା । ଭାରତୀୟଙ୍କ ଏହି ଅଦ୍ଭୁତ ଉତ୍ସାହ ଏବଂ ସମର୍ଥନ ଦେଖି ଆର୍ଜେଣ୍ଟିନା ରାଜଦୂତ ଅଭିଭୂତ ହୋଇପଡ଼ିଛନ୍ତି । ଖାଲି ସେତିକି ନୁହେଁ ବିଶ୍ୱକପ୍ ଖେଳ ସମୟରେ ଭାରତ ଯେପରି ଭାବେ ଆର୍ଜେଣ୍ଟିନାକୁ ଲଗାତାର ସମର୍ଥନ ଦେଉଥିଲା ତାହା ବୋତେ ଅଭିଭୁତ କରିଛି ବୋଲି କହିଛନ୍ତି



ଆର୍ଜେଣ୍ଟିନା ରାଜଦୂତ ।

ଆର୍ଜେଣ୍ଟିନା ରାଜଦୂତ ନିଜ ବାର୍ତ୍ତାରେ କହିଛନ୍ତି ଯେ, ‘ଆମେ ଫାଇନାଲରେ ହାରିଥାଇ ପାରୁ, କିନ୍ତୁ ଭାରତୀୟଙ୍କ ହୃଦୟ ଜିତିବାରେ ଆମେ ସଫଳ ହୋଇଛୁ । ବିଶ୍ୱକପ୍ ସାରା ଭାରତର କୋଣ ଅନୁକୋଣରୁ ଆର୍ଜେଣ୍ଟିନା ଦଳ ପାଇଁ ଯେଉଁ ସମର୍ଥନ ଏବଂ ପ୍ରାର୍ଥନା ମିଳିଲା, ତାହା ଅବିଶ୍ୱସନୀୟ । ଆମ ଦଳ ଯେତେବେଳେ ପଡ଼ିଆରେ ଖେଳୁଥିଲା, ସେତେବେଳେ ସେମାନେ ଜାଣିଥିଲେ ଯେ ହଜାର ହଜାର ମାଇଲ୍ ଦୂରରେ ଥିବା ଏକ ଦେଶ ସେମାନଙ୍କ ପାଇଁ ଚିୟର କରୁଛି । ଏହି ଭଲପାଇବା ପାଇଁ ମୁଁ ସମଗ୍ର ଭାରତବାସୀଙ୍କୁ କୃତଜ୍ଞତା ଜଣାଉଛି ।‘

ଆର୍ଜେଣ୍ଟିନା ରାଜଦୂତଙ୍କ ଏହି ବାର୍ତ୍ତା କେବଳ ଖେଳ ସମ୍ପର୍କିତ ନୁହେଁ, ବରଂ ଏହା ଦୁଇ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ଓ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିଛି । ସେ କହିଛନ୍ତି ଯେ, ଖେଳ ସୀମା ବାଧା ମାନେ ନାହିଁ । ଭାରତୀୟମାନେ ପ୍ରମାଣ କରିଛନ୍ତି ଯେ ସେମାନେ କେବଳ କ୍ରିକେଟ୍ ପ୍ରେମୀ ନୁହନ୍ତି, ବରଂ ଫୁଟବଲ୍‌କୁ ମଧ୍ୟ ସେତିକି ଗୁରୁତ୍ୱ ଦିଅନ୍ତି । ତେବେ ଏହି କିଛି ବର୍ଷ ମଧ୍ୟରେ ଭାରତରେ ଆର୍ଜେଣ୍ଟିନାର ପ୍ରଶଂସକଙ୍କ ସଂଖ୍ୟା ବଢିବାରେ ଲାଗିଛି । ରାଜଦୂତଙ୍କ ଏହି ‘ଧନ୍ୟବାଦ’ ବାର୍ତ୍ତା ପରେ ସୋସିଆଲ ମିଡିଆରେ ଭାରତୀୟ ପ୍ରଶଂସକଙ୍କ ପ୍ରତିକ୍ରିୟାର ସୁଅ ଛୁଟିଛି । ଜଣେ ୟୁଜର୍ ଲେଖିଛନ୍ତି, ‘ଆମେ ଆର୍ଜେଣ୍ଟିନାକୁ ଭଲ ପାଉ, କାରଣ ସେମାନେ ଖୁବ୍ ଭଲ ଫୁଟବଲ୍ ଖେଳନ୍ତି । ହାରିବା ବା ଜିତିବା ବଡ଼ କଥା ନୁହେଁ, ଖେଳର ଭାବନା ହିଁ ସବୁଠୁ ବଡ଼ ।‘ ଅନ୍ୟ ଜଣେ ଲେଖିଛନ୍ତି, ‘ମେସି ଏବଂ ଆର୍ଜେଣ୍ଟିନା ସବୁବେଳେ ଆମ ହୃଦୟରେ ରହିବେ ।’

ଫିଫା ବିଶ୍ୱକପ୍ ୨୦୨୬ର ଟ୍ରଫି ହୁଏତ ଆର୍ଜେଣ୍ଟିନା ହାତକୁ ଯାଇନାହିଁ, କିନ୍ତୁ ଭାରତୀୟ ପ୍ରଶଂସକଙ୍କ ସହିତ ସେମାନଙ୍କର ସମ୍ପର୍କ ଏକ ନୂଆ ଶିଖରରେ ପହଞ୍ଚିଛି । ଆର୍ଜେଣ୍ଟିନା ରାଜଦୂତଙ୍କ ଏହି ସୌଜନ୍ୟମୂଳକ ବାର୍ତ୍ତା ପ୍ରମାଣ କରୁଛି ଯେ ଖେଳ ଦୁଇଟି ଭିନ୍ନ ମହାଦେଶ ଓ ସଂସ୍କୃତିକୁ ଏକାଠି ବାନ୍ଧି ରଖିବାର କ୍ଷମତା ରଖେ । ଭାରତ ପାଇଁ ଏହା ଏକ ଗର୍ବର ବିଷୟ ଯେ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ୍ ଖେଳୁଥିବା ଦେଶ ଭାରତୀୟଙ୍କ ଭଲପାଇବାକୁ ସମ୍ମାନ ଜଣାଉଛି । ୨୦୨୬ ବିଶ୍ୱକପ୍ ହୁଏତ ଶେଷ ହୋଇଛି, କିନ୍ତୁ ଭାରତ ଓ ଆର୍ଜେଣ୍ଟିନାର ଏହି ‘ଫୁଟବଲ୍ ବନ୍ଧୁତା’ ଚିରସ୍ଥାୟୀ ହୋଇ ରହିବ ।



ହିଞ୍ଜିଳିକାଟୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ପର୍ଶୁରାମ ଅବତାର

# କାଦୁଅରେ ଖାଲି ପାଦରେ ଚାଲିଲେ ବିରାଟ-ଅନୁଷ୍କା

**ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେଇ ଜିତିଲେ ସମସ୍ତଙ୍କ ମନ**



ବୃନ୍ଦାବନ, ୨୨/୦୭ : ଷ୍ଟାର କ୍ରିକେଟର ବିରାଟ କୋହଲି ଏବଂ ଅଭିନେତ୍ରୀ ଅନୁଷ୍କା ଶର୍ମା ପୁଣି ଥରେ ନିଜର ଆଧ୍ୟାତ୍ମିକ ଶୈଳୀ ପାଇଁ ଚର୍ଚ୍ଚାରେ ଅଛନ୍ତି । ନିକଟରେ ଏହି ଦମ୍ପତି ବୃନ୍ଦାବନ ଗସ୍ତ କରି ଭକ୍ତିର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ବିରାଟ ଓ ଅନୁଷ୍କା ବୃନ୍ଦାବନର ଗଳିରେ କାଦୁଅ ଥିବା ସତ୍ତ୍ୱେ ଖାଲି ପାଦରେ ଚାଲୁଥିବାର ଦେଖିବାକୁ ମିଳିଥିଲା । ସେମାନଙ୍କର ଏହି ସରଳତା ଏବଂ ନମ୍ରତା ସୋସିଆଲ ମିଡିଆରେ ଭାଇରାଲ ହେବା ସହ କୋଟି କୋଟି ପ୍ରଶଂସକଙ୍କ ମନ ଜିତିଛି । ନିଜର ଏହି ଗସ୍ତ ସମୟରେ ବିରାଟ ଏବଂ ଅନୁଷ୍କା ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ଜୀ ମହାରାଜଙ୍କୁ ଭେଟିଥିଲେ । ସେମାନେ ମହାରାଜଙ୍କ ଆଶ୍ରମରେ ପହଞ୍ଚି ତାଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ କିଛି ସମୟ ଧରି ତାଙ୍କର ଆଧ୍ୟାତ୍ମିକ ପ୍ରବଚନ ଶୁଣିଥିଲେ । ଭିଡିଓରେ ଦେଖିବାକୁ ମିଳିଛି ଯେ, ଉଭୟ ଅତ୍ୟନ୍ତ ଭକ୍ତିର ସହ ହାତ ଯୋଡ଼ି ବସିଛନ୍ତି ଏବଂ ମହାରାଜଙ୍କ ପ୍ରତି ଶ୍ରଦ୍ଧା ଅର୍ପଣ କରୁଛନ୍ତି ।

ସେଠାରେ ଉପସ୍ଥିତ ଥିବା ଭକ୍ତ ଏବଂ ସ୍ଥାନୀୟ ଲୋକଙ୍କୁ ବିରାଟ ଓ ଅନୁଷ୍କା ଅତ୍ୟନ୍ତ ଆନ୍ତରିକତାର ସହ ’ରାଧେ-ରାଧେ’ କହି ଅଭିବାଦନ ଜଣାଇଥିଲେ । ଜଣେ ବିଶ୍ୱସ୍ତରୀୟ ସେଲିବ୍ରିଟି ହୋଇ ମଧ୍ୟ ସେମାନଙ୍କର ଏପରି ଅହଂକାରଶୂନ୍ୟ ବ୍ୟବହାର ଏବଂ ଧର୍ମ ପ୍ରତି ଥିବା ଗଭୀର ଆସ୍ଥା ସମସ୍ତଙ୍କୁ ପ୍ରଭାବିତ କରିଛି । କେବଳ କ୍ରିକେଟ୍ ମୈଦାନ ନୁହେଁ, ବରଂ ବ୍ୟକ୍ତିଗତ ଜୀବନରେ ମଧ୍ୟ ସେମାନେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ କେତେ ସମ୍ମାନ ଦିଅନ୍ତି । ସାରା ଦେଶରେ ଏହି ‘ବିରୁଷ୍କା‘ ଯୋଡ଼ିଙ୍କୁ ନେଇ ବେଶ୍ ପ୍ରଶଂସା କରାଯାଉଛି ।

ରାଜ୍ୟ ୧୩ବର୍ଷରୁ କମ୍ ଚେସ୍

# ମନୀଷ ଓ ନୈନିକା ବିଜେତା, ସତ୍ୟ, ରଞ୍ଜନ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୨/୦୭ : ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍‌ର ତତ୍ତ୍ୱାବଧାନରେ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏସନ୍ (ଜୁକା) ଦ୍ୱାରା ଆୟୋଜିତ ଓଡ଼ିଶା ରାଜ୍ୟ ୧୩ ବର୍ଷରୁ କମ୍ ଓପନ୍ ଏବଂ ବାଳିକା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ଯାଜପୁରର ଜରକାସ୍ଥିତ ଧର୍ମଶାଳା ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଜୁକା ସଭାପତି ତପନ ସାରଙ୍ଗୀ ଏବଂ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ଚେସ୍ ପ୍ରଶିକ୍ଷକ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ସେହିଭଳି ରଞ୍ଜନ ମହାନ୍ତି (ଆଇଆରଏସ, ଆୟକର ସହାୟକ କମିଶନର ଏବଂ ଏଆଇସିଏଫ୍ ଇଭେଣ୍ଟସ୍ କମିସନର)ଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ଓପନ୍ ବିଭାଗରେ ମନୀଷ ମିଶ୍ର (ଖୋର୍ଦ୍ଧା) ବିଜେତା ହୋଇଥିଲା ବେଳେ ସାୟାଂଶ ଦାସ ଉପବିଜେତା ଏବଂ ସନାଲ ବୈଭବ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବାଳିକା ବର୍ଗରେ ନୈନିକା ସାହୁ (ଖୋର୍ଦ୍ଧା) ବିଜୟିନୀ ହୋଇଥିଲେ । ସେହିଭଳି ଆର୍ନିକା ଦାସ ଉପବିଜୟିନୀ ଏବଂ ସାରଦା ଭାଗ୍ୟ କାମିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଭିନ୍ନ ବୟସ ବର୍ଗର ଯୁବ ଚାମ୍ପିଅନମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟ୍ରଫି ସହିତ ସମ୍ମାନିତ କରାଯାଇଥିଲା । ଜୁକାର ଯୁଗ୍ମ ସଚିବ ରଶ୍ମି ରଞ୍ଜନ ସାହାଣୀଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ ସମାରୋହ ଶେଷ ହୋଇଥିଲା ।

# ପାଣି ମିଟର ସିରିଜ ଚୋରି ଘଟଣାର ପର୍ଦ୍ଦାଫାସ କରିପାରୁନି ପୁଲିସ

ଖଣ୍ଡପଡ଼ା, ୨୨।୭ (ଅକ୍ଷର ଓଡ଼ିଶା) ଗତ ୧ ମାସ ମଧ୍ୟରେ ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡରୁ ଲୁଟେରାମାନେ ପାଣି ମିଟର ଗୁଡିକ ଚୋରୀ କରି ନେଇଥିବା ଜଣାପଡିଛି । ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ପୁଲିସ ନାମକୁ ମାତ୍ର ଏକ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ଜଣାଯାଇଛି । ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ଖଣ୍ଡପଡ଼ା ପୁଲିସ ଲୁଟେରାଙ୍କ ସଂପର୍କରେ କୌଣସି ସୂଚନା ନ ପାଇବା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସହର ସାରା ଆଲୋଚନା ହେଉଛି । ସହରର ବିଭିନ୍ନ ସ୍ଥାନରୁ ପାଣି ମିଟର ସିରିଜ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ ପୁଲିସର ବିଫଳତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ପରୋକ୍ଷରେ ପୁଲିସର ଦୁର୍ବଳତାକୁ ନେଇ ଲୁଟେରାମାନେ ବେଶ ସକ୍ରୀୟ ହୋଇ ଉଠିଥିବା ଜଣାପଡିଛି । ବିଳମ୍ବିତ ରାତିରେ ଲୁଟେରାମାନେ ପାଣି ମିଟର ଗୁଡିକ ଚୋରୀ କରି ନେଇ ସେଥିରେ ଲାଗିଥିବା ପିତ୍ତଳ ସାମଗ୍ରୀ ଗୁଡିକୁ ଆଖପାଖ ଅଞ୍ଚଳର କବାଡିଆ ଦୋକାନୀଙ୍କୁ ଶାଗମାଛ ଦରରେ ବିକ୍ରୀ କରି ଦେଉଥିବା ଅଭିଯୋଗ ହେଉଛି । ଖଣ୍ଡପଡା ଏସଡିପିଓ ଓ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ସାଇବର ସୁରକ୍ଷା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୨।୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରସ୍ଥିତ ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ସାଇବର ସୁରକ୍ଷା ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି ।ବ୍ୟାଙ୍କ ଶାଖା ପରିଚାଳକ ଦିବ୍ୟ କୁମାର ପରିଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପେନସନ ଉପଭୋକ୍ତାଙ୍କ ସମେତ ଖଣ୍ଡପଡ଼ା ସହରାଞ୍ଚଳରୁ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ । ସମୟାନୁକ୍ରମେ ସାଇବର ଅପରାଧ ଯୋଗୁଁ ଜନସାଧାରଣ ଠକାମୀର ଶିକାର ହେଉଥିବାରୁ ଏହାକୁ ନଜରରେ ରଖି ଏ ଦିଗରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦିଆ ଯାଇଥିଲା । ସାଇବର ଠକମାନେ ବିଭିନ୍ନ ସମୟରେ ଅସଦ ଉପାୟ ଅବଲମ୍ବନ କରି ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ କିଭଳି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି ସେ ସଂପର୍କରେ ଶାଖା ପରିଚାଳକ ସୂଚନା ପ୍ରଦାନ କରିଥିଲେ । ତେବେ ସଚେତନତା ହିଁ ସାଇବର ଅପରାଧକୁ ରୋକି ପାରିବ ବୋଲି ମତ ପ୍ରକାଶ ପାଇଥିଲା । ମୋବାଇଲକୁ ଆସୁଥିବା ବେନାମୀ କଲ ଗୁଡିକରୁ ଦୁରେଇ ରହିବା ସହ ଏ ସଂପର୍କରେ ତ୍ୱରିତ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ପୁଲିସ ଓ ସାଇବର ଥାନା କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାକୁ ପରାମର୍ଶ ଦିଆ ଯାଇଥିଲା ।

# ସେପ୍ଟେମ୍ବରରେ ଅବସର ନେବେ ରୋନାଲ୍‌ଡୋ



ଲିସ୍‌ବନ୍, ୨୨/୦୭ : ପର୍ତ୍ତୁଗାଲ ଫୁଟ୍‌ବଲ୍ କିଂବଦନ୍ତି କ୍ରିଷ୍ଟିଆନୋ ରୋନାଲ୍‌ଡୋ ଚଳିତ ବର୍ଷ ସେପ୍ଟେମ୍ବରରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ଅବସର ନେଇପାରନ୍ତି । ଏହି ୪୧ ବର୍ଷୀୟ ତାରକା ଖେଳାଳି ନିଜ ୨୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର ପର୍ତ୍ତୁଗାଲ୍‌ର ୱେଲ୍‌ସ ବିପକ୍ଷ ୟୁଫା ନେସନ୍ସ ଲିଗ୍ ମ୍ୟାଚ୍‌ରେ ଶେଷ କରି ପାରନ୍ତି । ଏହି ମ୍ୟାଚ୍ ସେପ୍ଟେମ୍ବର ୨୪ରେ ଲସ୍‌ବନ୍‌ସ୍ଥିତ ଜୋସ୍ ଅଲ୍‌ଭାଲାଡେ ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ଷ୍ଟାଡିୟମ୍‌ରେ ରୋନାଲ୍‌ଡୋ ୨୦୦୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ରୋନାଲ୍‌ଡୋଙ୍କ ନାମରେ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ୍ ରେକର୍ଡ ରହିଛି । ସେ ତାଙ୍କ ୨୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ୨୩୩ ମ୍ୟାଚ୍ ଖେଳି ୧୪୬ ଗୋଲ୍ ଦେଇଥିଲା ବେଳେ ୪୬ଟିରେ ସହଯୋଗ କରିଛନ୍ତି । ତାଙ୍କ ନାଁରେ ମଧ୍ୟ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବାର ରେକର୍ଡ ରହିଛି । ତାଙ୍କ ନେତୃତ୍ୱରେ ପର୍ତ୍ତୁଗାଲ୍ ୩ ଟ୍ରଫି, ୟୁଫା ୟୁରୋ ୨୦୧୬ ସହ ୨୦୧୯ ଓ ୨୦୨୫ରେ ୟୁଫା ନେସନ୍ସ ଲିଗ୍ ଜିତିଛି ।

# ସ୍ୱର୍ଗତ ତ୍ରିଲୋଚନଙ୍କୁ କଂଗ୍ରେସ ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଆଠଗଡ଼,୨୨/୭(ଅକ୍ଷର ଓଡ଼ିଶା) ଆଠଗଡ ବ୍ଲକ ଅନ୍ତର୍ଗତ ରାଧାଗୋବିନ୍ଦପୁର ଗ୍ରାମପଞ୍ଚାୟତ ଜଣେ ଆଗଧାଡିର କାର୍ଯ୍ୟକର୍ତ୍ତା ସ୍ୱର୍ଗତ ତ୍ରିଲୋଚନ ବରାଳଙ୍କ ଏକଦଶାହରେ ଆଠଗଡ ବ୍ଲକ କଂଗ୍ରେସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ କଂଗ୍ରେସ ସଭାପତି କିରଣ ବିହାରୀ ଖଟୁଆଙ୍କ ଅଧ୍ୟକ୍ଷତାରେ ରାଧା ଗୋବିନ୍ଦପୁର ବାସଭବନ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ନିଜ ବକ୍ତବ୍ୟରେ ସ୍ୱର୍ଗତ ତ୍ରିଲୋଚନ ବରାଳ କଂଗ୍ରେସର ଜଣେ ଦୃଢ଼ ସଂଗଠକ ଭାବରେ ନିଜ ପଞ୍ଚାୟତରେ କାର୍ଯ୍ୟ କରୁଥିଲେ ।ଦୀର୍ଘ ୨୬ ବର୍ଷ ହେଲା କଂଗ୍ରେସ କ୍ଷମତାରେ ନଥିଲେ ମଧ୍ୟ ସେ ପ୍ରଲୋଭିତ ହୋଇ ଅନ୍ୟଦଳକୁ ନଯାଇ ଏକନିଷ୍ଠା ଭାବେ ଦଳ ପାଇଁ କାର୍ଯ୍ୟ କରି ଆସୁଥିଲେ ।ତାଙ୍କର ଅକାଳ ବିୟୋଗ ଦଳପାଇଁ ଅପୂରଣୀୟ କ୍ଷତି ଆଣିଛି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ବୋଡେନ, ୨୨/୭ (ଅକ୍ଷର ଓଡ଼ିଶା): ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବୋଡେନ ବିଡିଓ ଚିନ୍ମୟ କୁମାର ସାଗର ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡିଏସଏସଓ ଅନନ୍ତ ହେରାମ୍ବ, ଭିନ୍ନକ୍ଷମ ସମିତି ସମ୍ପାଦକ ଦିଲ୍ଲୀପ ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ବିଜୟ ବେହେରା, ସମାଜସେବୀ ଅରବିନ୍ଦ ବେହେରା ଓ ଏବିଇଓ ଅମୂଲ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଏସଏସଓ କୁମର ମାଝୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିବିରରେ ମୋଟ ୩୨୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ ସେବା ପାଇଁ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରେ ଅସ୍ଥିଶଲ୍ୟ ବିଭାଗରେ ୧୪୫ ଜଣ, ଶ୍ରବଣ ଶକ୍ତି ସମସ୍ୟାରେ ୫୧ ଜଣ, ଦୃଷ୍ଟି ବାଧିତ ୩୭ ଜଣ, ରକ୍ତ ଶିକୁଳି (ସିକଲ୍ ସେଲ୍) ୨୭ ଜଣ, ମାନସିକ ଅନଗ୍ରସର ୪୨ ଜଣ, ଭିନ୍ନକ୍ଷମ ପେନ୍‌ସନ ପାଇଁ ୧୫ ଜଣ ଓ ବସ୍ ପାସ୍ ପାଇଁ ୧୨ ଜଣ ପଞ୍ଜୀକରଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟ ଚିତ୍ତରଞ୍ଜନ ଦଣ୍ଡସେନା, କିରାଣୀ ପ୍ରଶ୍ନନ ମେହେର, କେଶବ ମେହେର, ଅଜୟ ପ୍ରଧାନ, ପିଇଓ ତାପସ ଅଗସ୍ତି, କ୍ଷମା ସୁନାନୀ, ଗୁର୍ଜୁ ହଂସ, ଏନଏସଏସ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ସହଯୋଗ କରିଥିଲେ ।







ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera